# ଧରିତ୍ରୀ
DHARITRI

ରାୟଗଡ଼ା, ଶନିବାର, ଜୁଲାଇ ୩/୨୦୨୧ (୧୨ ପୃଷ୍ଠା) | Rayagada, Saturday, July 3/2021 ★

୧୧ଶ ଭାଗ ୧୪୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-




## ଇନ୍‌ଷ୍ଟାଗ୍ରାମ ପୋଷ୍ଟ ପାଇଁ ୩ କୋଟି

ଇନ୍‌ଷ୍ଟାଗ୍ରାମର ରିଚ୍ ଲିଷ୍ଟ ୨୦୨୧ରେ ସ୍ଥାନ ପାଇଥିବା ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏହି ସୋସିଆଲ ମିଡିଆ ପ୍ଲାଟଫର୍ମରେ ଗୋଟିଏ ପୋଷ୍ଟ ପାଇଁ ୩ କୋଟି ନେଇଥାନ୍ତି। ୧୦

୦୯

## ମାନା ପଟେଲଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା

ମାନା ପଟେଲ ଭାରତର ପ୍ରଥମ ମହିଳା ସନ୍ତରଣକାରୀ ଭାବେ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।








# ରାଜଧାନୀରେ ପେଟ୍ରୋଲ ୧୦୦



ଭୁବନେଶ୍ୱର ୟୁନିଟ୍-୨ସ୍ଥିତ ଏକ ପେଟ୍ରୋଲ ପମ୍ପରେ ଶୁକ୍ରବାର ଲୋକେ ତେଲ ପକାଉଛନ୍ତି।

**ଭୁବନେଶ୍ୱର,୨।୭(ବ୍ୟୁରୋ)**

ଦୁଇଦିନର ବିରତି ପରେ ଶୁକ୍ରବାର ପୁଣି ପେଟ୍ରୋଲ ଦର ବଢ଼ିଛି। ଭୁବନେଶ୍ୱରରେ ପେଟ୍ରୋଲ ୩୬ ପଇସା ବଢ଼ିବା ଯୋଗୁ ଦର ପ୍ରଥମ ଥର ଲାଗି ୧୦୦.୦୧ ଟଙ୍କା ଛୁଇଁଥିବା ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍(ବିପିସିଏଲ୍) ପକ୍ଷରୁ ସୂଚନା ମିଳିଛି। ଏହି ସମୟରେ ଡିଜେଲ ଦର ଅପରିବର୍ତ୍ତିତ ୯୭.୨୫ ଟଙ୍କା ରହିଛି। ଓଡ଼ିଶାରେ ମେ ୪ ପରଠାରୁ ତେଲ ଦର ୩୩ ଥର ବଢ଼ିବା ଯୋଗୁ ପେଟ୍ରୋଲ ୮. ୮୩ ଟଙ୍କା ଏବଂ ଡିଜେଲ ୯.୨୧ ଟଙ୍କା ମହଙ୍ଗା ହୋଇଛି। ତେଲ ଦର ଯେଉଁଭଳି ଲଗାତର ବଢ଼ିଚାଲିଛି ରାଜଧାନୀରେ ଡିଜେଲ ମଧ୍ୟ ଶୀଘ୍ର ୧୦୦ ଟଙ୍କା ଛୁଇଁବା ନେଇ ଆଶଙ୍କା କରାଯାଉଛି।

### ଡିଜେଲ ୯୭ ଟଙ୍କା

### ଅତ୍ୟାବଶ୍ୟକ ସାମଗ୍ରୀ ଦାମ୍ ଆହୁରି ବଢ଼ିବ: ବିଶେଷଜ୍ଞ

ଶୁକ୍ରବାର ରାଜ୍ୟର ୨୭ ଜିଲାରେ ପେଟ୍ରୋଲ ୧୦୦ ଟଙ୍କା ଟପିଛି। ଡିଜେଲ ୬ ଜିଲାରେ ୧୦୦ ଟଙ୍କାରେ ବିକ୍ରି ହେଉଛି। କଟକରେ ପେଟ୍ରୋଲ ଏବଂ ଡିଜେଲ ଦର ଯଥାକ୍ରମେ ୧୦୦.୩୨ ଟଙ୍କା ଏବଂ ୯୭.୫୫ ରହିଛି। ସେହିଭଳି ମାଲକାନଗିରିରେ ପେଟ୍ରୋଲ ୧୦୨.୩୬ ଟଙ୍କା, ବାଲିମେଳାରେ ୧୦୪.୩୦ ଟଙ୍କା ଏବଂ କାଲିମେଳାରେ ସର୍ବାଧିକ ୧୦୫.୩୦ ଟଙ୍କା ଛୁଇଁଛି।

ତେଲ ଦର ଆକାଶଛୁଆଁ ହୋଇଥିବାରୁ ଲୋକଙ୍କ ଚିନ୍ତା ବଢ଼ିଯାଇଛି। ଲୋକେ କରୋନା ମହାମାରୀ ସଙ୍କଟ ଦେଇ ଗତି କରୁଥିବା ବେଳେ ତେଲ ଦରରେ ଅହେତୁକ ବୃଦ୍ଧି ପକେଟକୁ ବାଧୁଛି। ଉଲ୍ଲେଖଯୋଗ୍ୟ, ଗୁରୁବାର ଏଲ୍‌ପିଜି ସିଲିଣ୍ଡର ପିଛା ୨୫.୫୦ ଟଙ୍କା ବଢ଼ିଛି। ତେଲ ଉଚ୍ଚରେ ରହିବା ଫଳରେ ଏହାର ପ୍ରଭାବ ଅର୍ଥ ବ୍ୟବସ୍ଥା ଉପରେ ପଡୁଛି। ଡିଜେଲ ମହଙ୍ଗା ହେବାରୁ ପରିବହନ ଖର୍ଚ୍ଚ ପୂର୍ବ ତୁଳନାରେ ବଢ଼ିଛି। ଏହାର ସିଧାସଳଖ ପ୍ରଭାବ ସାମଗ୍ରୀ ଉପରେ ପଡ଼ିବା ଯୋଗୁ ଦରଦାମ ମଧ୍ୟ ବଢ଼ିଚାଲିଛି। ଫଳରେ ଖାଉଟି ହନ୍ତସନ୍ତ ହେଉଛନ୍ତି।

ତେଲର ବର୍ଦ୍ଧିତ ଦରକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଯାଇଛି। ବିଶେଷଜ୍ଞଙ୍କ ମତରେ ଏହି ଦର ବୃଦ୍ଧି ଲାଗି ୩ କାରଣ ବିଶେଷ ଭାବେ ଦାୟୀ। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ୨୦୧୮ ପରଠାରୁ ସର୍ବୋଚ୍ଚ ସ୍ତର ୭୫ ଡଲାର ଛୁଇଁଛି। ☞ପୃଷ୍ଠା-୪

**ହିସାବ କହୁଛି**

| | |
|---|---|
| ପେଟ୍ରୋଲ ମୂଳ ଦର ୪୦.୪୧ | ଡିଜେଲ ମୂଳ ଦର ୪୨.୫୪ |
| କେନ୍ଦ୍ର ଟିକସ ୩୨.୯୦ | କେନ୍ଦ୍ର ଟିକସ ୩୧.୮୦ |
| ରାଜ୍ୟ ନେଉଛି ୨୩.୪୦ | ରାଜ୍ୟ ନେଉଛି ୨୦.୮୦ |
| ଡିଲର କମିଶନ ୩.୩୦ | ଡିଲର କମିଶନ ୨.୧୧ |

# ବଢୁଛି ସଂକ୍ରମଣ: ଓଡ଼ିଶାରେ କେନ୍ଦ୍ରୀୟ ଟିମ୍

**ଭୁବନେଶ୍ୱର,(ବ୍ୟୁରୋ)/ ନୂଆଦିଲ୍ଲୀ, ୨।୭**

କୋଭିଡ୍-୧୯ର ଦ୍ୱିତୀୟ ଲହର ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିନାହିଁ। କେତେକ ରାଜ୍ୟରେ ସଂକ୍ରମଣ ହାର ବଢୁଥିବାରୁ କେନ୍ଦ୍ର ସରକାର ଚିନ୍ତାପ୍ରକଟ କରିଛନ୍ତି। ସଂକ୍ରମଣ ବଢୁଥିବା ଓଡ଼ିଶା ସମେତ ୬ଟି ରାଜ୍ୟ ଅରୁଣାଚଳ ପ୍ରଦେଶ, କେରଳ, ତ୍ରିପୁରା, ଛତିଶଗଡ଼ ଏବଂ ମଣିପୁରକୁ କେନ୍ଦ୍ର ସରକାର ବହୁମୁଖୀ ଉଚ୍ଚସ୍ତରୀୟ ଟିମ୍ ପଠାଇଛନ୍ତି। ଏହି ଟିମ୍ କୋଭିଡ୍-୧୯କୁ ନିୟନ୍ତ୍ରଣ କରିବା ଓ କଣ୍ଟେନମେଣ୍ଟ ପଦକ୍ଷେପ ନେବାରେ ରାଜ୍ୟ ସରକାରଙ୍କୁ ସହାୟତା କରିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଉପରୋକ୍ତ ରାଜ୍ୟଗୁଡ଼ିକ ସମ୍ମୁଖୀନ ହେଉଥିବା ବିଭିନ୍ନ ଚ୍ୟାଲେଞ୍ଜକୁ ଅନୁଧ୍ୟାନ କରିବା ପରେ ଉକ୍ତ ଟିମ୍ କୋଭିଡ୍ ମୁକାବିଲାଜନିତ ପରିଚାଳନାଗତ ତ୍ରୁଟି ସୁଧାରିବା ଓ ଆବଦ୍ଧାଞ୍ଚଳ ପଦକ୍ଷେପ ନେବାରେ ସରକାରଙ୍କୁ ପରାମର୍ଶ ଦେବ। ପ୍ରତି ରାଜ୍ୟକୁ ପଠାଯାଇଥିବା ଉଚ୍ଚସ୍ତରୀୟ ଟିମ୍‌ରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ରହିଛନ୍ତି। ଏଆଇଆଇଏଚ୍ ଆଣ୍ଡ ପିଏଚ୍‌ର ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ଏ. ଡାନ୍‌ଙ୍କ ନେତୃତ୍ୱରେ ଏକ କେନ୍ଦ୍ରୀୟ ଟିମ୍ ଓଡ଼ିଶା ଆସିଛି। ଉକ୍ତ ଟିମ୍ ରାଜ୍ୟ ଗସ୍ତ କରି କୋଭିଡ୍ ପରିଚାଳନା ବିଶେଷକରି ଟେଷ୍ଟିଂ, ଟ୍ରେସିଂ, କଣ୍ଟେନ୍‌ମେଣ୍ଟ ପଦକ୍ଷେପ, କୋଭିଡ୍ ନିୟମାବଳୀ ପାଳନ ହେଉଛି କି ନାହିଁ ତାହାର ଅନୁଧ୍ୟାନ କରିବ। ଏଥିସହିତ କେତେ ହସ୍ପିଟାଲ ବେଡ୍ କୋଭିଡ୍ ରୋଗୀଙ୍କ ପାଇଁ ଉପଲବ୍ଧ ରହିଛି, ଆମ୍ବୁଲାନ୍ସ, ☞ପୃଷ୍ଠା-୪

# ୭୦% ସିଲାବସ୍‌ରେ ହେବ ମାଟ୍ରିକ ପରୀକ୍ଷା

**ଭୁବନେଶ୍ୱର, ୨।୭ (ବ୍ୟୁରୋ)/ ପୁରୀ ଅଫିସ**

ବିନା ପରୀକ୍ଷାରେ ମାଟ୍ରିକ ମୂଲ୍ୟାୟନ ଓ ଫଳାଫଳକୁ ନେଇ ଅସନ୍ତୁଷ୍ଟ ଥିବା ଛାତ୍ରୀଛାତ୍ର ଅଫ୍‌ଲାଇନ୍‌ରେ ପରୀକ୍ଷା ଦେବାକୁ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଅନୁରୋଧ କରିଛନ୍ତି। ଶୁକ୍ରବାର ପୁରୀଠାରେ ମନ୍ତ୍ରୀ କହିଛନ୍ତି, ଯେଉଁମାନେ ନମ୍ବରକୁ ନେଇ ଅସନ୍ତୁଷ୍ଟ ଅଛନ୍ତି ସେମାନେ ପୁଣିଥରେ ପରୀକ୍ଷା ଦିଅନ୍ତୁ। ୧୫ ଦିନ ଭିତରେ ତାଙ୍କ ପରୀକ୍ଷାଫଳ ପ୍ରକାଶ କରିବା ପାଇଁ ବୋର୍ଡ ପକ୍ଷରୁ ଉଦ୍ୟମ କରାଯିବ। ପରୀକ୍ଷାଫଳ ପ୍ରକାଶ ପାଇବା ପରେ ଯୁକ୍ତ ୨ରେ ନାମଲେଖା କ୍ଷେତ୍ରରେ ମଧ୍ୟ ଏହି ନମ୍ବର ବିଚାରକୁ ନିଆଯିବ। ତେବେ ୭୦ ପ୍ରତିଶତ ସିଲାବସ୍‌କୁ ନେଇ ମାଟ୍ରିକ ପରୀକ୍ଷା ହେବ। କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ପରୀକ୍ଷା କରାଯିବ। ପ୍ରଶ୍ନପତ୍ର କିଭଳି କରାଯିବ ସେନେଇ ବୋର୍ଡ ନିଷ୍ପତ୍ତି ନେବ ବୋଲି ମନ୍ତ୍ରୀ ଦାଶ କହିଛନ୍ତି।

### ୧୫ ଦିନରେ ରେଜଲ୍ଟ

ସୂଚନାଯୋଗ୍ୟ, କରୋନା ପାଇଁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ହୋଇପାରି ନ ଥିଲା। ବିକଳ୍ପ ମୂଲ୍ୟାୟନ କରାଯାଇ ଗତ ୨୫ ତାରିଖରେ ଫଳ ପ୍ରକାଶ ପାଇଥିଲା। ରେକର୍ଡ ପାସ୍ ହାର ୯୭.୮% ରହିଥିଲା। ତେବେ ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନ ଅଭିଯୋଗ ଆଣିବା ସହ ନମ୍ବର ବଢ଼ାଇବାକୁ ଦାବି କରି ରାଜ୍ୟର ବିଭିନ୍ନ ସ୍ଥାନରେ ଅସନ୍ତୁଷ୍ଟ ଛାତ୍ରୀଛାତ୍ର ଓ ଅଭିଭାବକ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏହାପରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଅଫ୍‌ଲାଇନ୍‌ରେ ମାଟ୍ରିକ ପରୀକ୍ଷା କରିବାକୁ ଗତ ଗୁରୁବାର ବିଜ୍ଞପ୍ତି ପ୍ରକାଶ କରିବା ସହ ପରୀକ୍ଷା ସୂଚୀ ଘୋଷଣା କରିଛି। ଆସନ୍ତା ୩୦ ତାରିଖରୁ ଏହି ଅଫ୍‌ଲାଇନ ପରୀକ୍ଷା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ସଞ୍ଚାର ଭବନରେ ନିରାଶା

# ନେରେଡିରେ ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ

**ଗୁଣପୁର/କାଶୀନଗର, ୨।୭ (ଡି.ଏନ.ଏ)**

- ଟ୍ରିବ୍ୟୁନାଲ ସବୁଜ ସଙ୍କେତ ପରେ ପ୍ରକଳ୍ପ ନିର୍ମାଣ ନେଇ ଅନୁଧ୍ୟାନ
- ରାଜ୍ୟ ସରକାରଙ୍କ ପାଖରେ ଖବର ନାହିଁ: ଭାଜପା

ଆନ୍ଧ୍ର ପ୍ରଦେଶର ନେରେଡିଠାରେ ବ୍ୟାରେଜ ନିର୍ମାଣ ପାଇଁ ବଂଶଧାରା ଜଳ ବିବାଦ ଟ୍ରିବ୍ୟୁନାଲ ଜୁନ୍ ୨୧ରେ ଆନ୍ଧ୍ରକୁ ସବୁଜ ସଙ୍କେତ ଦେଇଛନ୍ତି। ଏହି ରାୟ ପରେ ଓଡ଼ିଶା ସରକାରଙ୍କ ଅପାରଗତାକୁ ନେଇ ରାୟଗଡ଼ା ଜିଲାର ଗୁଣପୁର ଏବଂ ଗଜପତି ଜିଲାର କାଶୀନଗର ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଏପରି ସ୍ଥିତିରେ ଶୁକ୍ରବାର ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ ଧାର୍ମନା କ୍ରିଷ୍ଣା ଦାସ, ଜଳ ସମ୍ପଦ ମନ୍ତ୍ରୀ ଅନିଲ୍ କୁମାର ଯାଦବ, ପାଲକୁଣ୍ଡା ବିଧାୟକ ଭି. କଳାବତି, ପାତପାଟଣା ବିଧାୟକ ରେଡି ଶାନ୍ତି, ବିଧାନ ପରିଷଦ ସଭ୍ୟ(ଏମ୍‌ଏଲ୍‌ସି) ଡି. ଶ୍ରୀନିବାସ, ଜିଲାପାଳ, ଜଳ ସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ☞ପୃଷ୍ଠା-୪

# ଚାଇନା ମରୁଭୂମିରେ ୧୨୦ ସାଇଲୋ

**ଦୁନିଆ ଦଖଲର ସ୍ୱପ୍ନ ଦେଖୁଥିବା ଚାଇନାର ଏକ ବୃହତ୍ ସାମରିକ ଭିତ୍ତିଭୂମି ନିର୍ମାଣ ଶକ୍ତିଶାଳୀ ଆମେରିକାର ନିଦ ହଜାଇଦେଇଛି। ଚାଇନା ଯୁଦ୍ଧକାଳୀନଭିତ୍ତିରେ ୧୨୦ ନୂଆ ସାଇଲୋ(ଭୂତଳ କ୍ଷେପଣାସ୍ତ୍ରାଗାର) ନିର୍ମାଣ କରୁଛି। ଏହାର ଅର୍ଥ ହେଉଛି, ବିସ୍ତାରବାଦୀ ଦେଶର ପରମାଣୁ ଅସ୍ତ୍ରାଗାରରେ ଆବଶ୍ୟକତାଠାରୁ ଅଧିକ ଆଣବିକ ଅସ୍ତ୍ର ମହଜୁଦ ରହିଛି। ବେଜିଂର କ୍ଷେପଣାସ୍ତ୍ର ନିର୍ମାଣ ଯୋଜନାକୁ ନେଇ ୱାଶିଂଟନ ଏକ ରିପୋର୍ଟରେ ଚିନ୍ତାବ୍ୟକ୍ତ କରିଛି।**

**ୱାଶିଂଟନ/ହଂକଂ,୨।୭**

ସାଇଲୋ ହେଉଛି ଏପରି ଷ୍ଟୋରେଜ କଣ୍ଟେନର, ଯାହା ଭିତରେ ଦୂରଗାମୀ କ୍ଷେପଣାସ୍ତ୍ର ରଖାଯାଇଥାଏ। ଏହି କ୍ଷେପଣାସ୍ତ୍ର ଗୋଟିଏ ମହାଦେଶରୁ ଅନ୍ୟ ମହାଦେଶକୁ ଆକ୍ରମଣ କରିପାରିଥାଏ। ଚାଇନା ଅନେକ ବିପଜ୍ଜନକ କ୍ଷେପଣାସ୍ତ୍ର ପରୀକ୍ଷା ପାଇଁ ଗୁପ୍ତ ଯୋଜନା କରୁଛି। ଆଣବିକ ବାଲାଷ୍ଟିକ୍ ମିଶାଇଲ ପାଇଁ ବେଜିଂ ପକ୍ଷରୁ କ୍ଷେତ୍ର ପ୍ରସ୍ତୁତି ଜାରି ରହିଛି। ଆମେରିକାର ଜେମ୍ସ ମାର୍ଟିନ୍ ସେଣ୍ଟର ଫର୍ ନନ୍‌ପ୍ରଲିଫିରେଶନ ଷ୍ଟଡିଜ୍ ଶୀର୍ଷକ ରିପୋର୍ଟରେ ଏହା ପ୍ରଘଟ ହୋଇଛି। ଉକ୍ତ ଆଣବିକ କ୍ଷେପଣାସ୍ତ୍ରଗୁଡ଼ିକ ଆମେରିକାକୁ ଟାର୍ଗେଟ କରିବା ସାମର୍ଥ୍ୟ ବହନ କରୁଥିବାରୁ ଏସିଆରେ ୱାଶିଂଟନର ସାମରିକ ରଣନୀତି ସମୀକରଣ ବଦଳିପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଆମେରିକା ବହିର୍ବ୍ୟାପାର ବିଭାଗ ମୁଖପାତ୍ର ନେଡ୍ ପ୍ରାଇସ୍ କହିଛନ୍ତି, ଚାଇନା ଲୁଚାଛପାରେ ନିଜ ମିଶାଇଲ କ୍ଷମତା ବଢ଼ାଇ ଚାଲିଛି।




ଚାଇନା ପକ୍ଷରୁ ନିର୍ମାଣାଧୀନ ଭୂତଳ କ୍ଷେପଣାସ୍ତ୍ରାଗାରର ଉପଗ୍ରହ ଚିତ୍ର।

- ଲୁଚାଛପାରେ କ୍ଷେପଣାସ୍ତ୍ର କ୍ଷମତା ବଢ଼ାଉଛି ବେଜିଂ
- ବାଲାଷ୍ଟିକ୍ ମିଶାଇଲ୍ ରଖିବା ପାଇଁ ୧୨୦ ଭୂତଳ କ୍ଷେପଣାସ୍ତ୍ରାଗାର ନିର୍ମାଣ
- ଆମେରିକାର ନିଦ ହଜାଇଲା ଡ୍ରାଗନ୍‌ର ନ୍ୟୁକ୍ଲିୟର ପ୍ଲାନ୍

ଏହି କ୍ରମରେ ଉତ୍ତର ପଶ୍ଚିମ ସହର ୟୁମେନ୍ ନିକଟ ମରୁଭୂମିରେ ଆନ୍ତଃମହାଦେଶୀୟ ଦୂରଗାମୀ କ୍ଷେପଣାସ୍ତ୍ର ବା ଇଣ୍ଟରକଣ୍ଟିନେଣ୍ଟାଲ ବାଲାଷ୍ଟିକ୍ ମିଶାଇଲ (ଆଇସିବିଏମ୍)ଗୁଡ଼ିକୁ ☞ପୃଷ୍ଠା-୪

ଧରିତ୍ରୀ
DHARITRI
ଶନିବାର, ୩ ଜୁଲାଇ, ୨୦୨୧



## ୪ ଲକ୍ଷ ଟପିଲା କରୋନା ମୃତ୍ୟୁ

ଦେଶରେ ଦୈନିକ ସଂକ୍ରମଣ ଶୁକ୍ରବାର ୪୬,୬୧୭ ରହିଥିବାବେଳେ କୋଭିଡ୍ ଜନିତ ମୃତ୍ୟୁସଂଖ୍ୟା ୪ ଲକ୍ଷ ଅତିକ୍ରମ କରିଛି। ୨୪ ଘଣ୍ଟାରେ ୮୫୩ ଜଣଙ୍କ ଜୀବନ ଯାଇଥିବାବେଳେ ମୋଟ ମୃତ୍ୟୁସଂଖ୍ୟା ୪,୦୦,୩୧୨ ହୋଇଛି। ମୋଟ ସଂକ୍ରମିତଙ୍କ ସଂଖ୍ୟା ୩,୦୪,୫୮,୨୫୧ ହୋଇଥିବାବେଳେ ଆରୋଗ୍ୟ ହାର ୯୭ ପ୍ରତିଶତକୁ ବୃଦ୍ଧି ପାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଦେଶରେ ସକ୍ରିୟ ମାମଲା ସଂଖ୍ୟା ୫,୦୯,୬୩୭କୁ ହ୍ରାସ ପାଇଛି।

## ସଂକ୍ଷେପରେ

### ଗର୍ଭବତୀଙ୍କୁ ଟିକା ପାଇଁ ଗାଇଡ୍‌ଲାଇନ

**ନୂଆଦିଲ୍ଲୀ, ୨।୭:** ଗର୍ଭବତୀ ମହିଳା କୋଭିଡ୍ ଟିକା ନେବା ଲାଗି ଏବେ କୋୱିନ୍ ପ୍ଲାଟଫର୍ମରେ ନାମ ପଞ୍ଜୀକରଣ କରିପାରିବେ କିମ୍ବା ଟିକା ସିଧାସଳଖ କେନ୍ଦ୍ରକୁ ଯାଇପାରିବେ। ଗର୍ଭବତୀଙ୍କୁ ଟିକା ଦେବା ଲାଗି ନିୟମ ଓ ପ୍ରକ୍ରିୟା ସମ୍ପର୍କିତ ଗାଇଡ୍‌ଲାଇନ କେନ୍ଦ୍ର ସରକାର ଶୁକ୍ରବାର ଜାରି କରିଛନ୍ତି। ଏ ସମ୍ପର୍କରେ ରାଜ୍ୟଗୁଡ଼ିକୁ ଜଣାଇ ଦିଆଯାଇଛି। ପୂର୍ବରୁ ସ୍ତନ୍ୟପାନ କରାଉଥିବା ମହିଳାମାନଙ୍କୁ ଭାକ୍ସିନ ନେବା ଲାଗି ଅନୁମତି ମିଳିଥିଲା। ଗର୍ଭବତୀ ମହିଳାଙ୍କ ଉପରେ ଟିକାର କ୍ଲିନିକାଲ ପରୀକ୍ଷା ହୋଇ ନ ଥିବାରୁ ସେମାନଙ୍କୁ ଟିକା ଦିଆଯିବା ନେଇ ନିଷ୍ପତ୍ତି ନିଷ୍ପତ୍ତି ନେବାରେ ବିଳମ୍ବ ହୋଇଛି। ମହିଳାମାନଙ୍କୁ ଟିକା ଦେବା ଜରୁରୀ ବୋଲି ଆଇସିଏମ୍ଆର୍ ମହାନିର୍ଦ୍ଦେଶକ ଡ. ବଳରାମ ଭାର୍ଗବ କହିଛନ୍ତି।

### ଇସ୍ତଫା ଦେବେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ



ତିରଥ ସିଂ ରାୱତ

**ନୂଆଦିଲ୍ଲୀ, ୨।୭:** ତିରଥ ସିଂ ରାୱତ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବାର ୪ ମାସ ପରେ ଇସ୍ତଫା ଦେବାକୁ ଯାଉଥିବା ଜଣାପଡ଼ିଛି। ଏଥିପାଇଁ ସେ ରାଜ୍ୟପାଳଙ୍କୁ ଭେଟିବା ପାଇଁ ଅନୁମତି ଲୋଡ଼ିଛନ୍ତି। କିଛିଦିନ ହେଲା ଦିଲ୍ଲୀରେ ଥିବା ତିରଥ ଭାଜପା ନେତୃବୃନ୍ଦଙ୍କ ସହ ଏକାଧିକ ବୈଠକ କରିଥିଲେ। ଶୁକ୍ରବାର ଅପରାହ୍ନରେ ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସହ ବୈଠକ ପରେ ସେ ରାଜ୍ୟପାଳ ବେବିରାଣୀ ମୌର୍ଯ୍ୟଙ୍କୁ ଭେଟିବାକୁ ଚାହିଁଛନ୍ତି। ଗତ ମାର୍ଚ୍ଚରେ ତିରଥ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ତେବେ ସେ ଏମ୍‌ପି ଥିବାରୁ ମୁଖ୍ୟମନ୍ତ୍ରୀ ପଦରେ ରହିବାକୁ ହେଲେ ସେପ୍ଟେମ୍ବର ୧୦ ସୁଦ୍ଧା ତାଙ୍କୁ ଉତ୍ତରାଖଣ୍ଡର କୌଣସି ଆସନରୁ ବିଧାନସଭାକୁ ନିର୍ବାଚିତ ହେବାକୁ ପଡ଼ିବ। ତେବେ କୋଭିଡ୍ ସ୍ଥିତି ସୁଧୁରି ନ ଥିବାରୁ ଏତେଶୀଘ୍ର ଉପନିର୍ବାଚନ ପାଇଁ ନିର୍ବାଚନ କମିଶନ ଅନୁମତି ଦେଇ ନ ପାରନ୍ତି ବୋଲି ଜଣାପଡ଼ିଛି।

### ଭାରତ ସମେତ ୧୪ ଦେଶକୁ ଯାତାୟାତ ବନ୍ଦ କଲା ୟୁଏଇ

**ଆବୁଧାବି, ୨।୭:** ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ଏହାର ନାଗରିକମାନଙ୍କୁ ଭାରତ, ପାକିସ୍ତାନ, ବାଂଲାଦେଶ, ନେପାଳ, ଶ୍ରୀଲଙ୍କା, ଭିଏତ୍‌ନାମ, ନାମ୍ବିଆ, ଜାମ୍ବିଆ, ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ, ଉଗାଣ୍ଡା, ସିଏରା ଲିଓନ, ଲାଇବେରିଆ, ଦକ୍ଷିଣ ଆଫ୍ରିକା ଏବଂ ନାଇଜେରିଆକୁ ଭ୍ରମଣରେ ନ ଯିବା ଲାଗି ପରାମର୍ଶ ଦେଇଛି। ୟୁଏଇ ବହିର୍ବ୍ୟାପାର ମନ୍ତ୍ରଣାଳୟ ଓ ଅନ୍ତର୍ଜାତୀୟ ସହଯୋଗ ଏବଂ ଜାତୀୟ ଜରୁରୀ ସଙ୍କଟ ତଥା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହା ଘୋଷଣା କରାଯାଇଛି। ଉପରୋକ୍ତ ଦେଶଗୁଡ଼ିକରେ କୋଭିଡ୍-୧୯ ସଂକ୍ରମଣ ଅଧିକ ରହିଥିବାରୁ ଭ୍ରମଣରେ ନ ଯିବା ଲାଗି ୟୁଏଇ ଏହାର ନାଗରିକମାନଙ୍କୁ କହିଛି। ତେବେ ଏହି କଟକଣାରୁ ୟୁଏଇ କୂଟନୀତି ମିଶନ, ଜରୁରୀ ଚିକିତ୍ସା ମାମଲା, ସରକାରୀ ପ୍ରତିନିଧି ଓ ପୂର୍ବରୁ ଅନୁମତି ପାଇଥିବା ବ୍ୟବସାୟ ତଥା ବୈଷୟିକ ପ୍ରତିନିଧିଙ୍କୁ ବାଦ୍ ଦିଆଯାଇଛି।

### ଅଭିଭାଷଣ ଅଧାରୁ ବିଧାନସଭା ଛାଡ଼ିଲେ ପଶ୍ଚିମବଙ୍ଗ ରାଜ୍ୟପାଳ

**ନୂଆଦିଲ୍ଲୀ, ୨।୭:** ପଶ୍ଚିମବଙ୍ଗ ନୂଆ ବିଧାନସଭାର ଅଧିବେଶନ ଶୁକ୍ରବାର ଆରମ୍ଭ ହୋଇଛି। ଅଧିବେଶନ ଆରମ୍ଭରେ ରାଜ୍ୟପାଳ ଜଗଦୀପ୍ ଧନ୍‌ଖର ଅଭିଭାଷଣ ରଖିଥିଲେ। ତେବେ ବିରୋଧୀ ଭାଜପା ବିଧାୟକମାନଙ୍କ ହଟ୍ଟଗୋଳ ଯୋଗୁ ସେ ତାଙ୍କ ଅଭିଭାଷଣ ଶେଷ କରି ନ ପାରି ବିଧାନସଭା ଛାଡ଼ିଥିଲେ। ନିର୍ବାଚନ ପରବର୍ତ୍ତୀ ହିଂସାକୁ ନେଇ ଭାଜପା ସଦସ୍ୟମାନେ ହୋହଲ୍ଲା କରିବା ସହ ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। ରାଜ୍ୟପାଳଙ୍କୁ ତାଙ୍କ ଅଭିଭାଷଣ ପଢ଼ାଇ ନ ଦେବା ପାଇଁ ଏହା ଏକ କୌଶଳ ଥିଲା ବୋଲି କୁହାଯାଉଛି। ଧନ୍‌ଖର ୧୦ ମିନିଟ୍‌ରୁ କମ୍ ଅଭିଭାଷଣ ପଢ଼ିବା ପରେ ବାଚସ୍ପତି ବିମାନ ବାନାର୍ଜୀ ତାଙ୍କୁ ଗାଡ଼ି ପର୍ଯ୍ୟନ୍ତ ଛାଡ଼ିବାକୁ ନେଇଥିଲେ। ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ମଧ୍ୟରେ ୩ ବର୍ଷ ହେଲା ମୁହାଁମୁହିଁ ସ୍ଥିତି ଲାଗି ରହିଛି। ରାଜ୍ୟପାଳଙ୍କ ଅଭିଭାଷଣରେ ନିର୍ବାଚନ ପରବର୍ତ୍ତୀ ହିଂସା ପ୍ରସଙ୍ଗ ନ ରହିବା ପ୍ରତିବାଦରେ ଭାଜପା ପକ୍ଷରୁ ପ୍ରତିବାଦ କରାଯାଇଥିଲା ବୋଲି ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ କହିଛନ୍ତି।



## ୟାମି ଗୌତମଙ୍କୁ ଇଡି ସମନ

ବିଦେଶୀ ବିନିମୟ ପରିଚାଳନା ଆଇନ (ଫେମା) ଉଲ୍ଲଂଘନ ମାମଲାରେ ସମ୍ପୃକ୍ତ ଅଭିନେତ୍ରୀ ୟାମି ଗୌତମଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ସମନ ଜାରି କରାଯାଇଛି। ଇଡି କାର୍ଯ୍ୟାଳୟରେ ହାଜର ହୋଇ ଜେରାର ସମ୍ମୁଖୀନ ହେବା ଲାଗି ଏହି 'ଭିକି ଡୋନର' ଅଭିନେତ୍ରୀଙ୍କୁ କୁହାଯାଇଛି। ନିକଟରେ ଚଳଚ୍ଚିତ୍ର ପ୍ରଯୋଜକ ଆଦିତ୍ୟ ଧର୍‌ଙ୍କୁ ବିବାହ କରିଥିବା ୟାମି ଫେମା ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିଲା। ଇଡିର ଜୋନ୍ ୨ ଏହି ମାମଲାର ତଦନ୍ତ କରୁଛି। ଅଭିଯୋଗ ଅନୁଯାୟୀ ୟାମିଙ୍କ ଘରୋଇ ବ୍ୟାଙ୍କ ଆକାଉଣ୍ଟରୁ ବିଦେଶକୁ ଅର୍ଥ ଟ୍ରାନ୍ସଫର କରାଯାଇଥିଲା। ଏ ସମ୍ପର୍କରେ ସେ କର୍ତ୍ତୃପକ୍ଷଙ୍କୁ ଜଣାଇ ନ ଥିଲେ।

## ଜାତିଭେଦରୁ ଆଇଆଇଟି ପ୍ରାଧ୍ୟାପକଙ୍କ ଇସ୍ତଫା



ଜାତିଗତ ପକ୍ଷପାତକୁ ନେଇ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ମାଡ୍ରାସ୍‌ର ସହକାରୀ ପ୍ରାଧ୍ୟାପକ ବିପିନ ପୁଥିୟେଦାଥ୍‌ଥିଲ୍ ଇସ୍ତଫା ଦେଇଛନ୍ତି। କେରଳର ପାୟାନ୍ନୁର ବାସିନ୍ଦା ବିପିନ୍ ମେଲ୍ ଯୋଗେ ତାଙ୍କ ଇସ୍ତଫାପତ୍ର କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇଦେଇଛନ୍ତି। ସେ ୨୦୧୯ ମାର୍ଚ୍ଚରୁ ଆଇଆଇଟି ମାଡ୍ରାସରେ ଶିକ୍ଷାଦାନ କରିଆସୁଥିଲେ। ସେ ନିଜ ବିଭାଗରେ ଜାତିଗତ ଭେଦଭାବର ସମ୍ମୁଖୀନ ହେଉଥିଲେ ବୋଲି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ପୋଷ୍ଟ କରିଥିବା ଏକ ପତ୍ରରେ ଅଭିଯୋଗ ହୋଇଛି। ଉକ୍ତ ଶିକ୍ଷାନୁଷ୍ଠାନରେ ଅନୁସୂଚିତ ଜାତି, ଜନଜାତି ଏବଂ ଓବିସି ଶିକ୍ଷକମାନେ ଜାତିଗତ ପକ୍ଷପାତର ସମ୍ମୁଖୀନ ହେଉଥିବା ଏଥିରେ ଉଲ୍ଲେଖ କରାଯାଇଛି।

# ଆଇଏସ୍‌ଆଇର ଡ୍ରୋନ୍ ଷଡ଼ଯନ୍ତ୍ର

**ନୂଆଦିଲ୍ଲୀ/ଶ୍ରୀନଗର, ୨।୭**



- ଇସ୍‌ଲାମାବାଦସ୍ଥିତ ଭାରତର ଉଚ୍ଚାୟୁକ୍ତ ଅଫିସ୍ ଉପରେ ଉଡ଼ିଥିଲା ଡ୍ରୋନ୍
- ପାକିସ୍ତାନ ନିକଟରେ ପ୍ରତିବାଦ ଜଣାଇଲା ନୂଆଦିଲ୍ଲୀ
- ୬ ଦିନରେ ଉଡ଼ିଲାଣି ୧୩ ଡ୍ରୋନ୍
- ଶ୍ରୀନଗରରେ ସ୍ଥିତି ସମୀକ୍ଷା କଲେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ

ଜୁନ୍ ୨୬-୨୭ ମଧ୍ୟରାତ୍ରିରେ ଜମ୍ମୁସ୍ଥିତ ବାୟୁସେନା ଘାଟିକୁ ପାକିସ୍ତାନୀ ଡ୍ରୋନ୍ ଟାର୍ଗେଟ କରିଥିଲା। ଏହି ହାଇସିକ୍ୟୁରିଟି ଜୋନ୍‌ର ଟେକ୍ନିକାଲ ଏରିଆରେ ଲଗାତର ଘଟିଥିବା ଦୁଇଟି ଆର୍‌ଡିଏକ୍ସ ବିସ୍ଫୋରଣ ଯଦିଓ ବିଶେଷ କ୍ଷୟକ୍ଷତି ଘଟାଇ ପାରିନାହିଁ, ତଥାପି ଭାରତର ଚିନ୍ତା ବଢ଼ାଇଦେଇଛି। କାରଣ ଏହା ପରେ ଉପତ୍ୟକାରେ ୬ ଦିନ ମଧ୍ୟରେ ୧୩ ଥର ଡ୍ରୋନ୍ ଦେଖିବାକୁ ମିଳିଲାଣି, ଯାହାକି ଦେଶର ଜାତୀୟ ସୁରକ୍ଷା ପ୍ରତି ଆସନ୍ନ ଏକ ବଡ଼ ବିପଦର ସଙ୍କେତ ଦେଉଛି। କେବଳ ଏତିକି ନୁହେଁ, ଏହି ଆକ୍ରମଣ ଦିନ ଇସ୍‌ଲାମାବାଦସ୍ଥିତ ଭାରତୀୟ ଉଚ୍ଚାୟୁକ୍ତ ଅଫିସ ଉପରେ ମଧ୍ୟ ପାକିସ୍ତାନୀ ଡ୍ରୋନ୍ ଉଡୁଥିବା ଦେଖିବାକୁ ମିଳିଥିଲା। ଯେଉଁ ଅଞ୍ଚଳରେ ଭାରତୀୟ ହାଇକମିଶନଙ୍କ ଅଫିସ ଅବସ୍ଥିତ ସୁରକ୍ଷା ଦୃଷ୍ଟିରୁ ତାହା ଏକ ଅତ୍ୟନ୍ତ ସମ୍ବେଦନଶୀଳ ସ୍ଥାନ। ସମ୍ପୃକ୍ତ ଅଞ୍ଚଳରେ ଅନେକ ଦେଶର ଦୂତାବାସ ରହିଥିବାରୁ ପାକିସ୍ତାନ ସରକାର ଓ ସେନାର ବିନା ଅନୁମତିରେ ପକ୍ଷୀ ମଧ୍ୟ ଉଡ଼ିପାରିବ ନାହିଁ। ତେଣୁ ଭାରତୀୟ ଉଚ୍ଚାୟୁକ୍ତ କାର୍ଯ୍ୟାଳୟ ଉପରେ ଡ୍ରୋନ୍ ଉଡ଼ାଣ ପଛରେ ସେଠାକାର କୁଖ୍ୟାତ୍ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ)ର ହାତ ଥିବା ସନ୍ଦେହ କରାଯାଉଛି। ଏହାକୁ ପାକିସ୍ତାନର ଏକ ବଡ଼ ସୁଚିନ୍ତିତ ଷଡ଼ଯନ୍ତ୍ର ବୋଲି କୁହାଯାଉଛି। ଉଚ୍ଚାୟୁକ୍ତଙ୍କ ଅଫିସ ଉପରେ ଡ୍ରୋନ୍ ଚକ୍କର କାଟିବା ଘଟଣାରେ ନୂଆଦିଲ୍ଲୀ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ନିକଟରେ ଦୃଢ଼ ପ୍ରତିବାଦ ଜଣାଇଛି। ଗତ ସପ୍ତାହରେ ଦେଖାଦେଇଥିବା ଏହି ସୁରକ୍ଷାଜନିତ ତ୍ରୁଟିର ଯେପରି ପୁନରାବୃତ୍ତି ନ ଘଟେ ତାହାର ତଦନ୍ତ କରିବା ପାଇଁ ପାକିସ୍ତାନକୁ କୁହାଯାଇଛି। ଇତିମଧ୍ୟରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଜି. କିଷନ ରେଡ୍ଡୀ ଶ୍ରୀନଗର ଗସ୍ତ କରି ସୁରକ୍ଷା ଅଧିକାରୀମାନଙ୍କ ସହ ଏକାଧିକ ବୈଠକରେ ସ୍ଥିତି ସମୀକ୍ଷା କରିଛନ୍ତି।

ଜମ୍ମୁ ବାୟୁସେନା ଘାଟି ଉପରେ ଡ୍ରୋନ୍‌ରୁ ବୋମାମାଡ଼ କରାଯିବା ଘଟଣା ପରେ ଭାରତର ସୁରକ୍ଷା ପ୍ରତିଷ୍ଠାନ ଚିନ୍ତିତ ଥିବାବେଳେ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ଉପରେ ଡ୍ରୋନ୍ ଠାବ ହେବାକୁ ନେଇ ନୂଆଦିଲ୍ଲୀ ଉଦ୍‌ବେଗ ପ୍ରକାଶ କରିଛି। ପାକିସ୍ତାନୀ ଆତଙ୍କବାଦୀମାନେ ଭାରତର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ଉପରେ ଆକ୍ରମଣ ପାଇଁ ଡ୍ରୋନ୍ ମୁତୟନ କରିଥିବା ଜଣେ ସୁରକ୍ଷା ଅଧିକାରୀ କହିଛନ୍ତି। ବାୟୁସେନା ଘାଟି ଉପରେ ବୋମାମାଡ଼ର ତଦନ୍ତ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) କରୁଛି। ଏହାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ଜୁନ୍ ୨୬ରେ ଇସ୍‌ଲାମାବାଦସ୍ଥିତ ଭାରତୀୟ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ଉପରେ ଡ୍ରୋନ୍ ଉଡ଼ିଥିଲା ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ୍ ବାଗ୍‌ଚି ଗଣମାଧ୍ୟମକୁ କହିଛନ୍ତି। ଏହାସହ ପାକିସ୍ତାନ ୨୬/୧୧ ମୁମ୍ବାଇ ଆକ୍ରମଣର ଅପରାଧୀ ଓ ପଠାନ୍‌କୋଟ୍ ବାୟୁସେନା ଘାଟି ଉପରେ ୨୦୧୬ରେ ହୋଇଥିବା ଆକ୍ରମଣର ମାଷ୍ଟରମାଇଣ୍ଡଙ୍କୁ ତୁରନ୍ତ ଆଇନର କାଠଗଡ଼ାକୁ ଟାଣି ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେଉ ବୋଲି ବାଗ୍‌ଚି ଦାବି କରିଛନ୍ତି।

ଇତିମଧ୍ୟରେ ଅନ୍ୟ ଏକ ଘଟଣାରେ ଶୁକ୍ରବାର ଅନ୍ତର୍ଜାତୀୟ ସୀମା(ଆଇବି) ସଂଲଗ୍ନ ଭାରତୀୟ ଅଞ୍ଚଳରେ ପାକିସ୍ତାନୀ ଡ୍ରୋନ୍ ଉଡୁଥିବା ଠାବ କରାଯିବା ପରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ପକ୍ଷରୁ ଏହାକୁ ଗୁଳି କରାଯାଇଥିଲା। ଭୋର ୪ଟା ୨୫ ମିନିଟ୍‌ରେ ଜମ୍ମୁ ଉପକଣ୍ଠ ଆର୍ନିଆ ସେକ୍ଟରରେ ଯବାନମାନେ ଉକ୍ତ ଡ୍ରୋନ୍‌କୁ ଠାବ କରିଥିଲେ। ଡ୍ରୋନ୍‌କୁ ଖସାଇବା ପାଇଁ ସେମାନେ ଗୁଳି ଚଳାଇବାରୁ ତାହା ପାକିସ୍ତାନ ପାର୍ଶ୍ୱକୁ ପଳାଇଥିଲା। ବାୟୁସେନା ଘାଟି ଆକ୍ରମଣ ପରେ ଏହା ଥିଲା ୬ ଦିନ ମଧ୍ୟରେ ୧୩ତମ ଡ୍ରୋନ୍। ଭାରତର ସୀମାନ୍ତ ଅଞ୍ଚଳ ଉପରେ ନଜର ରଖିବା ଲାଗି ଉକ୍ତ ଡ୍ରୋନ୍‌କୁ ପଠାଯାଇଥିବା ସନ୍ଦେହ କରାଯାଉଛି। ବାୟୁସେନା ଘାଟି ଉପରେ ଡ୍ରୋନ୍‌ରୁ ବୋମାମାଡ଼ ଆତଙ୍କବାଦୀଙ୍କ କାମ। ସେମାନେ ପ୍ରମୁଖ ପ୍ରତିରକ୍ଷା ପ୍ରତିଷ୍ଠାନକୁ ଟାର୍ଗେଟ କରିଥିବା ବାୟୁସେନା ଚିଫ୍ ମାର୍ଶାଲ ଆର୍.କେ.ଏସ୍. ଭଦୌରିଆ ଶୁକ୍ରବାର କହିଛନ୍ତି। ଏହି ଡ୍ରୋନ୍ ଆକ୍ରମଣ ପଛରେ ପାକିସ୍ତାନର ହାତ ରହିଛି ଏବଂ ଏଥିରେ ଆର୍‌ଡିଏକ୍ସ ବ୍ୟବହାର ହୋଇଥିଲା ବୋଲି ଜମ୍ମୁ-କଶ୍ମୀର ପୋଲିସ ଡିଜି ଦିଲ୍‌ବାଗ ସିଂ ସୂଚନା ଦେଇଛନ୍ତି।

## ପୁଲ୍‌ୱାମାରେ ଏନ୍‌କାଉଣ୍ଟର

### ୫ ଲଶ୍କର ଆତଙ୍କବାଦୀ ନିହତ, ଯବାନ ଶହୀଦ

**ଶ୍ରୀନଗର, ୨।୭(ପି.ଟି.)**

ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲାରେ ଶୁକ୍ରବାର ସୁରକ୍ଷା ବଳ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ଜଣେ ଜିଲା କମାଣ୍ଡରଙ୍କ ସମେତ ୫ ଲଶ୍କର-ଇ-ତୋଇବା ଆତଙ୍କବାଦୀ ନିହତ ହୋଇଛନ୍ତି। ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ପାଇ ସୁରକ୍ଷା ବଳ ପକ୍ଷରୁ ପୁଲ୍‌ୱାମାର ରାଜପୋରା ଅନ୍ତର୍ଗତ ହାଞ୍ଜିନ୍ ଗ୍ରାମରେ ତଲାସି ଅଭିଯାନ ଚାଲିଥିଲା। ଏହି ସମୟରେ ଆତଙ୍କବାଦୀମାନେ ଗୁଳି ଚଳାଇବାରୁ ଯବାନମାନେ ଏହାର ପାଲଟା ଜବାବ ଦେଇଥିଲେ। ଫଳରେ ତଲାସି ଅଭିଯାନ ଏନ୍‌କାଉଣ୍ଟରରେ ପରିଣତ ହୋଇଥିଲା। ଆତଙ୍କବାଦୀଙ୍କ ଗୁଳିରେ ଆହତ ହୋଇଥିବା ଜଣେ ଯବାନଙ୍କର ହସ୍ପିଟାଲରେ ମୃତ୍ୟୁ ଘଟିଛି। ନିହତ ଆତଙ୍କବାଦୀମାନେ ଲଶ୍କର ସଦସ୍ୟ ଓ ସେମାନଙ୍କ ମଧ୍ୟରେ ଜିଲା କମାଣ୍ଡର ନିଶାଜ ଲୋନ୍ ଓରଫ ଖିତାବ ରହିଥିବା କଶ୍ମୀର ପୋଲିସ ଆଇଜି ବିଜୟ କୁମାର ସୂଚନା ଦେଇଛନ୍ତି। ଜଣେ ଆତଙ୍କବାଦୀ ପାକିସ୍ତାନୀ ହୋଇଥିବାବେଳେ ତାଙ୍କ ପରିଚୟ ଜଣାପଡ଼ିନାହିଁ।

## ୧୯ରୁ ମୌସୁମୀ ଅଧିବେଶନ

**ନୂଆଦିଲ୍ଲୀ, ୨।୭**



ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଜୁଲାଇ ୧୯ରୁ ଆରମ୍ଭ ହୋଇ ଅଗଷ୍ଟ ୧୩ ପର୍ଯ୍ୟନ୍ତ ଚାଲିପାରେ। ଦେଶରେ ଗତ କିଛି ସପ୍ତାହ ମଧ୍ୟରେ କୋଭିଡ୍ ସଂକ୍ରମଣ ହ୍ରାସ ପାଇଥିବାରୁ ଏମ୍‌ପିମାନଙ୍କ ସୁରକ୍ଷାକୁ ବିଚାରକୁ ନେଇ ମୋଟ ୨୦ ଦିନ ଅଧିବେଶନ ଚଳାଇବାକୁ ସଂସଦୀୟ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି (ସିସିପିଏ) ସୁପାରିସ କରିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ସ୍ୱାଭାବିକ ଭାବେ ଜୁଲାଇରୁ ମୌସୁମୀ ଅଧିବେଶନ ଆରମ୍ଭ ହେବା ନେଇ ସରକାର ଆଶାବାଦୀ ଥିବା ପୂର୍ବରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ କହିଥିଲେ। ଅଧିକାଂଶ ଏମ୍‌ପି ଏବଂ କର୍ମଚାରୀ କୋଭିଡ୍ ଟିକା ନେଇଥିଲେ ମଧ୍ୟ ଅଧିବେଶନକୁ ସଂକ୍ଷିପ୍ତ କରିବା ପାଇଁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ମହାମାରୀ ଯୋଗୁ ପୂର୍ବର ୩ଟି ଅଧିବେଶନକୁ ମଧ୍ୟ ସଂକ୍ଷିପ୍ତ କରାଯାଇଥିଲା। ଗତବର୍ଷ ମୌସୁମୀ ଅଧିବେଶନ ସେପ୍ଟେମ୍ବରରେ ଆରମ୍ଭ ହୋଇଥିବାବେଳେ ଚଳିତ ବର୍ଷର ବଜେଟ ଅଧିବେଶନ ମାର୍ଚ୍ଚ ୨୫ରେ ଶେଷ ହୋଇଥିଲା। ପଶ୍ଚିମବଙ୍ଗ ସମେତ ୫ ରାଜ୍ୟ ବିଧାନସଭା ନିର୍ବାଚନ ପରେ ପ୍ରଥମ ପାର୍ଲାମେଣ୍ଟ ଅଧିବେଶନ ବସିବାକୁ ଯାଉଥିଲାବେଳେ ବିରୋଧୀ ଦଳ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ସମେତ ଅନେକ ପ୍ରସଙ୍ଗ ଉଠାଇବେ।




ତେଲ ଦର ବୃଦ୍ଧି ପ୍ରତିବାଦରେ ଅମୃତସରରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ନ୍ୟାଶନାଲ ଷ୍ଟୁଡେଣ୍ଟ୍ସ ୟୁନିୟନ୍ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ୟୁଆଇ) ସଦସ୍ୟ।

## କୃଷି ଆଇନ ରଦ୍ଦ ନୁହେଁ, ସଂଶୋଧନ କର: ପାୱାର

**ନୂଆଦିଲ୍ଲୀ, ୨।୭**

କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନକୁ ସମ୍ପୂର୍ଣ୍ଣ ରଦ୍ଦ କରାଯିବା ଆବଶ୍ୟକ ନାହିଁ। ସଂଶୋଧନ କରି ଏଥିରେ ଥିବା ବିବାଦୀୟ ଅଂଶକୁ ବାଦ୍ ଦେବା ଲାଗି ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର ଦେଇଥିବା ପ୍ରସ୍ତାବକୁ କେନ୍ଦ୍ର ସରକାର ଶୁକ୍ରବାର ସ୍ୱାଗତ କରିଛନ୍ତି। ଆଇନରେ ସଂଶୋଧନ ପାଇଁ ସରକାର ବିଚାର କରୁଥିବା କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଛନ୍ତି। ତିନି କୃଷି ଆଇନକୁ ବିରୋଧ କରି ହଜାର ହଜାର ଚାଷୀ ଗତବର୍ଷ ନଭେମ୍ବରରୁ ଦିଲ୍ଲୀ ସୀମାରେ ଆନ୍ଦୋଳନ ଚଳାଇଛନ୍ତି। ଆଇନକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରା ନ ଯାଇ ଏଥିରେ କେତେକ ସଂଶୋଧନ ଆଣିବାକୁ ପୂର୍ବତନ କୃଷିମନ୍ତ୍ରୀ ପାୱାର ଗୁରୁବାର ପ୍ରସ୍ତାବ ଦେଇଥିଲେ। ପାୱାରଙ୍କ ପ୍ରସ୍ତାବ ସହ କେନ୍ଦ୍ର ସରକାର ଏକମତ ବୋଲି ତୋମାର କହିଛନ୍ତି।

# ବଗ୍‌ରାମ ଛାଡ଼ିଲେ ଆମେରିକା ସୈନ୍ୟ

**କାବୁଲ, ୨।୭**



- ଆଫଗାନିସ୍ତାନରେ ତାଲିବାନର ଶକ୍ତି ବୃଦ୍ଧି
- ସେନା ପ୍ରତ୍ୟାହାରରୁ ଗୃହଯୁଦ୍ଧ ଆଶଙ୍କା

ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନରୁ କିଛି ସମୟ ଧରି ଆମେରିକୀୟ ସେନା ପର୍ଯ୍ୟାୟକ୍ରମେ ସ୍ୱଦେଶକୁ ଫେରିବାରେ ଲାଗିଛନ୍ତି। ଏହି କ୍ରମରେ ବଗ୍‌ରାମ ବାୟୁସେନା ଘାଟିରୁ ଆମେରିକା ଓ ନାଟୋ ସୈନ୍ୟ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଆଫଗାନ ଜାତୀୟ ସୁରକ୍ଷା ଏବଂ ପ୍ରତିରକ୍ଷା ବଳକୁ ଉକ୍ତ ଏୟାରଫିଲ୍ଡ ସମ୍ପୂର୍ଣ୍ଣ ରୂପେ ହସ୍ତାନ୍ତର କରାଯାଇଛି। ଏହି ଅଞ୍ଚଳ ୨୦ ବର୍ଷ ଧରି କଠୋରପନ୍ଥୀଙ୍କ ବିରୋଧରେ ଲଢ଼େଇର କେନ୍ଦ୍ରସ୍ଥଳ ରହି ଆସିଥିଲା। ଆମେରିକା ଓ ନାଟୋ ସୈନ୍ୟଙ୍କ ପ୍ରତ୍ୟାହାର ଆଫଗାନିସ୍ତାନରୁ ଖୁବ୍ ଶୀଘ୍ର ସମସ୍ତ ବିଦେଶୀ ସୈନ୍ୟ ଫେରିଯିବେ ବୋଲି ଦର୍ଶାଉଛି। କିନ୍ତୁ ରାଜଧାନୀ କାବୁଲର ଉତ୍ତରରେ ଥିବା ଏହି ବିସ୍ତୃତ ସେନା ଘାଟିରୁ ସୈନ୍ୟ ପ୍ରତ୍ୟାହାର ଦେଶର ବିଭିନ୍ନ ପ୍ରାନ୍ତରେ ତାଲିବାନକୁ ଶକ୍ତି ବୃଦ୍ଧି ପାଇଁ ସୁଯୋଗ ଦେଇପାରେ।

ପ୍ରାୟ ୩ ହଜାର ଲୋକଙ୍କ ଜୀବନ ନେଇଥିବା ୯/୧୧ ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର ଆକ୍ରମଣର ୧୦ ବର୍ଷ ପୂର୍ତ୍ତି (ଆସନ୍ତା ସେପ୍ଟେମ୍ବର ୯) ସୁଦ୍ଧା ଆଫଗାନିସ୍ତାନରୁ ସମ୍ପୂର୍ଣ୍ଣ ସୈନ୍ୟ ପ୍ରତ୍ୟାହାର କରାଯିବ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ପୂର୍ବରୁ ଘୋଷଣା କରିସାରିଛନ୍ତି। ଅଲ୍-କାଏଦା ପକ୍ଷରୁ ଏହି ଆତଙ୍କବାଦୀ ଆକ୍ରମଣ କରାଯାଇଥିଲା। ତାଲିବାନଠାରୁ ସହାୟତା ପାଇ ଅଲ୍-କାଏଦା ଆଫଗାନିସ୍ତାନରେ ସକ୍ରିୟ ଥିଲା। ଏହି ଆକ୍ରମଣ ପରେ ଆମେରିକା ନେତୃତ୍ୱାଧୀନ ନାଟୋ ସେନା ଆଫଗାନିସ୍ତାନରେ ଉଭୟ ତାଲିବାନ ଓ ଅଲ୍-କାଏଦା ଆତଙ୍କବାଦୀଙ୍କୁ ପରାଜିତ କରିଥିଲା। ଦୀର୍ଘ ସମୟ ଧରି ଚାଲିଥିବା ଲଢ଼େଇରେ ଅନେକ ଜୀବନ ଯାଇଥିଲା। ଏଥିରେ ଆମେରିକା ପକ୍ଷରୁ ବିପୁଳ ଅର୍ଥ ବ୍ୟୟ କରାଯାଇଥିଲା। ଆମେରିକା ଏବେ ଯୁଦ୍ଧ ଶେଷ କରିବାକୁ ଚାହୁଁଛି। ଆଫଗାନିସ୍ତାନରେ ୨୫୦୦-୩୦୦୦ ଆମେରିକୀୟ ସୈନ୍ୟ ଅଛନ୍ତି। ନାଟୋର ୭,୦୦୦ ସୈନ୍ୟଙ୍କ ସହ ଆମେରିକୀୟ ସୈନ୍ୟ ଫେରିଯିବା ପରେ ଆଫଗାନିସ୍ତାନରେ ୧ ହଜାରରୁ ବି କମ୍ ବିଦେଶୀ ସୈନ୍ୟ ରହିବେ। ଇତିମଧ୍ୟରେ ଆଫଗାନିସ୍ତାନରେ ତାଲିବାନର ପ୍ରଭାବ ବଢ଼ିବାରେ ଲାଗିଛି। ବିଦେଶୀ ସେନାର ପ୍ରତ୍ୟାବର୍ତ୍ତନକୁ ନେଇ ଉତ୍ସାହିତ ତାଲିବାନ ୫୦ରୁ ଊର୍ଦ୍ଧ୍ୱ ଜିଲାକୁ ଦଖଲ କରିସାରିଛି। ଫଳରେ ଦେଶରେ ଗୃହଯୁଦ୍ଧ ସୃଷ୍ଟି ହେବା ଆଶଙ୍କା ଦେଖାଦେଇଛି।

### ବଗ୍‌ରାମ ଘାଟିର ଗୁରୁତ୍ୱ

୧୯୮୦ରେ ସୋଭିଏଟ୍ ୟୁନିୟନ୍ ଦଖଲ ବେଳେ ବଗ୍‌ରାମ ବାୟୁସେନା ଘାଟି ନିର୍ମାଣ କରାଯାଇଥିଲା। ନିକଟରେ ଥିବା ଏକ ଗ୍ରାମର ନାଁ ଅନୁସାରେ ଏହାର ନାମକରଣ କରାଯାଇଥିଲା। ରାଜଧାନୀ କାବୁଲର ୪୦ କି.ମି. ଉତ୍ତରରେ ଏହା ଅବସ୍ଥିତ। ଆମେରିକୀୟ ସେନା ୨୦୦୧ରେ ଏଠାରେ ପାଦ ଥାପି ଏହାକୁ ଆହୁରି ବଡ଼ ସାମରିକ ଘାଟିରେ ପରିଣତ କରିଥିଲା। ଘାଟିରେ ଏକସଙ୍ଗେ ପ୍ରାୟ ୧୦ ହଜାର ସୈନ୍ୟ ରହିପାରିବେ। ଏଠାରେ ଦୁଇଟି ରନ୍‌ୱେ ରହିଛି। ନିକଟରେ ନିର୍ମିତ ୩.୬ କି.ମି. ବିସ୍ତୃତ ରନ୍‌ୱେ'ରେ ବଡ଼ କାର୍ଗୋ ଓ ଏୟାରକ୍ରାଫ୍ଟ ଅବତରଣ କରିପାରିବ। ପାର୍କିଂ ପାଇଁ ଏଠାରେ ୧୧୦ଟି ସ୍ଥାନ ରହିଛି, ଯାହା ବିସ୍ଫୋରଣ ନିରୋଧୀ ପ୍ରାଚୀର ଦ୍ୱାରା ସୁରକ୍ଷିତ। ସେହିପରି ୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ, ୩ ଥିଏଟର ଓ ଏକ ଅଧୁନିକ ଦାନ୍ତ କ୍ଲିନିକ ମଧ୍ୟ ଏଠାରେ ରହିଛି। ଯୁଦ୍ଧବନ୍ଦୀଙ୍କୁ ରଖିବା ପାଇଁ ଉକ୍ତ ଘାଟିରେ ଏକ ଜେଲ୍ ରହିଛି।

ଧରିତ୍ରୀ
DHARITRI
ଶନିବାର, ୩ ଜୁଲାଇ, ୨୦୨୧

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୮,୩୫,୯୨,୦୪୬ | ୩୯,୭୪,୩୦୯ | ୧୬,୮୦,୩୩,୬୫୧ |
| ଭାରତ | ୩,୦୪,୬୫,୧୮୫ | ୪,୦୦,୪୩୪ | ୨,୯୫,୪୮,୩୦୨ |
| ଓଡ଼ିଶା | ୯,୧୬,୧୦୯ | ୪୧୦୯(+୫୩) | ୮,୮୪,୨୬୬ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



## ସଂକ୍ଷେପରେ

### ଓଡ଼ିଶା ଫେରିବ ଡାକୋଟା ବିମାନ

ଭୁବନେଶ୍ୱର,୨।୭(ବ୍ୟୁରୋ): ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ 'ଡାକୋଟା' ବିମାନ ଶୀଘ୍ର ଓଡ଼ିଶା ଫେରିବ। ଏହାକୁ ଫେରାଇ ଆଣିବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଚଳାଇଥିବା କହିଛନ୍ତି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା। ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇସାରିଲାଣି। ଟେଣ୍ଡର ପାଇଁ ପିଡବ୍ଲ୍ୟୁଡିକୁ ଦାୟିତ୍ୱ ଦିଆଯାଇଛି। ତେବେ ଡାକୋଟା ବିମାନ ଆସିଲେ ଏହାକୁ ଏୟାରପୋର୍ଟ ପରିସରସ୍ଥ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ରଖାଯିବା ପାଇଁ ଭାରତ ସରକାରଙ୍କଠାରୁ ଅନୁମତି ମଗାଯାଇଛି। ଡାକୋଟାକୁ ବିଜୁବାବୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ରଖାଯିବ ବୋଲି ମନ୍ତ୍ରୀ କହିଛନ୍ତି।

### ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କ ଆତ୍ମାହୁତି ଘଟଣା
### କୁଳପତିଙ୍କ ସମେତ ୩ ଜଣଙ୍କୁ ଆଗୁଆ ଜାମିନ

କଟକ ଅଫିସ, ୨।୭: ସମ୍ବଲପୁର ବିଶ୍ୱବିଦ୍ୟାଳୟର ଠିକା କର୍ମଚାରୀ ଦୀନବନ୍ଧୁ ମିଶ୍ରଙ୍କ ଆତ୍ମାହୁତି ଘଟଣାରେ ଶୁକ୍ରବାର କୁଳପତି ପ୍ରଫେସର ସଞ୍ଜୀବ ମିତଲ, ୱାର୍ଡେନ ବିଶ୍ୱଜିତ୍ ଶତପଥୀ ଓ ସହକାରୀ ନିର୍ଦ୍ଦେଶକ(କ୍ରୀଡା) ଅବିନାଶ କରଙ୍କୁ ହାଇକୋର୍ଟ ଆଗୁଆ ଜାମିନ ପ୍ରଦାନ କରିଛନ୍ତି। ଗତ ଏପ୍ରିଲ ୧୫ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଶାସନିକ କୋଠା ନିକଟ ଗଛଗୁଡିକୁ କାଟି ପୋଡ଼ି ଦିଆଯିବାନେଇ ମିତଲ ଓ ଦୀନବନ୍ଧୁଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ଘଟଣାକୁ ନେଇ ଏପ୍ରିଲ ୨୦ରେ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୀନବନ୍ଧୁ କିରୋସିନ ଢାଳି ଆତ୍ମାହୁତି ଦେଇଥିଲେ। ସେଠାରୁ ତାଙ୍କୁ ଏସ୍‌ସିବି ମେଡିକାଲ ନେବାବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। କୁଳପତିଙ୍କ ଯୋଗୁ ଏପରି ଘଟିଥିବା ଦୀନବନ୍ଧୁଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ସେହିପରି କୁଳପତି ତାଙ୍କୁ ଗାଳିଗୁଲଜ କରିଥିବା ନେଇ ଦୀନବନ୍ଧୁ ମୃତ୍ୟୁ ପୂର୍ବରୁ ସୁଇସାଇଡ୍ ନୋଟରେ ଉଲ୍ଲେଖ କରିଥିଲେ। ପରବର୍ତ୍ତୀ ସମୟରେ ତାହାକୁ ପୋଲିସ ଜବତ କରିଥିଲା। ତେବେ ଏହି ଘଟଣାରେ ୩ଜଣଙ୍କ ସମ୍ପୃକ୍ତି ରହିଥିବା ନେଇ ଉକ୍ତ ସୁଇସାଇଡ୍ ନୋଟରେ ଉଲ୍ଲେଖ ରହିଥିବା ପୋଲିସ ଜାଣିବାକୁ ପାଇଥିଲା।




# ଶତାୟୁ ସ୍ୱାଧୀନତା ସଂଗ୍ରାମୀ ନିରଞ୍ଜନ ମହାପାତ୍ରଙ୍କ ପରଲୋକ

ଲଙ୍ଗଳେଶ୍ୱର,୨।୭(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ବୋଳଂ ଗ୍ରାମର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନିରଞ୍ଜନ ମହାପାତ୍ରଙ୍କ ଶୁକ୍ରବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୧୦୦ ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମହାତ୍ମା ଗାନ୍ଧିଙ୍କ ଡାକରାରେ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ। ବାପା କ୍ଷିତି ଚନ୍ଦ୍ର ମହାପାତ୍ର ଏବଂ ମାତା ମୁନିମା ଦେବୀ ଏଥିରୁ କ୍ଷାନ୍ତ ହେବା ପାଇଁ ବାଧ କରିଥିଲେ ମଧ୍ୟ ସେ ଓହରି ନ ଥିଲେ।

ଗାଁ ସ୍କୁଲରୁ ପଞ୍ଚମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ ସେ ପ୍ରଥମେ ବାନର ସେନାରେ ଯୋଗଦେଇଥିଲେ। ପରେ ୧୯୪୨ରେ ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହୋଇଥିଲେ। ଇଂରେଜ ପୋଲିସ ଦ୍ୱାରା ୩ ଥର ଗିରଫ ହୋଇ ଜେଲ ଯାଇଥିଲେ। ଦେଶ ସ୍ୱାଧୀନ ହେବା ଦିନ ସେ ବହୁତ ଖୁସି ମନାଇଥିଲେ। ଜାତୀୟ ପତାକା ଧରି ପ୍ରତ୍ୟେକ ଗାଁ ବୁଲି ବୁଲି ଭାରତମାତାର ଜୟଗାନ କରିଥିଲେ। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭାବରେ ରାଜ୍ୟସରକାରଙ୍କ ପକ୍ଷରୁ ସୂଚନା ଭବନରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ପୂର୍ବତନ ପୋଲିସ ଅଧିକାରୀ ଗୋପବନ୍ଧୁ ମଲ୍ଲିକ, ବୋଳଂ ସରପଞ୍ଚ ଗୁନାଧର ମୈକାପ, ପୂର୍ବତନ ସରପଞ୍ଚ ଜଗବନ୍ଧୁ ମଲ୍ଲିକ, ସମିତିସଭ୍ୟ ଲକ୍ଷ୍ମୀଧର ସାମନ୍ତ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଗଭୀର ଶୋକ ପ୍ରକାଶ କରିଛନ୍ତି। ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।


ସଂଗ୍ରାମୀ ନିରଞ୍ଜନ ମହାପାତ୍ର

# ବାଦ୍ ପଡ଼ିବ ୩ ହଜାର ଏଫ୍‌ପିଏସ୍ କାଉଣ୍ଟର

**ୱାନ୍ ନେଶନ ୱାନ୍ ରାଶନ**
- ଇଣ୍ଟରନେଟ ଅଡୁଆ
- କେନ୍ଦ୍ରକୁ ଅବଗତ କରାଇବ ରାଜ୍ୟ

ଭୁବନେଶ୍ୱର,୨।୭(ବ୍ୟୁରୋ)

ଶ୍ରମିକମାନେ କାମଧନ୍ଦା ପାଇଁ ଅନ୍ୟ ରାଜ୍ୟକୁ ଚାଲିଯାଉଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ସେହି ଲୋକମାନେ କିପରି ଅନ୍ୟ ରାଜ୍ୟରେ ନିଜର ରାଶନ ପାଇପାରିବେ ସେନେଇ କେନ୍ଦ୍ର ସରକାର 'ୱାନ୍ ନେଶନ ୱାନ୍ ରାଶନ' ବ୍ୟବସ୍ଥା କରିବାକୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପରାମର୍ଶ ଦେଇଥିଲେ। ୨୦୧୯ରୁ ଏହି ବ୍ୟବସ୍ଥା ଆରମ୍ଭ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହେଉନାହିଁ। ହାତଗଣତି କେତୋଟି ରାଜ୍ୟରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଥିଲେ ମଧ୍ୟ ତାହା ଗରିବ ଲୋକଙ୍କୁ ରାଶନ ଯୋଗାଇବାରେ ସହାୟକ ହେଉନାହିଁ। ଫଳରେ କରୋନା ମହାମାରୀ ପାଇଁ ଜୀବିକା ହରାଇଥିବା ଲୋକମାନେ ଅନ୍ୟ ରାଜ୍ୟରେ କିମ୍ବା ନିଜ ରାଜ୍ୟର ଅନ୍ୟ ଜିଲାରେ ରାଶନ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ନେଇ ସୁପ୍ରିମକୋର୍ଟ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ଜୁଲାଇ ୩୧ ସୁଦ୍ଧା ସମସ୍ତ ରାଜ୍ୟ ୱାନ୍ ନେଶନ, ୱାନ୍ ରାଶନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ତାଗିଦ୍ ପରେ ରାଜ୍ୟ ସରକାର ହରଡ଼ଘଣାରେ ପଡ଼ିଛନ୍ତି। ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳକୁ ଛାଡ଼ିଦେଲେ ରାଜ୍ୟର ଅନ୍ୟ କୌଣସି ଜିଲାରେ ୱାନ୍ ନେଶନ ୱାନ୍ ରାଶନ ବ୍ୟବସ୍ଥା ଆରମ୍ଭ କରାଯାଇ ନାହିଁ। ୨୦୧୯ ସେପ୍ଟେମ୍ବରରୁ ବିଏମ୍‌ସି ଅଞ୍ଚଳରେ ପାଇଲଟ ପ୍ରକଳ୍ପ ଭାବେ ଏହାକୁ ଆରମ୍ଭ କରାଯାଇଥିଲା। ୯୦ ହଜାର ରାଶନ କାର୍ଡଧାରୀଙ୍କୁ ଏଥିରେ ସାମିଲ କରାଯାଇଛି। ରାଜ୍ୟ ବାହାରେ ବିଶେଷକରି ଡାମନ୍ ଏବଂ ଡିୟୁରେ ୫୦୦ ଜଣ ରାଶନ ନେଇଥିବା ଜଣାପଡ଼ିଛି। ବିହାର ଓ ଅନ୍ୟ ରାଜ୍ୟର କିଛି ହିତାଧିକାରୀ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରୁ ମଧ୍ୟ ରାଶନ ନେଉଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଜଣେ ଅଧିକାରୀ କହିଛନ୍ତି। ତେବେ ପାଇଲଟ୍ ପ୍ରକଳ୍ପ ଆରମ୍ଭ ହେବାର ୨ ବର୍ଷ ବିତିବାକୁ ବସିଥିଲେ ସୁଦ୍ଧା ରାଜ୍ୟର ଅନ୍ୟ କୌଣସି ଜିଲାରେ ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇନାହିଁ।

ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ରାଜ୍ୟରେ ରାଶନ ଯୋଗାଇ ଦେବାକୁ ୧୨ ହଜାର ୩୦୦ ଫେୟାର ପ୍ରାଇସ୍ ଶପ(ଏଫ୍‌ପିଏସ୍) କାଉଣ୍ଟର ରହିଛି। ସେଥିରୁ କୋରାପୁଟ, ମାଲକାନଗିରି, କନ୍ଧମାଳ, ମୟୂରଭଞ୍ଜ ଭଳି ଜିଲାର ଦୁର୍ଗମ ଅଞ୍ଚଳରେ ଥିବା ୩୦୦ ପିଡିଏସ୍ କାଉଣ୍ଟରରେ ଇଣ୍ଟରନେଟ୍ ବ୍ୟବସ୍ଥା ନାହିଁ। ସେ ସବୁକୁ ୱାନ୍ ନେଶନ ୱାନ୍ ରାଶନରେ ସାମିଲ କରାଯାଇପାରିବ ନାହିଁ। ସେହିପରି ସ୍ୱଳ୍ପ ନେଟ୍‌ୱର୍କ ଥିବା ପ୍ରାୟ ୩ ହଜାର ଦୋକାନ ମଧ୍ୟ ଏଥିରୁ ବାଦ୍ ପଡ଼ିବା ଆଶଙ୍କା ରହିଛି। ୱାନ୍ ନେଶନ ୱାନ୍ ରାଶନ ବ୍ୟବସ୍ଥାରେ ଆଧାର ସଂଯୋଗ କରିବା ବାଧ୍ୟତାମୂଳକ। ଏଫ୍‌ପିଏସ୍‌ରେ ଶତ ପ୍ରତିଶତ ଇଣ୍ଟରନେଟ ସୁବିଧା ନ ଥିଲେ ଆଧାରକାର୍ଡ ଲିଙ୍କ୍‌କୁ ଦର୍ଶାଇବ ନାହିଁ। ଫଳରେ ହିତାଧିକାରୀ ସେହି କାଉଣ୍ଟରରୁ ରାଶନ ନେଇପାରିବେ ନାହିଁ। ଇଣ୍ଟରନେଟ ସୁବିଧା ଉପଲବ୍ଧ ଥିବା କାଉଣ୍ଟରଗୁଡ଼ିକୁ ଜୁଲାଇ ଶେଷ ସୁଦ୍ଧା ୱାନ୍ ନେଶନ ୱାନ୍ ରାଶନ ବ୍ୟବସ୍ଥାରେ ସାମିଲ କରିବାକୁ ଉଦ୍ୟମ କରାଯାଉଛି ବୋଲି ଖାଦ୍ୟ ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ତେବେ ଯେଉଁ ଅଞ୍ଚଳରେ ଏହି ସୁବିଧା ସମ୍ଭବ ହେବ ନାହିଁ ସେଠାରେ ଉକ୍ତ ବ୍ୟବସ୍ଥା କାର୍ଯ୍ୟକାରୀ ନ କରିବାକୁ ବିଭାଗ ନିଷ୍ପତ୍ତି ନେଇଛି। ଇଣ୍ଟରନେଟ ନ ଥିବା କାଉଣ୍ଟରକୁ ସାମିଲ କଲେ ରାଶନ ଜାଲିଆତି ହୋଇପାରେ। ଏ ନେଇ ରାଜ୍ୟ ସରକାର କେନ୍ଦ୍ର ଖାଉଟି କଲ୍ୟାଣ ମନ୍ତ୍ରଣାଳୟକୁ ଅବଗତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଇଣ୍ଟରନେଟ ସୁବିଧା ନ ଆସିବା ଯାଏ ହିତାଧିକାରୀଙ୍କୁ ଅଫ୍‌ଲାଇନରେ ଚାଉଳ ଯୋଗାଇ ଦିଆଯିବ। ଆସନ୍ତା ଜୁଲାଇ ୩୧ ସୁଦ୍ଧା ୯ ହଜାର ପିଡିଏସ୍ କାଉଣ୍ଟରକୁ ସାମିଲ କରିବାକୁ ବିଭାଗ ଲକ୍ଷ୍ୟ ରଖିଛି।

# ନର୍ସ, ଆଟେଣ୍ଡାଣ୍ଟ ନିଲମ୍ବିତ: ଜଣେ ବହିଷ୍କୃତ

**ସ୍ତ୍ରୀଙ୍କ ମୃତଦେହ ସ୍ୱାମୀ ବୋହିବା ଘଟଣା**

ଫୁଲବାଣୀ ଅଫିସ, ୨।୭

କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ତ୍ରୀଙ୍କ ମୃତଦେହକୁ ସ୍ୱାମୀ ବୋହିବା ଘଟଣାରେ ଶୁକ୍ରବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କାର୍ଯ୍ୟରେ ଅବହେଳା ପାଇଁ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ରାଜ୍ୟଶ୍ରୀ ପଟ୍ଟନାୟକ ଜଣେ ଷ୍ଟାଫ ନର୍ସ, ଜଣେ ଆଟେଣ୍ଡାଣ୍ଟଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିବା ବେଳେ ହେଲ୍ପ ଡେସ୍କର ଜଣେ କର୍ମଚାରୀଙ୍କୁ ବହିଷ୍କୃତ କରିଛନ୍ତି। ଷ୍ଟାଫନର୍ସ ମାମିନା ପାତ୍ର, ଆଟେଣ୍ଡାଣ୍ଟ ପ୍ରିୟଙ୍କା ମୁଖି ନିଲମ୍ବିତ ହୋଇଛନ୍ତି। ହେଲ୍ପ ଡେସ୍କ କର୍ମଚାରୀ ଅଜିତ୍ କୁମାର କହଁରଙ୍କୁ ବହିଷ୍କାର କରାଯାଇଛି। ଭବିଷ୍ୟତରେ ଏଭଳି ଘଟଣାର ଯେପରି ପୁନରାବୃତ୍ତି ନ ହେବ ସେଥିନେଇ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଚିକିତ୍ସାଧିକାରୀଙ୍କୁ ତାଗିଦ୍ କରାଯାଇଛି। ମେଡିକାଲ ଆସୁଥିବା ସମସ୍ତ ରୋଗୀ ଯେଭଳି ଉପଯୁକ୍ତ ସେବା ପାଇବେ ସେଥିପ୍ରତି ଦୃଷ୍ଟି ଦେବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ନିର୍ଦ୍ଦେଶ ଦେଇଛନ୍ତି।

ଫିରିଙ୍ଗିଆ ବ୍ଲକ ମୋତିଙ୍ଗିଆ ଗ୍ରାମର ରତ୍ନମତୀ କହଁରଙ୍କ ଦେହ ଖରାପ ହେବାରୁ ସ୍ୱାମୀ ବାଳକୃଷ୍ଣ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରତ୍ନମତୀଙ୍କ ମୃତ୍ୟୁ ଘଟିଥିଲା। ମୃତଦେହ ନେବାପାଇଁ ବାଳକୃଷ୍ଣ ଦାୟିତ୍ୱରେ ଥିବା ନର୍ସ ଏବଂ ଅନ୍ୟମାନଙ୍କୁ କହିଥିଲେ ମଧ୍ୟ କେହି ନ ଶୁଣି ହେଲ୍ପ ଡେସ୍କରେ ଯୋଗାଯୋଗ କରିବାକୁ କହିଥିଲେ। ହେଲ୍ପ ଡେସ୍କ କର୍ମଚାରୀ ମହାପ୍ରୟାଣ ଗାଡି ବ୍ୟବସ୍ଥା କରିଥିଲେ। ହେଲେ ଉପର ମହଲାରେ ମେଡିସିନ ୱାର୍ଡରେ ଥିବା ମୃତ୍ୟୁଦେହକୁ ମହାପ୍ରାୟାଣ ଗାଡ଼ି ପର୍ଯ୍ୟନ୍ତ ଆଣିବାରେ କେହି ସହଯୋଗ କରି ନଥିଲେ। ନିଜ ୨ ମାସର ଶିଶୁକୁ ତଳେ ରଖିଦେଇ ବାଳକୃଷ୍ଣ ନିଜେ ଦୁଇ ହାତରେ ସ୍ତ୍ରୀଙ୍କ ମୃତଦେହ ବୋହି ତଳକୁ ଆଣିଥିଲେ। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଇଥିଲା।

# ୪ ଦିନ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨।୭(ବ୍ୟୁରୋ)

ସପ୍ତାହକ ପରେ ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ହେଉଛି। ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଆରମ୍ଭ ହୋଇଯାଇଛି। ବିହାର ଏବଂ ପଶ୍ଚିମବଙ୍ଗ ଉପରେ ଏକ ଟ୍ରଫ୍‌ଲାଇନ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ମଧ୍ୟମ ଧରଣର ବର୍ଷା ଲାଗି ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର, ଅନୁଗୋଳ, ଢେଙ୍କାନାଳ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ପୁରୀ ଆଦି ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବ। ଏଣୁ ଏସବୁ ଜିଲା ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ଆସନ୍ତା ୭ ତାରିଖ ଯାଏ ରାଜ୍ୟର ବିଭିନ୍ନ ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ୩ ତାରିଖରେ କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, ସୁନ୍ଦରଗଡ଼, କେନ୍ଦୁଝର, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଆଦି ଜିଲାରେ ବର୍ଷା ହେବ। ୪ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଆଦି ଜିଲାରେ ବର୍ଷା ହେବ। ସେହିପରି ୫ ତାରିଖରେ ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଆଦି ଜିଲାରେ ମଧ୍ୟ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ। ଏସବୁ ଜିଲା ପାଇଁ ୟେଲୋୱାର୍ନିଂ ଜାରି କରାଯାଇଛି।

## ପୁରୀ ରଥଯାତ୍ରା ପାଇଁ ଚାଲିଛି କାମ



ଶୁକ୍ରବାର ଚିତ୍ରକାର ସେବକମାନେ ରଥ କଳସରେ ରଙ୍ଗ ଦେଉଛନ୍ତି।

# ଯୁବକଙ୍କୁ ଟାଣିନେଲା ପମ୍ପହାଉସ୍ ପାଇପ୍

**ଏନ୍‌ଟିପିସି ଆଶ୍‌ପଣ୍ଡରେ ଦୁର୍ଘଟଣା**

କଣିହାଁ,୨।୭(ଡି.ଏନ.ଏ.)

କାମ ଖୋଜିବାକୁ ଆଶ୍‌ପଣ୍ଡ ନିକଟକୁ ଯାଇଥିବା ଜଣେ ଯୁବକଙ୍କୁ ପମ୍ପହାଉସ୍ ପାଇପ୍ ଟାଣି ନେଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ଏହି ଦୁର୍ଘଟଣା ଘଟିଛି ଅନୁଗୋଳ ଜିଲା କଣିହାଁ ବ୍ଲକସ୍ଥିତ ଏନ୍‌ଟିପିସି ପାଉଁଶ ପୋଖରୀରେ। ଏ ନେଇ ଥାନାରେ ଅଭିଯୋଗ ପରେ ନିଖୋଜ ଯୁବକଙ୍କୁ ପାଇପ୍ ମଧ୍ୟରେ ଖୋଜାଖୋଜି କରାଯାଉଛି।

ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, କଣିହାଁ ବ୍ଲକ ଡେରେଙ୍ଗ ଗ୍ରାମର ଶ୍ରୀକାନ୍ତ ନାଏକ (୨୦) ଅନ୍ୟ ଜଣଙ୍କ ସହ ସକାଳ ୬ଟା ବେଳେ ଏନ୍‌ଟିପିସି ଷ୍ଟେଜ୍ ୱାନ୍ ଆଶ୍‌ପଣ୍ଡ ନିକଟକୁ ଯାଇଥିଲେ। ତେବେ କୌଣସି କାରଣରୁ ଶ୍ରୀକାନ୍ତ ଫିଲ୍ଟର ପୋଖରୀରେ ବୁଡ଼ିଯାଇଥିଲେ। ପ୍ରକଳ୍ପଠାରୁ ପାଉଁଶ ପୋଖରୀରୁ ଦୂରତା ୪ କିଲୋମିଟର ହୋଇଥିବା ବେଳେ ପରିଚାଳନା ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଶ୍ରୀକାନ୍ତ ପମ୍ପହାଉସ୍ ପାଇପ୍ ମଧ୍ୟକୁ ଟାଣି ହୋଇଯାଇଥିବା କୁହାଯାଉଛି।

ତୁରନ୍ତ ନିଖୋଜ ଯୁବକଙ୍କୁ ଖୋଜିବା ସହ କ୍ଷତିପୂରଣ ଦାବିରେ ଆଶ୍‌ପଣ୍ଡ କାର୍ଯ୍ୟ ବନ୍ଦ ରଖାଯାଇଛି। ଏ ନେଇ କଣିହାଁ ଥାନା ଆଇଆଇସି ରାଜେନ୍ଦ୍ର ନାରାୟଣ କହିଛନ୍ତି, ଅଭିଯୋଗ ପରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଆସି ସନ୍ଧ୍ୟାରେ ଫେରିଯାଇଛନ୍ତି। କୌଣସି ଆନ୍ଦୋଳନ ହୋଇନାହିଁ। ଫିଲ୍ଟର ପୋଖରୀରୁ ଆଶ୍‌ପଣ୍ଡ ପମ୍ପହାଉସ୍‌କୁ ଯାଇଥିବା ପାଇପ୍‌ର କିଛି ଅଂଶ କଟାଯାଇ ନିଖୋଜଙ୍କ ସନ୍ଧାନ ପାଇବାକୁ ଚେଷ୍ଟା କରାଯାଉଛି। ଆଶ୍ ପରିଚାଳନା ଡିଜିଏମ୍ ଏ.କେ. ସାମଲଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ନ ଉଠାଇ ନ ଥିଲେ। ଏନ୍‌ଟିପିସି ଏଚ୍‌ଆର୍ ଡିଜିଏମ୍ ସୁନୀତା ଲାକ୍ରା କହିଛନ୍ତି, ଘଟଣା ସମ୍ପର୍କରେ ତାଙ୍କ ନିକଟରେ କୌଣସି ଖବର ନାହିଁ। ଶନିବାର ଏ ନେଇ ସେ ସୂଚନା ଦେଇପାରିବେ।

# କାଳିନ୍ଦୀଚରଣଙ୍କ ସାହିତ୍ୟରେ ବିଶ୍ୱମାନର ପରିଚୟ ମିଳେ

ଭୁବନେଶ୍ୱର, ୨।୭(ବ୍ୟୁରୋ)

କବି ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀ ଥିଲେ ନବଜାଗରଣ ପରବର୍ତ୍ତୀ ଉଜାଗ୍ରତ ଚେତନାର କବି। ତାଙ୍କ ସାହିତ୍ୟରୁ ବିଶ୍ୱମାନର ପରିଚୟ ମିଳେ ବୋଲି ବିଶିଷ୍ଟ ବକ୍ତାମାନେ କହିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଦୃଶ୍ୟ-ଶ୍ରାବ୍ୟ ମାଧ୍ୟମରେ ଶୁକ୍ରବାର କାଳିନ୍ଦୀଚରଣଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକଙ୍କ ପୌରାହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇଥିଲେ। ଏହି ମନୋଜ୍ଞ ସମାବେଶରେ ଉଦ୍‌ଘାଟନୀ ବକ୍ତବ୍ୟ ଦେଇ ମନ୍ତ୍ରୀ କହିଲେ, କାଳିନ୍ଦୀଚରଣ ହେଉଛନ୍ତି ବହୁମୁଖୀ ପ୍ରତିଭାର ଅଧିକାରୀ। ତାଙ୍କର ଅନେକ ରଚନା ସ୍କୁଲ, କଲେଜରେ ପାଠ୍ୟ ଭାବେ ଗୃହୀତ ହୋଇଥିଲା। ସମ୍ମାନିତ ଅତିଥି ତଥା ବିଭାଗର ପ୍ରମୁଖ ଶାସନ ସଚିବ ଡ. ବିଷ୍ଣୁପଦ ସେଠୀ କହିଲେ, କାଳିନ୍ଦୀଚରଣ ହିନ୍ଦୀ ସାହିତ୍ୟର ପ୍ରବାଦପୁରୁଷ ପ୍ରେମଚାନ୍ଦଙ୍କ ପତ୍ରିକାର ସହଯୋଗୀ ସମ୍ପାଦକ ଭାବେ କାର୍ଯ୍ୟକରି ଓଡ଼ିଆ ଅସ୍ମିତାକୁ ସର୍ବଭାରତୀୟ ସ୍ତରରେ ପ୍ରତିଷ୍ଠିତ କରିପାରିଥିଲେ। ମୁଖ୍ୟବକ୍ତା ପ୍ରଫେସର ଆଦିକନ୍ଦ ସାହୁ ତାଙ୍କ ବକ୍ତବ୍ୟରେ କହିଥିଲେ, କାଳିନ୍ଦୀଚରଣ ଥିଲେ ବିସ୍ତୀର୍ଣ୍ଣ ଚେତନାର ପରିପକ୍ୱ କବି। ତାଙ୍କର ଘୋଷଣା ଥିଲା, 'ଯେଉଁ ବାଣୀ କୋଟି ଅନ୍ତରକୁ ଛୁଇଁବ ନାହିଁ, ସେ ବାଣୀ ମୋର ନ ହେଉ।' 'ମାଟିର ମଣିଷ' ପରି ଉପନ୍ୟାସ ଭାରତ ତ ଦୂରର କଥା, ସମଗ୍ର ଏସିଆ ମହାଦେଶରେ ମଧ୍ୟ ରଚିତ ହୋଇଥିବା ମନେହୁଏ ନାହିଁ। ସମ୍ମାନିତ ବକ୍ତା ଡ. ବିବେକାନନ୍ଦ ପାଣିଗ୍ରାହୀ କହିଲେ, ପାରିବାରିକ ବିଭାଜନ ବିରୋଧରେ କାଳିନ୍ଦୀଚରଣଙ୍କ ସ୍ୱର 'ମାଟିର ମଣିଷ'ରେ ଥିଲା ଅତ୍ୟନ୍ତ ସ୍ପଷ୍ଟ। ଏକାଡେମୀ ଉପସଭାପତି ଡ. ସଂଗ୍ରାମ ଜେନା କହିଲେ, ଗାନ୍ଧୀ ଆନ୍ଦୋଳନ ଅପେକ୍ଷା ଗାନ୍ଧୀ ବିଚାର ଓ ରବୀନ୍ଦ୍ରନାଥଙ୍କ ଆଦର୍ଶର ବିଶ୍ୱସ୍ତ ଅନୁସାରୀ ଥିଲେ କାଳିନ୍ଦୀଚରଣ। ସଭାପତି ଡ. ମଲ୍ଲିକ ତାଙ୍କ ଅଭିଭାଷଣରେ କହିଲେ, କାଳିନ୍ଦୀଚରଣ ଥିଲେ ଯୁଗସନ୍ଧିର କବି। ତାଙ୍କ ସାହିତ୍ୟର ଯଥାର୍ଥ ମୂଲ୍ୟାୟନ ନ ହେବା ହେଉଛି ଆମ ଜାତିର ଦୁର୍ଭାଗ୍ୟ। କାଳିନ୍ଦୀଚରଣଙ୍କ ନିଜ ସ୍ୱରରେ ସାହିତ୍ୟ ସମ୍ପର୍କୀୟ ତାଙ୍କ ବକ୍ତବ୍ୟର ଉପସ୍ଥାପନା ସାଙ୍ଗକୁ ପ୍ରଫୁଲ୍ଲ କର ଓ ବାଣୀ ଜୟରାମଙ୍କ କଣ୍ଠରେ କାଳିନ୍ଦୀଚରଣଙ୍କ ରଚିତ ଲୋକପ୍ରିୟ ଜଣାଣ 'କେଉଁ ନାମ ଧରି ଡାକିବି ତୁମକୁ, ତୁମେ ତ ସର୍ବନାମ' ଉତ୍ସବକୁ ଭାବଗମ୍ଭୀର କରିଥିଲା। ଏକାଡେମୀର ସମ୍ପାଦକ ପ୍ରବୋଧ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।




**ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭର୍ଚୁଆଲ ମୋଡ୍‌ରେ କାଳିନ୍ଦୀଚରଣଙ୍କ ଜୟନ୍ତୀ ଉତ୍ସବ**

# ସବୁଜ ଯୁଗର ସର୍ବଶ୍ରେଷ୍ଠ ବିନ୍ଧାଣି ଥିଲେ କାଳିନ୍ଦୀଚରଣ

କଟକ ଅଫିସ,୨।୭

ସାରସ୍ୱତ ସାଧକ ତଥା ସାରଳା ସାହିତ୍ୟ ସଂସଦର ପ୍ରଥମ ସଭାପତି ପଦ୍ମଭୂଷଣ ଡ. କାଳିନ୍ଦୀଚରଣ ପାଣିଗ୍ରାହୀ ଥିଲେ ସବୁଜ ଯୁଗର ସର୍ବଶ୍ରେଷ୍ଠ ବିନ୍ଧାଣି। ସେ ଏକାଧାରରେ ଥିଲେ କବି, ଗାଳ୍ପିକ, ଔପନ୍ୟାସିକ, ନାଟ୍ୟକାର, ଶିଶୁ ସାହିତ୍ୟିକ ଓ ଜୀବନୀକାର। ତାଙ୍କ ଉପନ୍ୟାସ 'ମାଟିର ମଣିଷ' ଭାରତୀୟ ସାହିତ୍ୟରେ ଅନବଦ୍ୟ କୃତି। ସାରଳା ସାହିତ୍ୟ ସଂସଦ ପକ୍ଷରୁ ଶୁକ୍ରବାର ୱେବିନାର ମାଧ୍ୟମରେ ଅନୁଷ୍ଠିତ କାଳିନ୍ଦୀଚରଣଙ୍କ ୧୨୦ ତମ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଡ. ପ୍ରତିଭା ରାୟ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ମହେଶ୍ୱର ମହାନ୍ତି ଯୋଗଦେଇ କହିଥିଲେ, କାଳିନ୍ଦୀଚରଣଙ୍କ ସାହିତ୍ୟରେ ପଲ୍ଲୀ ଜୀବନର ଚିତ୍ର ପରିଦୃଷ୍ଟ ହୁଏ। ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ଡା. ନିରଞ୍ଜନ ତ୍ରିପାଠୀ, ନିମାଇଁ ଚରଣ ପରିଜା, ନୀରଦ କୁମାର ଗଚ୍ଛାୟତ, ସଞ୍ଜୟ କୁମାର ସାମନ୍ତରାୟ, ସୁଲୋଚନା ଦାସ, ପ୍ରସନ୍ନ କୁମାର ସ୍ୱାଇଁ, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ, ଚୌଧୁରୀ ସତ୍ୟ ଦାସ, ଅଧ୍ୟାପକ ନିର୍ମଳ ଚନ୍ଦ୍ର ପହି ପ୍ରମୁଖ ଯୋଗଦେଇଥିଲେ।

**ଆଜିର ମନ୍ତବ୍ୟ**

ପୂର୍ବ ଲଦାଖରେ ଭାରତ ଓ ଚାଇନା ପର୍ଯ୍ୟାୟକ୍ରମେ ସ୍ଥିତାବସ୍ଥା ହାସଲ କରିବାକୁ ସକ୍ଷମ ହେବା ଉଚିତ।
–ଜେନେରାଲ ବିପିନ୍ ରାୱତ, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ମାନବିକ
ପରିବାରବର୍ଗ


ଶାୟଂଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସରକାର ସମସ୍ତ ସମ୍ବଳ ବିନିଯୋଗ କରିବେ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୬(ବ୍ୟୁରୋ)**

ପ୍ରତ୍ୟେକ ଜୀବନ ମୂଲ୍ୟବାନ। ଏହା ହେଉଛି ଆମର ମୂଳମନ୍ତ୍ର। ଶିଶୁମାନଙ୍କୁ ଉପଯୁକ୍ତ ଚିକିତ୍ସା ନିଶ୍ଚିତ କରିବା ଲାଗି ରାଜ୍ୟ ସରକାର ସମସ୍ତ ଉପଲବ୍ଧ ସମ୍ବଳକୁ ବିନିଯୋଗ କରିବେ। ଶୁକ୍ରବାର ଶିଶୁ ବିଶେଷଜ୍ଞ ଡାକ୍ତରମାନଙ୍କ ତାଲିମ କାର୍ଯ୍ୟକ୍ରମକୁ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। କରୋନା ମହାମାରୀର ଦ୍ୱିତୀୟ ଲହରରେ ଲୋକଙ୍କ ଜୀବନ ବଞ୍ଚାଇଥିବାରୁ ମୁଖ୍ୟମନ୍ତ୍ରୀ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଧନ୍ୟବାଦ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ତୃତୀୟ ଲହର ପାଇଁ ଆମକୁ ସତର୍କତାର ସହ ପ୍ରସ୍ତୁତ ହେବାକୁ ପଡ଼ିବ। ଏହାର ପ୍ରଭାବ ପିଲାମାନଙ୍କ ଉପରେ ପଡ଼ିବା ସମ୍ଭାବନା ରହିଛି। ଶିଶୁମାନଙ୍କ ଯତ୍ନ ଲାଗି ରାଜ୍ୟ ସରକାର ଭିତ୍ତିଭୂମି, ଔଷଧ, ଯନ୍ତ୍ରପାତି ଆଦି ପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତ କରିଛନ୍ତି। ତେବେ ଡାକ୍ତରମାନଙ୍କ ତାଲିମ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଯଦି ସେଭଳି କିଛି ପରିସ୍ଥିତି ଆସେ ତେବେ ଏଥିପାଇଁ ଆମକୁ ପ୍ରସ୍ତୁତ ରହିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସଂକ୍ରମଣର ତୃତୀୟ ଲହରକୁ ଦୃଷ୍ଟିରେ

### ଶିଶୁ ଯତ୍ନ ପାଇଁ ଡାକ୍ତରଙ୍କୁ ତାଲିମ କାର୍ଯ୍ୟକ୍ରମ

ରଖି ରାଜ୍ୟ ସରକାର ମେଡିକାଲ ଅଫିସର ଏବଂ ନର୍ସିଂ ଅଫିସରମାନଙ୍କ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସଚେତନତା ପାଇଁ ଏକ ଭିଡିଓଚିତ୍ର ଏବଂ ଆଗଧାଡ଼ିର କର୍ମୀମାନଙ୍କ ନିମନ୍ତେ ଏକ ପକେଟ ବୁକ୍‌ର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି, ଡାକ୍ତର ଓ ପାରାମେଡିକାଲ ଷ୍ଟାଫ୍‌ମାନଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ ବିଶେଷ ଉପାଦେୟ ହୋଇପାରିବ। ଏହା ୫-ଟି ମଡ୍ୟୁଲରେ ପ୍ରସ୍ତୁତ କରାଯାଇଛି। ଟେକ୍ନୋଲୋଜି ଓ ଟିମ୍ ୱାର୍କ ଉପରେ ଗୁରୁତ୍ୱ ଦିଆଯାଇଛି। ତାଲିମ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଗଞ୍ଜାମ, କଟକର ୩ ଜଣ ଲେଖାଏ ଡାକ୍ତରଙ୍କ ସହ ଭାବବିନିମୟ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ପରିଚାଳନା କରିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗ ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିବା ବେଳେ ଇପିକଲ ଏମ୍‌ଡି ପୁନିଆ ଧନ୍ୟବାଦ ପ୍ରଦାନ କରିଥିଲେ।

# ଜେଲ ପାଚେରି ଡେଇଁ ହତ୍ୟା ଅଭିଯୁକ୍ତ ଚମ୍ପଟ

**ହିନ୍ଦୋଳ, ୨୬(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ଉପକାରାଗାର ପାଚେରି ଡେଇଁ ଶୁକ୍ରବାର ଜଣେ ଅଭିଯୁକ୍ତ ଚମ୍ପଟ ମାରିଛନ୍ତି। ଏହା ଜଣାପଡ଼ିବା ପରେ ଜେଲ କର୍ତ୍ତୃପକ୍ଷ ହିନ୍ଦୋଳ ଥାନାକୁ ସୂଚନା ଦେଇଥିଲେ। ପୋଲିସ ଏବଂ ଜେଲ କର୍ମଚାରୀ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ ମଧ୍ୟ ଅଭିଯୁକ୍ତଙ୍କ କୌଣସି ସନ୍ଧାନ ମିଳିନାହିଁ। ଜେଲ୍ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ରାସୋଳ ଥାନା ଦଣ୍ଡିରି ଗ୍ରାମରେ ଗତ ଜୁନ୍ ୨୫ରେ ବନ୍ୟପ୍ରାଣୀ ମାଂସ ଭାଗବଣ୍ଟାକୁ କେନ୍ଦ୍ର କରି ବିରଞ୍ଚି ବେହେରା ଏବଂ ଭୁଲୁ ବେହେରାଙ୍କ ମଧ୍ୟରେ ବଚସା ହୋଇଥିଲା। ବିରଞ୍ଚି ଏକ ଧାରୁଆ ଅସ୍ତ୍ରରେ ଭୁଲୁଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଭୁଲୁଙ୍କ ମୃତ୍ୟୁ ହୋଇଯାଇଥିଲା। ଏ ସଂକ୍ରାନ୍ତରେ ପୋଲିସ ନଂ.୯୦/୨୧ରେ ଏକ ହତ୍ୟା ମାମଲା ରୁଜୁ କରି ବିରଞ୍ଚିଙ୍କୁ ଗିରଫ କରିବା ସହ ୨୬ ତାରିଖରେ କୋର୍ଟ ଚାଲାଣ କରିଥିଲା। କୋର୍ଟରେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ହିନ୍ଦୋଳ ଉପକାରାଗାରକୁ ପଠାଇ ଦିଆଯାଇଥିଲା। ଶୁକ୍ରବାର ସକାଳେ ବିରଞ୍ଚି ଏକ ବାଉଁଶ ସହାୟତାରେ ଜେଲର ସୁଉଚ୍ଚ ପାଚେରି ଡେଇଁ ଫେରାର ହୋଇଯାଇଛନ୍ତି। ଜେଲ କର୍ମଚାରୀଙ୍କ ଖାମଖିଆଲି ନୀତି ଯୋଗୁ ଏଭଳି ଘଟିଥିବା ଚର୍ଚ୍ଚା ହେଉଛି। ଅନ୍ୟପଟେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଉଦ୍ୟମ ଚାଲିଥିବା ପୋଲିସ କହିଛି।

# ସୁପ୍ରିମକୋର୍ଟରେ ମାମଲା ଖାରଜ

**ବରିଷ୍ଠ ଆଇନଜୀବୀ ମାନ୍ୟତା ଘଟଣା**

କଟକ ଅଫିସ, ୨୬: ବରିଷ୍ଠ ଆଇନଜୀବୀ ମାନ୍ୟତା ଘଟଣାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ହୋଇଥିବା ମାମଲା ଖାରଜ ହୋଇଯାଇଛି। ଓଡ଼ିଶା ହାଇକୋର୍ଟ ଆଇନ, ୨୦୧୯ (ବରିଷ୍ଠ ଆଇନଜୀବୀ ମାନ୍ୟତା) ଅନୁସାରେ ୨୦୧୯ ଏପ୍ରିଲ ୨୨ରେ ବିଜ୍ଞାପନ ମାଧ୍ୟମରେ ଆବେଦନପତ୍ର ମଗାଯାଇଥିଲା। ଏଥିରେ ୬୭ଜଣ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୪୮ଜଣଙ୍କ ଆବେଦନ ଗାଇଡଲାଇନ ମଧ୍ୟରେ ଆସିଥିଲା। କିନ୍ତୁ ବରିଷ୍ଠ ଆଇନଜୀବୀ ମାନ୍ୟତା ନିମିତ୍ତ ସ୍ଥାୟୀ କମିଟି ୫ଜଣଙ୍କ ବ୍ୟତୀତ ଅନ୍ୟ ୪୩ଜଣଙ୍କ ଆବେଦନକୁ ଖାରଜ କରିଦେଇଥିଲା। ସିଧାସଳଖ ଭାବେ ଉପରୋକ୍ତ ୫ଜଣଙ୍କ ନାମ ସୁପାରିଶ କରାଯାଇଥିଲା। ଏନେଇ ଆଇନଜୀବୀ ବଂଶୀଧର ବାଗ ଗତ ମେ ୧୭ରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅନିରୁଦ୍ଧ ସାଙ୍ଗେନେରିଆ ମାମଲା ପରିଚାଳନା କରୁଥିଲେ। ଏହି ମାମଲାରେ ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ, ମୁଖ୍ୟବିଚାରପତି, ରେଜିଷ୍ଟ୍ରାର(ଜୁଡିସିଆଲ), ଓଡିଶାର ବରିଷ୍ଠ ଓକିଲ ମାନ୍ୟତା ନିମିତ୍ତ ସ୍ଥାୟୀ କମିଟି ଓ ୫ ଆଇନଜୀବୀଙ୍କୁ ପକ୍ଷଭୁକ୍ତ କରାଯାଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କନିଆଁ ମାଆ; କାଟିବାକୁ ଦିଏ ଦାଆ,**
**ଖରାବେଳେ କହେ ବେଣା କାଟି ଯାଆ।**

ମା' ଯେମିତି ପିଲାଙ୍କ ଯତ୍ନ ନେଇଥାଏ ଓ ସ୍ନେହ ଶ୍ରଦ୍ଧା କରିଥାଏ, ସେମିତି ଆଉ କେହି କରିପାରି ନ ଥାନ୍ତି। ସାବତ ମା' କେବେ ଜନ୍ମଦାତ୍ରୀ ମା' ପରି ହୋଇପାରିନଥାଏ। କେବେବି ସେ ଜନ୍ମକଲା ମା' ପରି ନିଜ ମନର ଭାବ, ଆବେଗ ବୁଝିପାରି ନଥାଏ। ଅନେକ ସମୟରେ ଏଭଳି ମା' ଠାରୁ ହତାଦର ବା ଅବହେଳାର ଶିକାର ହେବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କୋଉ ମଣିଷର ମୁହଁ ଚାହିଁଲି;**
**ଆଜି ପରା ଦିନେ ମାଡ଼ ଖାଇଲି।**

ବେଳେବେଳେ ଜଣକର ମୁହଁ ଚାହିଁଲେ ଦିନଟି ଭଲରେ ଯାଉ ନ ଥିବାର ଲକ୍ଷ୍ୟ କରାଯାଇଥାଏ। ଦିନର ସବୁ କାର୍ଯ୍ୟରେ ଅଶୁଭ ବା ଅମଙ୍ଗଳ ଘଟୁଥିବାର ଜଣାଯାଇଥାଏ। କୃପଣ ତଥା ଆଣ୍ଠୁକୁଡ଼ା ଲୋକଙ୍କୁ ଦେଖିଲେ ଦିନଟି ଭଲରେ କଟୁନଥିବା ନେଇ ଲୋକବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପ୍ରଥମ ପୃଷ୍ଠାରୁ...

### ନେରେଡିରେ ଆନ୍ଧ୍ର ...

ପ୍ରମୁଖ ନେରେଡି ଅଞ୍ଚଳ ଗସ୍ତକରି ପ୍ରକଳ୍ପ କାର୍ଯ୍ୟ ବିଷୟରେ ଅନୁଧ୍ୟାନ କରିଛନ୍ତି। ଟ୍ରିବ୍ୟୁନାଲ ରାୟ ପରେ ଆନ୍ଧ୍ର ସରକାର ତତ୍ପରତା ଦେଖାଇ ପ୍ରକଳ୍ପ କାର୍ଯ୍ୟ ଆଗକୁ ନେବାକୁ ଯୋଜନା କଲେଣି। ହେଲେ ଓଡ଼ିଶା ସରକାରଙ୍କ ପାଖରେ ଏହାର ସୂଚନା ନ ରହିବା ଗୋଇନ୍ଦା ବିଭାଗର ବିଫଳତା ବୋଲି ଭାଜପା ଅଭିଯୋଗ କରିଛି।

ଭାଜପାର ଏକ ରାଜ୍ୟସ୍ତରୀୟ ପ୍ରତିନିଧି ଦଳ ଶୁକ୍ରବାର ଗଜପତି ଜିଲା କାଶୀନଗର ବ୍ଲକ୍‌ର ବଂଶଧାରା ନଦୀ ଅବବାହିକାରେ ରହୁଥିବା ସାରା, ବାଡିଙ୍ଗା, ପାଲସିଂ ସମେତ ରାୟଗଡ଼ା ଜିଲା ଗୁଣପୁର ଏବଂ ଗୁଡାରୀର ପାଣିଡଙ୍ଗର ଅଞ୍ଚଳ ବୁଲି ଲୋକଙ୍କ ସହ ଆଲୋଚନା କରିଥିଲେ। ଭାଜପାର ରାଜ୍ୟ ଉପ ସଭାପତି ଭୃଗୁ ବକ୍ସିପାତ୍ରଙ୍କ ନେତୃତ୍ୱରେ ପୂର୍ବତନ କୋରାପୁଟ ଏମ୍‌ପି ଜୟରାମ ପାଙ୍ଗୀ, ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ, ରାୟଗଡ଼ା ଜିଲା ସଭାପତି ଶିବ ପଟ୍ଟନାୟକ ପ୍ରମୁଖ ବ୍ୟାରେଜ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଅଞ୍ଚଳ ଗସ୍ତକରି ସ୍ଥିତି ଅନୁଧ୍ୟାନ କରିଥିଲେ। ସମସ୍ତ ଅଞ୍ଚଳ ବୁଲିବା ପରେ ଅପରାହ୍ନରେ ଗୁଣପୁର ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଖବରଦାତା ସମ୍ମିଳନୀ ମାଧ୍ୟମରେ ବକ୍ସିପାତ୍ର ସରକାରଙ୍କ ଉପରେ ବର୍ଷିଥିଲେ। ରାଜ୍ୟ ସରକାର ଠିକ୍ ତଥ୍ୟ ଉପସ୍ଥାପନ କରିବାରେ ବିଫଳ ହେବାରୁ ଟ୍ରିବ୍ୟୁନାଲର ରାୟ ଆନ୍ଧ୍ର ସପକ୍ଷରେ ଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଜୁନ୍ ୨୧ରୁ ରାୟ ପ୍ରକାଶ ପାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ରାଜ୍ୟ ସରକାର ମୁହଁ ଖୋଲିନାହାନ୍ତି। ଅଞ୍ଚଳର ସ୍ୱାର୍ଥ ଦୃଷ୍ଟିରୁ ବଂଶଧାରା ଉପର ମୁଣ୍ଡରେ ପାଣିଡଙ୍ଗର ପ୍ରକଳ୍ପ କରାଯାଉ ବୋଲି ଦଳ ପକ୍ଷରୁ ଦାବି ହୋଇଛି। ତେବେ ବଂଶଧାରା


ନେରେଡିଠାରେ ଆନ୍ଧ୍ର ପକ୍ଷରୁ ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରାଯାଉଛି।


ରାୟଗଡ଼ା ଜିଲାର ପାଣିଡଙ୍ଗରଠାରେ ଭାଜପା ପ୍ରତିନିଧି ଦଳ।

ତଳ ମୁଣ୍ଡରେ ବ୍ୟାରେଜ ପାଇଁ ଆନ୍ଧ୍ରକୁ ଅନୁମତି ମିଳିଥିବାବେଳେ ଉପର ମୁଣ୍ଡରେ ଓଡ଼ିଶା ସରକାର କୌଣସି ପ୍ରକଳ୍ପ ନିର୍ମାଣ କଲେ କ୍ଷତିପୂରଣ ବାବଦକୁ ନେରେଡି ପ୍ରକଳ୍ପ ଖର୍ଚ୍ଚର ଅଧା ଟଙ୍କା ବହନ କରିବେ ବୋଲି ଟ୍ରିବ୍ୟୁନାଲ ଏକପାଖିଆ ରାୟ ଶୁଣାଇବା ଦୁର୍ଭାଗ୍ୟଜନକ। ଓଡ଼ିଶା ସରକାର ତୁରନ୍ତ ଟ୍ରିବ୍ୟୁନାଲ ରାୟ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୁଅନ୍ତୁ ବୋଲି ଭାଜପା ପକ୍ଷରୁ ଦାବି ହୋଇଛି।

ସୂଚନାଯୋଗ୍ୟ, ନେରେଡିଠାରେ ଆନ୍ଧ୍ର ପକ୍ଷରୁ ବ୍ୟାରେଜ ନିର୍ମାଣ ହେଲେ ଖରାଦିନରେ ଜଳ ଅଭାବ ଯୋଗୁ ବଂଶଧାରା ଅବବାହିକାରେ ରହିଥିବା ରାୟଗଡ଼ା ଏବଂ ଗଜପତି ଜିଲାର ଅନେକ ଅଞ୍ଚଳର ଚାଷଜମି କ୍ଷତିଗ୍ରସ୍ତ ହେବ। ସେହିଭଳି ବର୍ଷାଦିନେ ଉକ୍ତ ଅଞ୍ଚଳଗୁଡ଼ିକରେ ବନ୍ୟା ଆଶଙ୍କା ରହିଛି।

### ରାଜଧାନୀରେ ପେଟ୍ରୋଲ ...

ସେହିଭଳି ଡଲାର ତୁଳନାରେ ଟଙ୍କା ମୂଲ୍ୟ ହ୍ରାସ ଏବଂ କେନ୍ଦ୍ର ଏବଂ ରାଜ୍ୟ ସ୍ତରରେ ଲାଗୁ ହେଉଥିବା ବୃହତ୍ ପରିମାଣର ଟିକସ ଯୋଗୁ ଦର ଖସିବାର ନାଁ ନେଉନାହିଁ। ଓଡ଼ିଶାରେ ପେଟ୍ରୋଲ ଉପରେ ଯଥାକ୍ରମେ ୪୦.୪୧ ଟଙ୍କା ମୂଳ ଦର ଉପରେ କେନ୍ଦ୍ରୀୟ ଉତ୍ପାଦ ଟିକସ ଭାବେ ୩୨.୯୦ ଟଙ୍କା, ଭାଟ୍ ୨୩.୪୦ ଟଙ୍କା, ୩.୩୦ ଟଙ୍କାର ଡିଲର କମିଶନ ଲାଗୁଛି। ସେହିଭଳି ଡିଜେଲର ମୂଳ ଦର ୪୨.୫୪ ଟଙ୍କା ଥିବା ବେଳେ କେନ୍ଦ୍ରୀୟ ଉତ୍ପାଦ ଟିକସ ୩୧.୮୦ ଟଙ୍କା, ଭାଟ ୨୦.୮୦ ଟଙ୍କା ଏବଂ ଡିଲର କମିଶନ ୨.୧୧ ଟଙ୍କା ରହିଛି। ଟିକସ କମାଇବା ଲାଗି ବାରମ୍ବାର ଦାବି ହେଉଥିଲେ ମଧ୍ୟ କେନ୍ଦ୍ର ସରକାର ଏହାକୁ କର୍ଣ୍ଣପାତ କରୁନାହାନ୍ତି। ଉଲ୍ଲେଖଯୋଗ୍ୟ, କେନ୍ଦ୍ର ସରକାର ଗତ ଆର୍ଥିକ ବର୍ଷରେ ପେଟ୍ରୋଲିୟମ ସାମଗ୍ରୀରୁ ଟିକସ ଭାବେ ୪.୫୧ ଲକ୍ଷ କୋଟି ଟଙ୍କା ଆଦାୟ କରିଛନ୍ତି। ଏହାର ପୂର୍ବ ଆର୍ଥିକ ବର୍ଷରେ ଏହି ପରିମାଣ ୨.୮୮ ଲକ୍ଷ କୋଟି ଟଙ୍କା ରହିଥିବା ବେଳେ ଏଥିରେ ୫୬% ବୃଦ୍ଧି ଘଟିଛି।

ବର୍ତ୍ତମାନ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର କ୍ରମାଗତ ବଢୁଥିବା ବେଳେ ଏହି ତେଲ ଦର ଆଗାମୀ ଦିନରେ ମଧ୍ୟ ବଢ଼ିବ ବୋଲି ଆଶଙ୍କା କରାଯାଉଛି। ସରକାର ଟିକସ କମାଇବା ଦିଗରେ କୌଣସି ପଦକ୍ଷେପ ନେଉ ନ ଥିବାରୁ ଖାଉଟିଙ୍କୁ ତେଲ ଦରରୁ ଆଶ୍ୱସ୍ତି ମିଳିବ ନାହିଁ ବୋଲି ବଜାର ବିଶେଷଜ୍ଞ କହିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ବ୍ୟବସାୟୀ ମହାସଂଘର ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି, ତେଲ ଦର ବଢ଼ିବା ଯୋଗୁ ଏହାର ସିଧାସଳଖ ପ୍ରଭାବ ପରିବହନ ବ୍ୟବସ୍ଥା ଉପରେ ପଡ଼ିଛି। ମାଲ ଭଡ଼ା ପୂର୍ବାପେକ୍ଷା ବଢ଼ିଛି। ଫଳରେ ଦରଦାମ ମଧ୍ୟ ଏହା ଯୋଗୁ ବଢୁଛି। ସେହିଭଳି ଲୋକଙ୍କ ଦୈନନ୍ଦିନ ଜୀବନରେ ଇନ୍ଧନ ଦର ବୃଦ୍ଧିର ପ୍ରଭାବ ପଡୁଛି। ସରକାର ଲୋକଙ୍କୁ ଆଶ୍ୱସ୍ତି ଦେବା ଭଳି ପଦକ୍ଷେପ ନେବାର ଆବଶ୍ୟକତା ରହିଥିବା ସେ ମତ ପ୍ରକାଶ କରିଛନ୍ତି। ତେଲ ଦର ବଢୁଥିବାରୁ ପୂର୍ବ ଭଡ଼ା ଅନୁସାରେ ଗାଡ଼ି ଚଳାଇବା କଷ୍ଟକର ହେଉଥିବା ପରିବହନକାରୀ ସଂଘ ପକ୍ଷରୁ ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ମେ ୪ ପରଠାରୁ ସାରା ଦେଶରେ ପ୍ରାୟ ୩୩ଥର ତେଲ ଦର ବଢ଼ିଲାଣି। ଏହି ସମୟରେ ପେଟ୍ରୋଲ ଲିଟର ପିଛା ୮.୭୬ ଟଙ୍କା ବଢ଼ିଛି। ସେହିଭଳି ଡିଜେଲ ୩୨ ଥରରେ ୮.୪୫ ଟଙ୍କା ମହଙ୍ଗା ହୋଇଛି। ଓଡ଼ିଶା ବାଦ୍ ରାଜସ୍ଥାନର ଶ୍ରୀଗଙ୍ଗାନଗର ଏବଂ ହନୁମାନଗଡ଼ ଭଳି ଅନ୍ୟ ସ୍ଥାନରେ ପେଟ୍ରୋଲ ୧୦୦ ଟଙ୍କା ଟପିଛି। ସେହିଭଳି ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, କର୍ଣ୍ଣାଟକ, ଜମ୍ମୁ-କଶ୍ମୀର, ତାମିଲନାଡୁ, କେରଳ, ବିହାର, ପଞ୍ଜାବ ଏବଂ ଲଦାଖରେ ପେଟ୍ରୋଲ ୧୦୦ରୁ ଊର୍ଦ୍ଧ୍ୱ ଟଙ୍କାରେ ବିକ୍ରି ହେଉଛି। ମେଟ୍ରୋ ସହରଗୁଡ଼ିକ କଥା ବିଚାରକୁ ନେଲେ ଚେନ୍ନାଇରେ ପେଟ୍ରୋଲ ୧୦୦ ଟଙ୍କା ଛୁଇଁଥିବା ବେଳେ ଦିଲ୍ଲୀ ଏବଂ କୋଲକାତାରେ ୯୯ ଟଙ୍କା ରହିଛି।

### ବଢୁଛି ସଂକ୍ରମଣ: ଓଡ଼ିଶାରେ ...

ଭେଣ୍ଟିଲେଟର, ଔଷଧ, ମେଡିକାଲ ଅକ୍ସିଜେନ ଏବଂ କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରି ସରକାରଙ୍କୁ ଆବଶ୍ୟକ ପରାମର୍ଶ ଦେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କେନ୍ଦ୍ରୀୟ ଟିମ୍ ରାଜ୍ୟରେ କୋଭିଡ୍ ପରିସ୍ଥିତିର ସମୀକ୍ଷା କରିବା ସହ ଏହାର ପ୍ରତିକାର ପାଇଁ ଆବଶ୍ୟକ ପରାମର୍ଶ ଦେବ। ଏହାର ଏକ ରିପୋର୍ଟ ମନ୍ତ୍ରଣାଳୟକୁ ମଧ୍ୟ ପ୍ରଦାନ କରିବ।

### ୭୦% ସିଲାବସ୍‌ରେ ...

ଆରମ୍ଭ ହେବ। ଚଳିତ ବର୍ଷ ବିନା ପରୀକ୍ଷାରେ ପ୍ରକାଶ ପାଇଥିବା ମାଟ୍ରିକ ରେଜଲ୍ଟରେ ଯେଉଁମାନେ ଅସନ୍ତୁଷ୍ଟ ଅଛନ୍ତି, ସେମାନେ ଅଫ୍‌ଲାଇନ୍ ପରୀକ୍ଷା ଦେଇପାରିବେ। ଅଗଷ୍ଟ ୫ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। ଉଭୟ ରେଗୁଲାର ଏବଂ ଏକ୍ସ-ରେଗୁଲାର ପିଲାଙ୍କ ପରୀକ୍ଷା ଗୋଟିଏ ସିଟିଂରେ କରାଯିବ। ପରୀକ୍ଷା ପାଇଁ ଛାତ୍ରୀଛାତ୍ରମାନେ ଅନ୍‌ଲାଇନରେ ଫର୍ମ ପୂରଣ କରିବେ, ଯାହା ଆସନ୍ତା ୫ରୁ ଆରମ୍ଭ ହୋଇ ୧୪ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ଚାଲିବ। ସମସ୍ତ ପରୀକ୍ଷାର୍ଥୀଙ୍କ ଲାଗି ପରୀକ୍ଷା ଫି ଛାଡ଼ କରାଯାଇଛି।

### ଚାଇନା ମରୁଭୂମିରେ ...

ସୁରକ୍ଷିତ ଭାବେ ମହଜୁଦ ରଖିବା ପାଇଁ ଶତାଧିକ ନୂଆ ସାଇଲୋ ନିର୍ମାଣ କରୁଛି। ଗାନ୍ସୁ ପ୍ରଦେଶରେ ନିର୍ମାଣାଧୀନ ୧୨୦ ସାଇଲୋ ଯୋଗୁ ଚାଇନାର ଅଭିସନ୍ଧି ଉପରେ ପ୍ରଶ୍ନ ଉଠିଛି। ସାଟେଲାଇଟ୍ କମ୍ପାନୀ ପ୍ଲାନେଟ ଲାବ୍ସ ପକ୍ଷରୁ ଯୋଗାଇ ଦିଆଯାଇଥିବା ଉପଗ୍ରହ ଚିତ୍ରକୁ ଉପଯୋଗ କରି ଜେମ୍ସ ମାର୍ଟିନ୍ ସେଣ୍ଟର ଫର୍ ନନ୍‌ପ୍ରଲିଫିରେଶନ ଷ୍ଟଡିଜ୍ ଗବେଷକମାନେ ଡ୍ରାଗନ୍‌ର ଘାତକ ନ୍ୟୁକ୍ଲିୟର ପ୍ଲାନ୍ ଉପରୁ ପରଦା ହଟାଇଛନ୍ତି। ଆଣବିକ ବିଶେଷଜ୍ଞ ଜେଫ୍ରେ ଲେୱିସ୍ ଏବଂ ତାଙ୍କ ସହଯୋଗୀ ଡେକର ଏଭେଲେଥ୍ ଗାନ୍ସୁ ପ୍ରଦେଶସ୍ଥିତ ମରୁଭୂମିର ୩ କି.ମି. ବିସ୍ତୃତ ଅଞ୍ଚଳରୁ ୪ ମାସ ତଳେ ସଂଗୃହୀତ ଓ ଗତ ସପ୍ତାହରେ ଉଠାଯାଇଥିବା ଉପଗ୍ରହ ଚିତ୍ରଗୁଡ଼ିକୁ ମେଳକରି ପ୍ରଥମେ ଏହି ବିଷୟ ଜାଣିବାକୁ ପାଇଛନ୍ତି। ଗବେଷକମାନଙ୍କ ଏହି ତଥ୍ୟ ପ୍ରଥମେ ୱାଶିଂଟନ ପୋଷ୍ଟରେ ପ୍ରକାଶ ପାଇଥିଲା। ଲେୱିସ୍ ଶୁକ୍ରବାର କହିଛନ୍ତି, ଅଧିକାଂଶ ସିଲୋସ୍ ନିର୍ମାଣ ଅସମ୍ପୂର୍ଣ୍ଣ ରହିଛି। ସେଗୁଡ଼ିକର ନିର୍ମାଣ କାର୍ଯ୍ୟ ଗତ ୬ ମାସ ମଧ୍ୟରେ ଆରମ୍ଭ ହୋଇଥିଲା। ଏହି ଆଣବିକ କ୍ଷେତ୍ର ଆମ ଆଶଙ୍କାଠାରୁ ଆହୁରି ବଡ଼। ତେବେ ସେଠାରେ ଚାଇନା ନିର୍ମିତ ୩୫୦ଟି ଡିଏଫ୍-୪୧ ଆଇସିବିଏମ୍ ମହଜୁଦ ରଖାଯାଇପାରିବ, ଯାହାକି ୧୦ ଥର ଯୁଦ୍ଧ ଲଢ଼ିବା ପାଇଁ ସକ୍ଷମ। ସିଏସ୍‌ଏସ୍-ଏକ୍ସ-୨୦ ନାମରେ ଜଣାଶୁଣା ଡିଏଫ୍-୪୧ ମିଶାଇଲ୍‌ର ଆକ୍ରମଣ କ୍ଷମତା ହେଉଛି ୧୨,୦୦୦ କି.ମି.ରୁ ୧୫,୦୦୦ କି.ମି.। ଏଥିରେ ମାତ୍ର ଅଧଘଣ୍ଟା ମଧ୍ୟରେ ଆମେରିକାକୁ ଟାର୍ଗେଟ କରାଯାଇପାରେ ବୋଲି ସେଣ୍ଟର ଫର୍ ଷ୍ଟ୍ରାଟେଜିକ୍ ଆଣ୍ଡ ଇଣ୍ଟରନ୍ୟାଶନାଲ ଷ୍ଟଡିଜ୍‌ର ମିଶାଇଲ୍ ଥ୍ରେଟ୍ ପ୍ରୋଜେକ୍ଟ ପକ୍ଷରୁ କୁହାଯାଇଛି। ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ କମ୍ୟୁନିଷ୍ଟ ପାର୍ଟିର ଶତବାର୍ଷିକୀ ଅବସରରେ ଅଭିଭାଷଣ ଦେବାର ଦିନକ ପୂର୍ବରୁ ଉକ୍ତ ରିପୋର୍ଟ ପ୍ରକାଶ ପାଇଛି। ପ୍ରକାଶ ଯେ, ଜିନ୍‌ପିଙ୍ଗ୍ କହିଥିଲେ, ଚାଇନାକୁ କୌଣସି ରାଷ୍ଟ୍ର ଭୟଭୀତ କରିପାରିବ ନାହିଁ। ଭୟଭୀତ ଉଦ୍ୟମ କଲେ ତା'ର ପରିଣାମ ଭୋଗିବ ବୋଲି କଡ଼ା ଚେତାବନୀ ଦେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଅର୍ଥସଙ୍କଟ ଲାଗିରହୁଥିବାରୁ ମାନସିକ ଅସ୍ଥିରତା ଭିତରେ ଚଳିବାକୁ ବାଧ ହେବେ। ପରିବାରରେ ବନ୍ଧୁମିଳନ ସଙ୍ଗକୁ ମାଙ୍ଗଳିକ କାମରେ ତତ୍ପରତା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ପ୍ରଶାସନିକ ସମସ୍ୟାକୁ କେନ୍ଦ୍ର କରି ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ଗତକାଲିଠାରୁ ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ସହଜରେ ପାଇଯିବେ।

**ବୃଷ** – କର୍ମ ସ୍ଥାନରେ ବକ୍ରୀ ବୃହସ୍ପତି ରହିଥିବାରୁ କୌଣସି ନୂତନ ଯୋଜନା କରିବା ସକାଶେ ମନ ବଳାଇବେ। ପିଲାମାନଙ୍କ ସମସ୍ୟା ବିଷୟକୁ ନେଇ ମନରେ ସରସତା ରହିବ ନାହିଁ। କର୍ମ କ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଆକସ୍ମିକଭାବରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଉପକୃତ ହୋଇପାରନ୍ତି।

**ମିଥୁନ** – ବହୁତ ଦିନରୁ ମନରେ ଚିନ୍ତା କରିଥିବା କାମଟିକୁ ଆଜି ସମ୍ପନ୍ନ କରିବେ। ତୃତୀୟାଧିପ ରାଶିରେ ଥିବାରୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟ, ପ୍ରଶାସନ, କଳା, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଆସରରେ ନିଜକୁ ହଜାଇ ଦେଇପାରନ୍ତି। ଭୁଲ୍ ବୁଝାମଣା କିମ୍ବା ସନ୍ଦେହଜନିତ ପାରିବାରିକ ଦିଗଟି ବିଶେଷ ଭଲ ରହିବ ନାହିଁ।

**କର୍କଟ** – ଆଜି ପରିବାରର କୌଣସି ଅଭାବ ଅସୁବିଧାକୁ କେନ୍ଦ୍ରକରି ମନ ଅଶାନ୍ତ ରହିପାରେ। କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତି ସ୍ୱାର୍ଥ ହାସଲ ଲାଗି ଆପଣଙ୍କୁ ଅସ୍ତ୍ର ରୂପେ ବ୍ୟବହାର କରିବାକୁ ଚେଷ୍ଟା କରିବେ। ସ୍ତ୍ରୀଙ୍କ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରି ପାରନ୍ତି। କ୍ରୀଡା ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ।

**ସିଂହ** – କେତୁଙ୍କ କୁପ୍ରଭାବରୁ ଆକସ୍ମିକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ଭାଇ, ଭଉଣୀ କିମ୍ବା ପଡ଼ୋଶିନୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। କାର୍ଯ୍ୟ ବ୍ୟସ୍ତତା ହେତୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। କାରବାର, ପରିବହନ, ଷ୍ଟେସନେରି ଦୋକାନୀ ବିଶେଷ ଭାବେ ଲାଭବାନ ହେବେ।

**କନ୍ୟା** – କର୍ମଭାବ ଶୁଭଦୃଷ୍ଟି ହେତୁ କାମଗୁଡିକ ଶୃଙ୍ଖଳିତ ରହିବ ଏବଂ ଅନୁକୂଳ ପରିବେଶ ସୃଷ୍ଟି ହେବ। ସାଙ୍ଗସାଥୀ ମାନଙ୍କର ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ତଥାପି କେତେକ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ। ଉତ୍ତରାଫାଲଗୁନୀ ଅବେହଳା ଓ ଆଳସ୍ୟ ଯୋଗୁ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି।

**ତୁଳା** – ଯାହା ଦୀର୍ଘଦିନରୁ ପାଉ ନ ଥିଲେ ଆଜି ତାହା ପାଇ ମନ ଖୁସି ହୋଇଯିବ। ମନ ବୁଝିଲା ଭଳି କଥା କହି ଶତ୍ରୁଠାରୁ ମଧ୍ୟ କାମ ହାସଲ କରିନେବେ। ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ,ଏଣୁ ସତର୍କତାର ସହ କିଛି ମତମନ୍ତବ୍ୟ ଦେବା ଭଲ। ଚନ୍ଦ୍ରଙ୍କ ସ୍ଥିତିରୁ ଆଲୋଚନା କ୍ଷେତ୍ରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ବିଛା** – ଆଜିର ଯାତ୍ରାରେ ଲକ୍ଷ୍ୟ ହାସଲ କରିବାରେ ଅସୁବିଧା ହେବ ନାହିଁ। ଶୁକ୍ର ଭାଗ୍ୟସ୍ଥାନରେ ରହିଥିବାରୁ ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଅଜଣାବ୍ୟକ୍ତିଙ୍କ ତରଫରୁ ସମସ୍ୟା ଆସିପାରେ। ପରିବହନ କ୍ଷେତ୍ରରେ ଲାଭ କମ୍ ମିଳିଲେ ମଧ୍ୟ ଆଗାମୀ କ୍ଷେତ୍ର ପ୍ରସ୍ତୁତ ହୋଇ ରହିବ।

**ଧନୁ** – ବୁଧଙ୍କ ରାଶିରେ ରବି ଥିବାରୁ ବନ୍ଧୁଙ୍କ ସହ ଭ୍ରମଣ, କ୍ରୀଡା ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ମଜି ରହିବେ। ପରୀକ୍ଷାରେ ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି। ଆଜିର ପ୍ରତ୍ୟୁଷଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିବ। ବ୍ୟବସାୟ ଓ ପରିବହନ ପାଇଁ ଦିନଟି ବହୁତ ଭଲ।

**ମକର** – ନୀଚସ୍ଥ ମଙ୍ଗଳ ହେତୁକ ପାରିବାରିକ ସ୍ତରରେ ଭୁଲ୍ ବୁଝାମଣାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ସବୁ କଥାରେ ଟିକିଏ ପଛକୁ ରହି କାମ ନ କଲେ କଳହର ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ନିଜର ଅନ୍ତରଙ୍ଗ ବନ୍ଧୁଙ୍କ ବ୍ୟବହାରରେ ଆନ୍ତରିକତା ଅନୁଭବ କରି ଦୁଃଖ ପ୍ରକାଶ କରି ପାରନ୍ତି।

**କୁମ୍ଭ** – ଆଜିର ଚନ୍ଦ୍ର ଅଷ୍ଟମାଧିପଙ୍କ ନକ୍ଷତ୍ରସ୍ଥ ହେତୁ ବାକ୍ ଅସଂଯମତାରୁ ସୁସମ୍ପର୍କ ବ୍ୟାହାତ ହେବ। ଦୀର୍ଘଦିନରୁ ଲାଗିରହିଥିବା ସଙ୍ଗୀତ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। କର୍ମକ୍ଷେତ୍ରରୁ ଅଭିଯୋଗ ଆସିପାରେ, ଡରିବାର କିଛି କାରଣ ନାହିଁ କହିଲେ ଚଳେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପୁରାତନ ରୋଗରେ କଷ୍ଟ ପାଇବେ।

**ମୀନ** – ସ୍ୱଗୃହାଭିମୁଖୀ ଗୁରୁ ହେତୁ ବିଭିନ୍ନ ଯୋଜନା କରି ପରିସ୍ଥିତିକୁ ସୁଧାରିବାର ପ୍ରଯତ୍ନ କରି ପାରନ୍ତି। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମଣୁଛନ୍ତି ବାସ୍ତବରେ ସେପରି ହେବନି। ରେବତୀ ନକ୍ଷତ୍ର ଦେଖିଚାହିଁ ପଦକ୍ଷେପ ନ ନେଲେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

ଆଜି ଆଷାଢ଼ କୃଷ୍ଣ ନବମୀ ଶନିବାର, ଜୁଲାଇ ୩ ତାରିଖ, ରାଶିନକ୍ଷତ୍ର- ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା .ଘ.୦୫/୧୫ମି. ଗତେ ଘ.୦୬.୦୮ମି. ମଧ୍ୟେ, ଘ.୦୯.୩୯ମି. ଗତେ ଘ.୧୧.୧୭ମି ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ.୦୨.୦୨ମି. ଗତେ, ଘ.୦୩.୪୭ମି. ମଧ୍ୟେ ଅମୃତ ବେଳା। ଦିବା ଘ.୦୮.୩୩ମି. ଗତେ ଘ.୧୦.୧୨ମି. ମଧ୍ୟେ ରାହୁକାଳ।


## classifieds Everyday
0674-2580101, 2549302

real estate

**SALE**

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରିହେବ। Near Rabi Talkies ଘରବାରି ପାଚେରି ଲାଇନ୍ ସହିତ। 9178660666. D-71112

One acre land for sale near Trisulia, CISF Campus with 40' road. Cost-1.25crore. Contact: 8144301873. D-71115

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9348232008, 9348817649. D-70857

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-20958

Twincityର ମଧ୍ୟଭାଗରେ ନିର୍ମାଣାଧୀନ Grandbazar ସମ୍ମୁଖରେ NH-16 ଠାରୁ walkable distance ଘରବାରି ବାସୋପଯୋଗୀ plot ସୁଲଭ ମୂଲ୍ୟରେ କିଣନ୍ତୁ। 9078699286. D-70855

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-20844

business

**Mo Hindustan Jewellers Bhubaneswar started online gold ornaments sale and door step delivery. Please call for more detail 9437160289 or 9437033691.** D-20906

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ପ୍ରତିଭାବାନ ମଣିଷମାନେ ସମସ୍ତେ ମନେ ହୁଅନ୍ତି- ସତେ କି ଅସ୍ୱାଭାବିକ ଏବଂ ସେମାନଙ୍କ ଧାତୁ ବି ମନେ ହୁଏ ଅଲଗା। କାହିଁକି ହେବ ନାହିଁ ? ପ୍ରତିଭାର ଜନ୍ମ ତ ଅସ୍ୱାଭାବିକ। ସାଧାରଣ ଧାତୁ ବା ପ୍ରକୃତିର ବାହାରେ ତା'ର ସ୍ଥାନ। -ଶ୍ରୀଅରବିନ୍ଦ

# ସଞ୍ଚାର ଭବନରେ ନିରାଶା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସଞ୍ଚାର ଭବନରେ ଜଟିଳ ପରିସ୍ଥିତିରେ କାର୍ଯ୍ୟ ସମ୍ପାଦନ କରିବାକୁ କେହି ରାଜି ନ ଥିବା ଭଳି ଜଣାପଡୁଛି। ଏବେ ସେଠାରେ ବିଭିନ୍ନ ବିଭାଗରେ ବାବୁମାନଙ୍କ ସଂଖ୍ୟା ପୂର୍ବଭଳି ରହିଛି। କିନ୍ତୁ ଇତିହାସିଆ ଭାବେ ନୀତିରେ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିବା ଲାଗି କାର୍ଯ୍ୟ ଜାରି ରହିଥିବା ବୋଲି ସଞ୍ଚାର ଭବନରେ ଏ ସମ୍ପର୍କରେ ଅବଗତ ଥିବା ବ୍ୟକ୍ତିମାନେ କହୁଛନ୍ତି। ୨୦୧୯ରେ ସରକାର ଯେତେବେଳେ ବିଏସ୍‌ଏନ୍‌ଏଲ୍ ଏବଂ ଏମ୍‌ଟିଏନ୍‌ଏଲ୍‌ର ହଜାର ହଜାର କର୍ମଚାରୀଙ୍କୁ ଭିଆର୍‌ଏସ୍ ବା ସ୍ୱେଚ୍ଛାକୃତ ଅବସର ଦେବାକୁ କାହିଁକି ତରବରିଆ ଭାବେ କାର୍ଯ୍ୟ କଲେ ସେ ସମ୍ପର୍କରେ ଏଯାବତ କେହି ବି ପ୍ରଶ୍ନ ଉତ୍ଥାପନ କରୁନାହାନ୍ତି। ଏହାର ଦୁଇ ବର୍ଷ ପରେ ଡିପାର୍ଟମେଣ୍ଟ ଅଫ୍ ଟେଲିକମ୍ୟୁନିକେସନ୍‌ସ (ଡିଓଟି) ବାବୁମାନଙ୍କୁ ଅସୁବିଧାରେ ପକାଇବାକୁ ପୁଣି ସେଭଳି ଏକ ନିଷ୍ପତ୍ତି ଲାଗୁ କରିଛି। ଆର୍ଥିକ ସଙ୍କଟରେ ବୁଡି ରହିଥିବା ଦୁଇଟି ରାଷ୍ଟ୍ରାୟତ୍ତ ଟେଲିକମ୍ୟୁନିକେସନ୍ କମ୍ପାନୀ ଚାଲୁ ରହିବା ଲାଗି ସଂଗ୍ରାମ କରୁଛନ୍ତି। ଏବେ ବ୍ୟାପକ କର୍ମଚାରୀ ଭିଆର୍‌ଏସ୍ ନେବା ସତ୍ତ୍ୱେ ବି ଏହା ଠିକ୍ ଭାବେ କାର୍ଯ୍ୟ କରିପାରିଲା ନାହିଁ। ସଞ୍ଚାର ଭବନରେ ନିରାଶା ଭାବ ବଢୁଛି। ଏହା ଏବେ କାର୍ଯ୍ୟରତ ଗୋଟିଏ ଗୋଷ୍ଠୀର ବାବୁମାନଙ୍କ ଯୋଗୁ ହେଉଛି ବୋଲି ଶୁଣିବାକୁ ମିଳୁଛି। ଯେଉଁ ବାବୁମାନେ ସେତେବେଳେ ଚାକିରିରୁ ଅବସର ନେଇ ପ୍ରଚୁର ଟଙ୍କା ପାଇଥିଲେ ସେହି ବାବୁମାନଙ୍କୁ ପୁଣି ନିଯୁକ୍ତି ଦେବାକୁ ଚେଷ୍ଟା କରାଯାଉଛି। ଏହା ଏବେ ସବୁ କାମକୁ ଠିକ୍ ଭାବେ ନେଇଆଣି ତୁଲାଇପାରୁଥିବା ଓ ସବୁ କାର୍ଯ୍ୟ ଉପରେ ଧ୍ୟାନ ଦେଉଥିବା ଟେଲିକମ୍ ସଚିବ ଅଂଶୁ ପ୍ରକାଶଙ୍କ ଉପରେ ନିର୍ଭର କରେ। ଏଭଳି ଭିନ ଧରଣର ଆମନ୍ତ୍ରଣ ପାଇଁ ତାଙ୍କୁ ନଜର ରଖିବାକୁ ପଡିବ। ତେବେ ଏଭଳି ଦୋହରା କାମ ଉପରେ ସତର୍କତା ଅବଲମ୍ବନ କରିବାକୁ ବର୍ତ୍ତମାନ ପାଇଁ କେତେକ ଦୃଢ଼ତର ପରାମର୍ଶ ଦିଆଯାଇଛି। ପ୍ରକାଶ ନିର୍ଦ୍ଦେଶ ଦେଇଛନ୍ତି ଯେ, ସବୁ ଘଟଣା ଉପରେ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ ନ କରାଯିବା ଯାଏ କୌଣସି ପୂର୍ବତନ କର୍ମଚାରୀଙ୍କୁ ପୁନଃ ନିଯୁକ୍ତ କରାଯାଇପାରିବ ନାହିଁ। କିନ୍ତୁ ଯଦି ବିଏସ୍‌ଏନ୍‌ଏଲ୍ ଓ ଏମ୍‌ଟିଏନ୍‌ଏଲ୍‌କୁ ବଞ୍ଚାଇବାକୁ ହେବ ତେବେ ତାଙ୍କ ପାଖରେ ଆଉ ଅଧିକ ସମୟ ନାହିଁ। ଅବଶ୍ୟ, ଏହି ପରିସ୍ଥିତିରେ କେମିତି ଏକ ସରକାରଙ୍କ ଏହି ଦୁଇ ବିଶାଳ ଟେଲିକମ୍ କମ୍ପାନୀର ତାଙ୍କର ମୂଲ୍ୟବାନ ଅଂଶଧନ ଫେରାଇ ଆଣିବାକୁ ପ୍ରେରିତ କରୁଛି ଏବଂ ଏହାକୁ ଯୁକ୍ତିଯୁକ୍ତ ବୋଲି ସାବ୍ୟସ୍ତ କରୁଛନ୍ତି ସେ ସମ୍ପର୍କରେ କିଛି ଗୁଞ୍ଜରଣ ଶୁଣିବାକୁ ମିଳିଛି। ଏହା ଏବେ ଆଉ ଏକ ଉଗ୍ର ବିତର୍କ ହେଉଛି ଯେ, ସରକାର ନିକଟରେ ରାଷ୍ଟ୍ରାୟତ୍ତ ଅସ୍ତ୍ରଶସ୍ତ୍ର ଉତ୍ପାଦନକାରୀ ଫ୍ୟାକ୍ଟ୍ରି ବୋର୍ଡର ପୁନର୍ଗଠନ କରିବାକୁ ଘୋଷଣା କରିଛନ୍ତି। ଦୀର୍ଘଦିନ ଧରି ରଣନୈତିକ କାର୍ଯ୍ୟପନ୍ଥା ଗ୍ରହଣ କରି ସମ୍ମାନଜନକ ସ୍ଥିତିରେ ଆସିଥିବା ଏହି ସଂସ୍ଥାକୁ ସରକାର ୭ଟି କର୍ପୋରେଟ୍ ସଂସ୍ଥାରେ ବିଭକ୍ତ କରୁଛନ୍ତି। ତେବେ ସରକାର ନେଉଥିବା ପଦକ୍ଷେପ ସଶସ୍ତ୍ର ବଳର ଏହା ଏକ ପୁରୁଣା ଦାବି ଥିଲା ଓ ଏହାକୁ ସ୍ଥଗିତ ରଖାଯାଇଥିଲା । କିନ୍ତୁ ସଞ୍ଚାର ଭବନର ସମସ୍ୟା ଭିନ୍ନ। ସର୍ବୋପରି ବିଏସ୍‌ଏନ୍‌ଏଲ୍ ଏବଂ ଏମ୍‌ଟିଏନ୍‌ଏଲ୍‌ର ଘଟଣା ମଧ୍ୟ ନିଶ୍ଚିତ ଭାବେ ଭିନ୍ନ। ତେବେ ଟେଲିକମ୍ ମନ୍ତ୍ରଣାଳୟ ଏହି ବିଷୟରେ କାହିଁକି ହାତେ ମାପି ଚାଖଣ୍ଡେ ଚାଲୁଛି ତାହା ଏଥିରୁ ବି ଆଂଶିକ ବୁଝାପଡୁଛି।

### ଚାପରେ ମନ୍ତ୍ରଣାଳୟ

ଗତ ବର୍ଷ ପରିବେଶ ମନ୍ତ୍ରୀ ପ୍ରକାଶ ଜାଭେଡକର ଦେଶର ସବୁଆଡ଼େ ତାଙ୍କ ମନ୍ତ୍ରଣାଳୟର ୧୯ଟି ସମନ୍ୱିତ ଆଞ୍ଚଳିକ କାର୍ଯ୍ୟାଳୟ ପ୍ରତିଷ୍ଠା କରିବାକୁ ସବୁଜ ସଙ୍କେତ ଦେଇଥିଲେ। ସେତେବେଳେ ସେ ଏଭଳି କହିବାର ଉଦ୍ଦେଶ୍ୟ ଥିଲା ଯେ, ମନ୍ତ୍ରଣାଳୟର କର୍ମଚାରୀ ସଂଖ୍ୟା ନ ବଢ଼ାଇ ଏହି ସମ୍ପ୍ରସାରଣ ଦ୍ୱାରା କାର୍ଯ୍ୟରେ ଉତ୍ତମ ସମନ୍ୱୟ ଏବଂ ସଞ୍ଚାଳନ ରକ୍ଷା କରାଯାଇପାରିବ। କିନ୍ତୁ କମ୍ କର୍ମଚାରୀରେ ଅଧିକ କାମ କରୁଥିବା ତାଙ୍କ ମନ୍ତ୍ରଣାଳୟର ବାବୁମାନେ ଅଭିଯୋଗ କରିଆସୁଥିଲେ। ତେବେ ଏଭଳି ସମ୍ପ୍ରସାରଣ ପାଇଁ ବାବୁମାନଙ୍କ ଯୁକ୍ତି ନିଶ୍ଚିତ ଭାବେ ଭିନ୍ନ ଥିଲା। ବହୁ ମାସ ପରେ ମନ୍ତ୍ରଣାଳୟର ଯୋଜନା ଲାଗୁ କରାଯାଇଛି, ତାହା ପୁଣି ପୂରା ମନ୍ଥର ଗତିରେ ଓ ଏହା ଦକ୍ଷତା ବଢାଇ ପାରିନାହିଁ। ଏହି ଯୋଜନାରେ ବାସ୍ତବରେ ପ୍ରମୁଖ ପ୍ରସ୍ତାବ ସଂଖ୍ୟା ବଢିଚାଲିଛି ଓ ସେଥିରୁ ଅନେକ ଏବେ ସୁଦ୍ଧା ସ୍ଥଗିତ ରହିଥିବା ଦେଖିବାକୁ ମିଳିଛି। ସୂତ୍ରରୁ ପ୍ରକାଶ ଯେ, ନୂତନ ଭାବେ ପ୍ରତିଷ୍ଠା କରାଯାଇଥିବା କାର୍ଯ୍ୟାଳୟଗୁଡ଼ିକରେ ମନ୍ତ୍ରଣାଳୟ କର୍ମଚାରୀ ପୂରଣ କରିପାରିନାହିଁ। ଜୟପୁର,ଶିମଳା,ଜମ୍ମୁ, କୋଲକାତା ଏବଂ ଗାନ୍ଧିନଗରର ନୂଆ କାର୍ଯ୍ୟାଳୟଗୁଡ଼ିକରେ ଏଯାବତ ଜଣେ ହେଲେ ବି କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇନାହିଁ, କିନ୍ତୁ ପ୍ରାଥମିକ ସ୍ତରରେ ଦୃଷ୍ଟି ଆକର୍ଷଣ କରିବା ଲାଗି ସକ୍ରିୟତା ପ୍ରକାଶ କରାଯାଇଛି। ବିଶେଷ କରି ଏହି ଯୋଜନା ନେଇ ଆଗଉଥିବାରୁ ମନ୍ତ୍ରଣାଳୟ ଉପରେ କାର୍ଯ୍ୟ ଚାପ ବାସ୍ତବରେ ବଢିଯାଇଛି। ନିଯୁକ୍ତିରେ ବିଳମ୍ବ ଯୋଗୁ କାର୍ଯ୍ୟରତ ପୁରୁଣା ଅଧିକାରୀଙ୍କୁ ଅଧିକ କାମ କରିବାକୁ ପଡୁଛି। ଯେଉଁ ନୂଆ ଅଧିକାରୀମାନଙ୍କୁ ନିଯୁକ୍ତି ଦେବାର ଥିଲା ସେମାନଙ୍କ କାମ ବି ଏବେ ପୁରୁଣା ଅଧିକାରୀମାନେ ତୁଲାଉଛନ୍ତି। ଗତବର୍ଷ ଜମା କରାଯାଇଥିବା ପାଖାପାଖି ୫୦୦ ପ୍ରସ୍ତାବରୁ କେବଳ ଅଧା ଜଙ୍ଗଲ ଜମିର ପ୍ରୋଜେକ୍ଟ ପାଇଁ ମନ୍ତ୍ରଣାଳୟର ଅନୁମୋଦନ ପାଇନାହିଁ। ଏସବୁ ଏଯାବତ ସ୍ଥଗିତ ରଖାଯାଇଛି। ଜଙ୍ଗଲ ଜମିରେ ପ୍ରୋଜେକ୍ଟ କରିବା ଏକ ଭଲ ବିଷୟ ହୋଇପାରେ, କିନ୍ତୁ ଏଥିରେ ବିପଦ ଲୁଚିରହିଛି। କିନ୍ତୁ ଦେଶ ମହାମାରୀର ସଙ୍କଟରେ ଥିବାବେଳେ ଓ ଅର୍ଥବ୍ୟସ୍ଥାକୁ ଆଗକୁ ବଢାଇବାର ଆବଶ୍ୟକତା ରହିଥିବାବେଳେ ଏହି ସମୟରେ କ'ଣ ଏହି ସବୁ ପୁନର୍ବ୍ୟବସ୍ଥା ବାସ୍ତବରେ ଦରକାର ଥିଲା କି?

Email: dilipcherian@gmail.com

# ଦେଶର ଅର୍ଥନୀତି ତଳକୁ ତଳକୁ



କିଶୋର ଜେନା

ଦେଶର ଅର୍ଥନୀତି ତଳକୁ ତଳକୁ ଯାଉଛି, ଆଉ ପ୍ରଧାନମନ୍ତ୍ରୀ ଅର୍ଥନୈତିକ ସଂସ୍କାରର ଗଳ୍ପ ଶୁଣାଉଛନ୍ତି। ସଂସ୍କାର ନୀତି ସମ୍ପର୍କରେ ତାଙ୍କର ଦାବି, କୋଭିଡ୍ ମହାମାରୀ ସମୟରେ ଏହି ଉଦ୍ୟମ ଆସ୍ଥା ଓ ଉତ୍ସାହ ସୃଷ୍ଟିରେ ସହାୟକ ହେବ। ଏହି ସଂସ୍କାର ପ୍ରକ୍ରିୟାରେ ସେ ଅଂଶୀଦାର ଭାବେ ରାଜ୍ୟଗୁଡ଼ିକୁ ନେଇଛନ୍ତି। ତାଙ୍କ ଭାଷାରେ କେନ୍ଦ୍ର ଓ ରାଜ୍ୟର ଭାଗୀଦାରି। ଏହାଫଳରେ ଦେଶର ନଇଁପଡ଼ିଥିବା ଅର୍ଥନୀତିର ଅବସ୍ଥା ଫେରିପାଇଛି ବା ଫେରିପାଇବ କି ନାହିଁ, ଏଭଳି ଆଶା ପ୍ରଧାନମନ୍ତ୍ରୀ ତାଙ୍କ ବାର୍ତ୍ତାରେ ଜାଗ୍ରତ କରିପାରିନାହାନ୍ତି। ତେବେ ବେଶ୍ ମନଭୁଲାଣିଆ କଥା ଶୁଣେଇଛନ୍ତି ଏବଂ ଚାରି ସଂସ୍କାରନୀତି କଥା ମଧ୍ୟ କହିଛନ୍ତି।

୨୨ଜୁନ୍‌ରେ ସାମାଜିକ ଗଣମାଧ୍ୟମ 'ଲିଙ୍କ୍ ଡଇନ'ରେ ଦେଶର ଅର୍ଥନୀତି ଓ ଏହାର ସଂସ୍କାର ସମ୍ପର୍କରେ ଦୀର୍ଘ ପୋଷ୍ଟ କରିଛନ୍ତି। ଏଥିରେ ସେ ଦାବି କରିଛନ୍ତି "କୋଭିଡ୍ ମହାମାରୀ ସମୟରେ ଏକ ନୂଆ ଧରଣର ଅର୍ଥନୈତିକ ସିଦ୍ଧାନ୍ତ ନିଆଯାଇଛି ପରିସ୍ଥିତିର ମୁକାବିଲା ପାଇଁ। କେତେବେଳେ ସେହି ସମାନ ଧରଣର ଢାଞ୍ଚା ଅନୁସରଣ କରାଯାଇ ନାହିଁ। ଏଭଳି ନୁହେଁ ଯେ 'ସମସ୍ତଙ୍କ ପାଇଁ ସମାନ ସାଇଜ ଲାଗିବ।' ମହାମାରୀ ସମୟରେ ସମଗ୍ର ବିଶ୍ୱର ଅର୍ଥନୀତି ଯେତେବେଳେ ସଙ୍କଟରେ ସେତେବେଳେ ଆମ ଦେଶର ରାଜ୍ୟଗୁଡ଼ିକ ଅନେକ ବେଶି ଅର୍ଥ ଯୋଗାଡ଼ କରିବାରେ ସକ୍ଷମ ହେବା ଏକ ବିରଳ ଦୃଷ୍ଟାନ୍ତ। ଅତିରିକ୍ତ ୧.୦୬ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଛନ୍ତି ୨୦୨୦-୨୧ ବର୍ଷରେ। ଏହା କେନ୍ଦ୍ର ଓ ରାଜ୍ୟର ଭାଗୀଦାରିରେ କରିବା ସମ୍ଭବ ହୋଇଛି।" ଅଥଚ ପରିସଂଖ୍ୟାନ କହୁଛି, ରାଜ୍ୟଗୁଡ଼ିକ ଏହି ସମୟ ମଧ୍ୟରେ ଆହୁରି ଅର୍ଥନୈତିକ ସଙ୍କଟ ମୁହଁରେ ପଡ଼ିଛନ୍ତି। କରୋନାର ପ୍ରଥମ ଓ ଦ୍ୱିତୀୟ ଲହର ପାଇଁ ହୋଇଥିବା ଦୁଇ ଦଫାର ଲକ୍‌ଡାଉନ ଯୋଗୁ ସମ୍ପଦ ସଂଗ୍ରହ ଭୀଷଣ କ୍ଷତିଗ୍ରସ୍ତ ହୋଇଛି। ଏକମାତ୍ର ପ୍ରଥମ ଓ ଦ୍ୱିତୀୟ ଲହରର ମଝି ସମୟରେ ଦେଶ ସାରା ଅର୍ଥନୈତିକ କାର୍ଯ୍ୟକଳାପ କିଛିଟା ଆରମ୍ଭ ହୋଇଥିଲା। ଏହି ସମୟରେ କେନ୍ଦ୍ର ସରକାର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)ରୁ ରାଜ୍ୟ ସରକାରଙ୍କୁ ତାଙ୍କ ନ୍ୟାଯ୍ୟ ପ୍ରାପ୍ୟ କିଛିଟା ଦେଇଥିବାରୁ ଟିକେ ସାହାରା ମିଳିଥିଲା। ପ୍ରଧାନମନ୍ତ୍ରୀ ସେହି ତଥ୍ୟର ଭିତ୍ତିରେ ରାଜ୍ୟଗୁଡ଼ିକ ବିପୁଳ ଲାଭବାନ ହୋଇଛନ୍ତି ବୋଲି ଜୋରରେ କହୁଛନ୍ତି। ସେ ଗତବର୍ଷ ଗୃହୀତ 'ଆତ୍ମନିର୍ଭର ଭାରତ'ର ପ୍ରସଙ୍ଗକୁ ଉଠାଇ କହିଛନ୍ତି, "ଏହି ପ୍ୟାକେଜରେ ରାଜ୍ୟଗୁଡ଼ିକୁ ଋଣର ପରିମାଣ ବୃଦ୍ଧିର ସୁଯୋଗ ଦିଆଯାଇଛି।" କିନ୍ତୁ ଏହି ବୃଦ୍ଧି ସମୟସାପେକ୍ଷ। କୁହାଯାଇଥିଲା ରାଜ୍ୟଗୁଡ଼ିକ ସେମାନଙ୍କର ମୋଟ ଆଭ୍ୟନ୍ତରୀଣ ଘରୋଇ ଉତ୍ପାଦ (ଜିଏସ୍‌ଡିପି)ର ଅତିରିକ୍ତ ୨ ପ୍ରତିଶତ ଋଣ ପାଇବେ। ତେବେ ଏହାର ୧ ପ୍ରତିଶତ ନିର୍ଦ୍ଦିଷ୍ଟ କିଛି ସଂସ୍କାର କାର୍ଯ୍ୟରେ ଲଗାଇବାକୁ ପଡ଼ିବ। ପ୍ରଧାନମନ୍ତ୍ରୀ ତାଙ୍କର ଏହି କଥା ପୁଣି ଜୋରଦେଇ କହିଛନ୍ତି। ସରକାରୀ ଅର୍ଥର ଏଭଳି ସଂସ୍କାର ଅତୀତରେ କେହି କେବେ ଦେଖିନାହାନ୍ତି ବୋଲି ସେ ଦାବି କରିଛନ୍ତି। ଏହା ଫଳରେ କୁଆଡ଼େ ଅତିରିକ୍ତ ସମ୍ପଦ ସଂଗ୍ରହରେ ଉତ୍ସାହ ଦେଇଛି ରାଜ୍ୟଗୁଡ଼ିକୁ। ତାଙ୍କ କଥାରେ ଏହି ପ୍ରକ୍ରିୟା କେବଳ ଉତ୍ସାହଜନକ ନୁହେଁ, ଦେଶର ଏହି ଅର୍ଥନୀତିର ସୁଫଳ କେବଳ ମୁଷ୍ଟିମେୟ ଲୋକ ଭୋଗ କରୁଥିବାର ଧାରଣାକୁ ଭାଙ୍ଗି ଦେଇଛି। ପ୍ରଧାନମନ୍ତ୍ରୀଙ୍କ ଏହି ଦାବି କେଉଁ ଭିତ୍ତିରେ କରୁଛନ୍ତି ତାହା ସ୍ପଷ୍ଟ ନ ହେଲେ ମଧ୍ୟ ଏହା ପ୍ରମାଣିତ ଯେ କୋଭିଡ୍ ମହାମାରୀର ସୁଯୋଗରେ ଦେଶର କତିପୟ ପୁଞ୍ଜିପତିଙ୍କ ଧନସମ୍ପଦ ବୃଦ୍ଧି ପାଇଛି। ଅପରପକ୍ଷରେ ଏହି ସମୟରେ କୋଟି କୋଟି ଲୋକ କାମ ହରାଇ ବେକାର ହୋଇଛନ୍ତି। ଅର୍ଥନୈତିକ ମାପକାଠିର ସବୁ ସ୍ତରରେ ଅଧଃପତନର ସର୍ବକାଳୀନ ରେକର୍ଡ କରିବାରେ ସକ୍ଷମ ହୋଇଛନ୍ତି ମୋଦି ସରକାର। ମହାମାରୀ ସମୟରେ ଏହାର ବ୍ୟାପ୍ତି ଘଟିଛି।

ମୋଟ ଘରୋଇ ଉତ୍ପାଦ ବା ଜିଡିପିର ଅଭିବୃଦ୍ଧି ହାରକୁ ବିଚାରକୁ ନେଲେ ଦେଖାଯାଏ ଯେ ଗତ ତିନିବର୍ଷ ହେବ ଦେଶର ଅର୍ଥନୀତି ଧାରାବାହିକ ଭାବେ ହ୍ରାସ ପାଇବାରେ ଲାଗିଛି। ୨୦୧୬-୧୭ରେ ଜିଡିପିର ବୃଦ୍ଧି ହାର ଥିଲା ୮.୨ ପ୍ରତିଶତ। ୨୦୧୭-୧୮ରେ ତାହା କମି ଯାଇଥିଲା ୬.୧ ପ୍ରତିଶତକୁ। ମହାମାରୀ କୋଭିଡ୍‌ର ପ୍ରଥମ ଲହର ଆଗରୁ ୨୦୧୯-୨୦ରେ ବୃଦ୍ଧି ହାର ପୁଣି କମିଯାଇ ପହଞ୍ଚିଥିଲା ୪.୨ ପ୍ରତିଶତରେ। ଏହା ପରର ୩ମାସ ଏପ୍ରିଲ, ମେ, ଜୁନ୍‌ରେ ଏହି ବୃଦ୍ଧି ହାର ଖସି ଆସିଥିଲା ବିଯୁକ୍ତ ୨୩.୯ ପ୍ରତିଶତ। ୨୦୨୦-୨୧ ବର୍ଷରେ ଏହା ସଙ୍କୁଚିତ ହୋଇ ବିଯୁକ୍ତ ୭.୩%ରେ ପହଞ୍ଚିଛି। ଅବଶ୍ୟ ସରକାର କହୁଛନ୍ତି ଏଭଳି ହ୍ରାସ ଆଗରୁ ମଧ୍ୟ ହୋଇଥିଲା। କିନ୍ତୁ ବିଗତ ଚାରି ଦଶକରେ ସବୁଠାରୁ ବେଶି ସଙ୍କୋଚନ ବା ହ୍ରାସର କୃତିତ୍ୱ ଏହି ସରକାରଙ୍କର। ଏହି ହ୍ରାସର ଆକାର କିପରି? ସରକାରଙ୍କ ସୂତ୍ରରୁ ପ୍ରକାଶ, ବ୍ୟବସାୟ ବାଣିଜ୍ୟ, ହୋଟେଲ, ପର୍ଯ୍ୟଟନ, ପରିବହନ, ଯୋଗାଯୋଗ ଏହିସବୁ କ୍ଷେତ୍ରର ମୋଟ ହ୍ରାସ ହୋଇଛି ୧୮.୨ ପ୍ରତିଶତ। ଏହିସବୁ କ୍ଷେତ୍ରରେ ଅସଂଗଠିତ, ଚୁକ୍ତିଭିତ୍ତିକ, ବିପୁଳ ସଂଖ୍ୟକ ଶ୍ରମଜୀବୀ ଅଛନ୍ତି। ସେମାନଙ୍କ କାର୍ଯ୍ୟର କୌଣସି ସ୍ଥିରତା ନାହିଁ ଓ ରହିବ ନାହିଁ ମଧ୍ୟ। ସେମାନେ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଛନ୍ତି। ନିର୍ମାଣ ଶିଳ୍ପରେ ହ୍ରାସ ୮.୬ ପ୍ରତିଶତ। ଖଣିଜ ଶିଳ୍ପରେ ୪.୫% ଓ କାରଖାନାଜାତ ଶିଳ୍ପ ଉତ୍ପାଦନରେ ହ୍ରାସ ହୋଇଛି ୭.୨%। ଏହି ହ୍ରାସ ସିଧା ଶ୍ରମଜୀବୀଙ୍କ କର୍ମସଂସ୍ଥାନକୁ ଝଟକା ଦେଇଛି। ଅର୍ଥବ୍ୟବସ୍ଥା ମୂଳତଃ ତିନୋଟି କ୍ଷେତ୍ର ଯେପରି କୃଷି, ଶିଳ୍ପ ଓ ସେବାକୁ ବୁଝାଏ। ଯଦିଓ କୃଷି କ୍ଷେତ୍ର ଉପରେ ନିର୍ଭରଶୀଳ ଲୋକସଂଖ୍ୟା ଅନ୍ୟାନ୍ୟ ବାକି କ୍ଷେତ୍ର ତୁଳନାରେ ଅନେକ ବେଶି, କିନ୍ତୁ ଅର୍ଥ ବ୍ୟବସ୍ଥାରେ ଏହି କ୍ଷେତ୍ରର ଅବଦାନ ଯଥେଷ୍ଟ କମ୍। ଭାରତରେ କୃଷି କ୍ଷେତ୍ରର ଅବଦାନ ୧୬%, ସେବା କ୍ଷେତ୍ରରେ ଅବଦାନ ୫୭% ଏବଂ ଶିଳ୍ପରେ ଅବଦାନ ୨୭%। କୃଷି କ୍ଷେତ୍ରରେ ଲକ୍‌ଡାଉନ ମଧ୍ୟରେ ମାତ୍ର ୩ ପ୍ରତିଶତ ବୃଦ୍ଧି ହୋଇଥିଲେ ମଧ୍ୟ ବାକି ଦୁଇ କ୍ଷେତ୍ରରେ ପ୍ରାୟ ୮ ପ୍ରତିଶତ ହ୍ରାସ ପାଇଥିବାରୁ ମୋଟ ଅର୍ଥ ବ୍ୟବସ୍ଥା ନିମ୍ନଗାମୀ ହୋଇଛି।

ପ୍ରଧାନମନ୍ତ୍ରୀ ଦାବି କରିଛନ୍ତି ଯେ ତାଙ୍କ ସରକାରଙ୍କ ଗୃହୀତ ସଂସ୍କାର ନୀତି ଫଳରେ ଦେଶବାସୀ ବିଶେଷତଃ ଗରିବ ଲୋକଙ୍କ ଜୀବନଯାତ୍ରା ଆହୁରି ସୁଗମ ହୋଇଛି ଓ ମଧ୍ୟବିତ୍ତ ମଧ୍ୟ ଉପକୃତ ହୋଇଛନ୍ତି। ଏହା ସହ ଆର୍ଥିକ ସ୍ଥିତାବସ୍ଥା ମଧ୍ୟ ବଜାୟ ରଖିବାରେ ସାହାଯ୍ୟ କରିଛି। ତାଙ୍କର ଏହି ଦାବି କେତେ ଅସାର ତାହାର ପ୍ରମାଣ ଉପର ବର୍ଣ୍ଣିତ ସରକାରୀ ପରିସଂଖ୍ୟାନରୁ ସ୍ପଷ୍ଟ। ଏହାଛଡ଼ା ରିଜର୍ଭ ବ୍ୟାଙ୍କ ଜଣାଇଛି ଯେ ଜିଡିପିର ଆଗାମୀ ବର୍ଷରେ ଲକ୍ଷ୍ୟ ଷ୍ପୂରଣ ହେବନାହିଁ। ବୃଦ୍ଧିର ହାର ୧ ପ୍ରତିଶତ କମିଯିବ। ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) କହୁଛି ମାତ୍ର ୧.୯ପ୍ରତିଶତ ହେବ ବୃଦ୍ଧିର ହାର। ବିଶ୍ୱବ୍ୟାଙ୍କ କହୁଛି ୧.୫%ରୁ ୨.୫% ମଧ୍ୟରେ ବୃଦ୍ଧି ହାର ହେବ। ଅର୍ଥନୀତିର ଏହି ଅଧୋଗତି ଖବର ସହ ଦେଶର ବେକାରି ସମସ୍ୟା ଆହୁରି ଉତ୍କଟ ହୋଇଛି।

ସେଣ୍ଟର ଫର ମନିଟରିଂ ଇଣ୍ଡିଆନ ଇକୋନୋମି (ସିଏମ୍‌ଆଇଇ) ଗତ ମେ' ମାସର ବେକାରି ସଂଖ୍ୟାକୁ ହିସାବକୁ ନେଇ ଜଣାଇଛି ସାପ୍ତାହିକ ବେକାରି ବୃଦ୍ଧି ୧୪.୪୫ ପ୍ରତିଶତ। କୋଭିଡ୍ ଆଗରୁ ଥିଲା ୪୦ ବର୍ଷର ବେକାରିତ୍ୱର ରେକର୍ଡ। ସେହି ରେକର୍ଡ ଉପରେ ପୁଣି ରେକର୍ଡ ତିଆରି ହେଲା। ଗତ ବର୍ଷକ ମଧ୍ୟରେ ୯୩ଲକ୍ଷ ଲୋକ କାମ ହରାଇଥିଲେ। ଯାହା ଏବେ ଦୁଇକୋଟିରେ ପହଞ୍ଚିଛି। ଶିକ୍ଷିତ ବେକାରଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଅର୍ଥନୀତିରେ ମୁଦ୍ରାସ୍ଫୀତି ଓ ଉତ୍କଟ ଦରବୃଦ୍ଧି ଆଉ ଏକ ସଙ୍କଟ ସୃଷ୍ଟି କରିଛି। ସେ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଓ ତାଙ୍କ ସରକାର ନୀରବ। ଉଭୟ ପାଇକାରୀ ଓ ଖୁଚୁରା ମୂଲ୍ୟ ସୂଚକାଙ୍କ ବୃଦ୍ଧି ହାର ସର୍ବକାଳୀନ ରେକର୍ଡ କରିଛି। ଜାଳେଣି, ଇନ୍ଧନ, ଖାଦ୍ୟଦ୍ରବ୍ୟ ଇତ୍ୟାଦିରେ ବୃଦ୍ଧି ହାର ଆକାଶଛୁଆଁ। ସେହିପରି ଚିକିତ୍ସା, ପରିବହନ ଓ ସେବା କ୍ଷେତ୍ରରେ ମଧ୍ୟ ବ୍ୟୟ ବଢ଼ିଛି। ମଧ୍ୟବିତ୍ତଙ୍କ ଉପରେ ଏହି ଦର ବୃଦ୍ଧିର ପ୍ରଭାବ ଗୁରୁତର ଭାବରେ ପଡ଼ିଛି। ବିଶେଷଜ୍ଞମାନଙ୍କ ମତ ହେଉଛି ମୁଦ୍ରାସ୍ଫୀତିର ଦରକୁ ନିୟନ୍ତ୍ରଣ କରାଯିବା ଜରୁରୀ, ଯଦ୍ୱାରା ଅର୍ଥ ବ୍ୟବସ୍ଥାକୁ ରାସ୍ତାକୁ ଅଣାଯାଇ ପାରିବ। କିନ୍ତୁ କେନ୍ଦ୍ର ସରକାର ଏହି ଗୁରୁତର ସମସ୍ୟାକୁ ଏଡ଼ାଇ ଯାଉଛନ୍ତି।

ଉତ୍କଳମଣି ମାର୍ଗ, ଅପର୍ଣ୍ଣା ନଗର,
ଚାଉଳିଆଗଞ୍ଜ, କଟକ
ମୋ: ୯୩୪୮୧୬୯୯୩୧

# ଶିକ୍ଷା ଓ ବିଦ୍ୟା



ଇଂ. ମୁରଲୀଧର ହୋତା

ଆମର ପ୍ରଚଳିତ ଧାରଣାରେ ଶିକ୍ଷା, ସାକ୍ଷରତାରୁ ଆରମ୍ଭ କରି ବୈଷୟିକ ପାଠ୍ୟକ୍ରମରେ ସିଦ୍ଧି, କୌଣସି ପ୍ରତିଯୋଗିତାମୂଳକ ପରୀକ୍ଷାରେ ସାଫଲ୍ୟ ଅଥବା ଜୀବିକା ନିର୍ବାହ ତଥା ସମୃଦ୍ଧି ପ୍ରାପ୍ତିପାଇଁ ଅନ୍ୟ କୌଣସି ବୃତ୍ତିରେ ତାଲିମ ପ୍ରାପ୍ତି। ଏହିଥିରୁ ଯେକୌଣସି ଗୋଟିଏ ବା ଏକାଧିକ ବିଭାଗରେ ସଫଳତା ଅର୍ଜନ କରିଥିବା ବ୍ୟକ୍ତିଟି ଶିକ୍ଷିତ ପଦବାଚ୍ୟ। ଶିକ୍ଷାର ଉପରୋକ୍ତ ଅର୍ଥରେ ଆମ ଦେଶରେ ଶିକ୍ଷିତ ସଂଖ୍ୟାରେ ଯଥେଷ୍ଟ ଅଭିବୃଦ୍ଧି ଘଟିଛି। ମାତ୍ର ଏହାଦ୍ୱାରା ଆମର ସାମାଜିକ ନିରାପତ୍ତା, ନୀତି-ନୈତିକତା, ପରାର୍ଥଭାବ, ଭ୍ରାତୃଭାବ, ଜାତୀୟ-ସଂହତି ସର୍ବୋପରି ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ସେଭଳି କିଛି ଉନ୍ନତିର ଲକ୍ଷଣ ଦେଖିବାକୁ ମିଳୁନାହିଁ ବରଂ ଏହା ସମାଜରେ ଏକ ନୈରାଶ୍ୟଜନକ ସ୍ଥିତି ସୃଷ୍ଟି କରୁଛି। ଅଶାନ୍ତିର ବାତାବରଣ ଭିତରେ ପ୍ରାୟ ସମସ୍ତେ ଅଳ୍ପ ବହୁତେ ଅଣନିଃଶ୍ୱାସୀ ହେବାରେ ଲାଗିଛନ୍ତି।

ଆଜି ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନେ ଏକପ୍ରକାର ଶିଳ୍ପରେ ପରିଣତ ହୋଇଛନ୍ତି। ଏହି ଶିଳ୍ପ, ଶିକ୍ଷିତ ନାମରେ ଯାହା ଉତ୍ପାଦନ କରୁଛି, ତାହା ପ୍ରାୟତଃ ଏକ ବୈଚିତ୍ର୍ୟହୀନ ପ୍ରାଣୀ (ଷ୍ଟେରିଓଟାଇପ୍)। ସେ ପ୍ରାଣୀର ଆଭିମୁଖ୍ୟ ହେଲା ପ୍ରତିଯୋଗିତାରେ ସାମିଲ ହେବା ଏବଂ ସୁଖର ମରୀଚିକା ପଛରେ ଧାବମାନ ହେବା। ଏଠାରେ ମନେପଡ଼ିଯାଏ ବିଖ୍ୟାତ ଲେଖକ ଟଲଷ୍ଟୟଙ୍କର ଏକ କାହାଣୀ- 'କେତେ ଜାଗା ଜଣକର ଲୋଡ଼ା' ଅଥବା ତାଙ୍କ ଭାଷାରେ 'ହାଓ ମଚ୍ ଲ୍ୟାଣ୍ଡ ୱାନ୍ ଡଜ୍ ନିଡ୍'। ଏହି କାହାଣୀଟିର ଚରିତ୍ରଟିକୁ ପ୍ରତିଶ୍ରୁତି ଦିଆଯାଇଥିଲା, ସୂର୍ଯ୍ୟୋଦୟ ସମୟରୁ ଏକ ନିର୍ଦ୍ଦିଷ୍ଟ ଜାଗାରୁ ବାହାରି ଲୋକଟି ଯେତିକି ଦୂରତା ଅତିକ୍ରମ କରି ସୂର୍ଯ୍ୟାସ୍ତ ସୁଦ୍ଧା ସେହି ମୂଳ ଜାଗାରେ ପହଞ୍ଚିବ, ତଦନୁଯାୟୀ ଉକ୍ତ ଅଞ୍ଚଳର ସେ ହିଁ ମାଲିକ ହେବ। ମାତ୍ର ଲୋକଟି ମରୀଚିକାକୁ ଆଲିଙ୍ଗନ କରିବା ପାଇଁ ଆହୁରି ଟିକେ ଅଧିକ, ଆହୁରି ଟିକେ ମାତ୍ରାଧିକ- ଏମିତି ଭାବରେ ଦୌଡ଼ି ଦୌଡ଼ି ଶେଷରେ ଫେରି ନ ପାରି ସୂର୍ଯ୍ୟାସ୍ତ ସମୟରେ ଯେଉଁଠି ଥିଲା, ସେଇଠି ତଳେ ପଡ଼ିଯାଇ ସ୍ୱୟଂ ଅସ୍ତମିତ ହୋଇଗଲା।

କିନ୍ତୁ ସଭିଁଏ ଏହି ଢାଞ୍ଚାର ଅନ୍ତର୍ଭୁକ୍ତ ନୁହନ୍ତି। ବାହାରକୁ ଏକାଭଳି ଯାନ୍ତ୍ରିକ ଦୌଡ଼ର ଅନ୍ତର୍ଭୁକ୍ତ ହେଲେ ମଧ୍ୟ ସେମାନଙ୍କର ଆନ୍ତର୍ଜୀବନ ରହିଛି। ଅନେକ ସେହି ଗଡ୍ଡାଳିକା ପ୍ରବାହର ଏକ ବିପରୀତ ଧାରା ନିଜ ନିଜ ଅନୁଭୂତିରେ ଏବଂ ଜୀବନ ଦର୍ଶନରେ ଅନୁସରଣ କରନ୍ତି। ସାମୂହିକ ସାମାଜିକ-ଜୀବନ ସହ ସାଲିସ୍ କରିବା ସତ୍ତ୍ୱେ ନିଜ ନିଜର ସ୍ୱାତନ୍ତ୍ର୍ୟ, ବିନୟବୋଧ ଏବଂ ସୂକ୍ଷ୍ମ ଅର୍ଥରେ ସ୍ୱାଭିମାନ ବଜାୟ ରଖନ୍ତି। କିନ୍ତୁ ସେମାନେ ଏହା କରନ୍ତି ସେମାନଙ୍କ ପ୍ରାପ୍ତଶିକ୍ଷାର ଆଶୀର୍ବାଦରୁ ନୁହେଁ; ଚେତନାର ସୂକ୍ଷ୍ମ ପର୍ଯ୍ୟାୟର ପ୍ରଭାବରେ।

ଆଜିର ଶିକ୍ଷାକୁ ବିଦ୍ୟାର ପ୍ରତିଶବ୍ଦ ଭାବେ ଗ୍ରହଣ କରାଯାଇ ନ ପାରେ। ବିଦ୍ୟାର ଏକମାତ୍ର ଏବଂ ଅନତିକ୍ରମ ସଂଜ୍ଞା ହେଲା- ଯାହା ଆମକୁ ମୁକ୍ତ କରେ (ସା ବିଦ୍ୟା ଯା ବିମୁକ୍ତୟେ) ; ମୁକ୍ତ କରେ ଅବିଦ୍ୟାରୁ, ଅଜ୍ଞାନରୁ। କିନ୍ତୁ ଜ୍ଞାନ ସମୃଦ୍ଧ ପ୍ରାଚୀନ ଭାରତବର୍ଷରେ ସାକ୍ଷରତା, ବିଦ୍ୟାଲାଭ ନିମନ୍ତେ ଅନିର୍ବାଯ୍ୟ ନ ଥିଲା। ବେଦ-ବେଦାନ୍ତ ଯୁଗରେ ବିଦ୍ୟାର୍ଥୀ ନିମନ୍ତେ ନିଜର ସ୍ମୃତିପଟଳ ହିଁ ଥିଲା ଏକମାତ୍ର ଆବଶ୍ୟକତା। ବିଦ୍ୟାର ଦୁଇଟି ଧାରା ; ଅର୍ଜିତ ବା ଆହରିତ ବିଦ୍ୟା ଏବଂ ଉପଲବ୍ଧ ବିଦ୍ୟା। ଉପଲବ୍ଧ ବିଦ୍ୟା ନିମନ୍ତେ ଲେଖାଲେଖି ଏବଂ ଅଭିବ୍ୟକ୍ତିର ଆବଶ୍ୟକତା ପଡ଼େନାହିଁ। ତାହା ଚେତନାର ଜାଗରଣ। ସେଥିପ୍ରତି ଥିବା ବିଦ୍ୟାର୍ଥୀର ତୀବ୍ର ଅଭିଳାଷଜନିତ ଚେତନାର ସ୍ଫୁରଣ ଯୋଗୁ କେବଳ ମାତ୍ର ବିଦ୍ୟାର୍ଥୀକୁ ଜ୍ଞାତ ହେଉଥିଲା। ଉଦାହରଣ ସ୍ୱରୂପ ବୃଦ୍ଧ କୌଶିକ ଋଷିଙ୍କୁ ଜଗତ କଲ୍ୟାଣ ପାଇଁ "ରାମରକ୍ଷା ସ୍ତୋତ୍ର" ଉପଲବ୍ଧ ହୋଇଥିଲା। ଆହରିତ ବିଦ୍ୟା ସ୍ମୃତିରେ ହିଁ ଲିପିବଦ୍ଧ ହୋଇ ରହୁଥିଲା। ଚାରିବେଦଠୁଁ ଆରମ୍ଭ କରି ଜ୍ୟୋତିର୍ବିଜ୍ଞାନ, ଗଣିତ, ଆୟୁର୍ବେଦ, ଯୋଗଶାସ୍ତ୍ର ପ୍ରଭୃତି ବିଦ୍ୟାର ଯାବତୀୟ ବିଭବ ସ୍ମୃତିଭୁକ୍ତ ତଥା ମୁଖସ୍ଥ ହୋଇ ରହୁଥିଲା। ପରିବାରଠାରୁ ଦୂରେଇଯାଇ, ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ ପୂର୍ବକ ଶାନ୍ତକାନ୍ତ, ଅରଣ୍ୟ ପରିବେଶରେ, କୋଳାହଳଶୂନ୍ୟ ଗୁରୁକୁଳ ଆଶ୍ରମରେ ନିବାସ କରି, ସଂଯମତା ଆଚରଣ ସହିତ ବାରମ୍ବାର ଅଭ୍ୟାସ, ମନନ, ନିଧିଧ୍ୟାସନ କରି ଉପଯୁକ୍ତ ଗୁରୁଙ୍କ ମାର୍ଗଦର୍ଶନ ଯୋଗୁଁ ଏହା ସମ୍ଭବ ହେଉଥିଲା। କେତେ ଶତାବ୍ଦୀ ପରେ ସେସବୁ ତାଳପତ୍ର ବା ଭୂର୍ଜପତ୍ରରେ ପାଠ୍ୟରୂପେ ଉପସ୍ଥାପିତ ହେଲା।

ଅବିଦ୍ୟାର ଅର୍ଥ ହେଲା ଅଜ୍ଞାନ। ଅବିଦ୍ୟା ବ୍ୟକ୍ତିବିଶେଷ ମଧ୍ୟରେ ଥିବା ଚିରନ୍ତନ ସତ୍ୟକୁ ଘୋଡ଼େଇ ଦେଇଥାଏ। ଏହା ଫଳରେ ସେ ତା'ର ଠିକଣା ପରିଚୟ ପାଇପାରେ ନାହିଁ। କସ୍ତୁରୀମୃଗ ଭଳି ଇତସ୍ତତଃ ଧାଉଁଥାଏ। ସେ ଅନ୍ଧକାରରେ ଜୀବନ ନିର୍ବାହ କରେ ; ମୃତ୍ୟୁପରେ ଅନ୍ଧକାରରେ ଅବସ୍ଥାନ କରେ ଏବଂ ପୁନର୍ବାର ଅନ୍ଧକାରରେ ଘାଣ୍ଟି ହୋଇ ଜୀବନ-ମରଣ ଚକ୍ରରେ କଷ୍ଟ ପାଉଥାଏ। ସେ ନିଜ ମଧ୍ୟରେ ଓ ସାରା ବିଶ୍ୱବ୍ରହ୍ମାଣ୍ଡ ମଧ୍ୟରେ ଯେଉଁ ଏକ ଚରମ ସତ୍ୟ ଅଛି, ତାହାକୁ ଦେଖିପାରେ ନାହିଁ। ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ, ଦର୍ପଣ ଉପରେ ମଳିର ଆବରଣ ବସିଥିଲେ- ନିଜ ଚେହେରା ଯେପରି ପ୍ରତିବିମ୍ବିତ ହୁଏନାହିଁ, ସେହିଭଳି ମାଳିନ୍ୟଭରା ହୃଦୟରେ ଆତ୍ମୋପଲବ୍ଧି କରିବା ସମ୍ଭବ ହୁଏନାହିଁ। ଅତଏବ ମୋକ୍ଷର ଦ୍ୱାର ତା' ନିମନ୍ତେ ସବୁଦିନ ପାଇଁ ବନ୍ଦ ହୋଇଯାଏ। ସେଥିପାଇଁ ଅନ୍ତରର ଦିବ୍ୟତ୍ୱ ଉପରେ ଥିବା ଆବରଣକୁ ଅତିକ୍ରମ କରିବାକୁ ପଡ଼ିବ। ଏହି ସିଦ୍ଧି ପ୍ରାପ୍ତିପାଇଁ ଏକ ସଦାଚାରୀ, ତ୍ୟାଗୀ, ସତ୍ୟବାଦୀ ଏବଂ ନୈତିକ ଜୀବନଯାପନର ଆବଶ୍ୟକତା ରହିଛି। ସତ୍‌କର୍ମ ବ୍ୟକ୍ତିକୁ ଊର୍ଦ୍ଧ୍ୱଗାମୀ କଲାବେଳେ ଅସତ୍‌କର୍ମ ତାକୁ ନିମ୍ନଗାମୀ କରେ।

ମହିଳାରୋପ୍ୟ ନଗରୀର ରାଜପୁତ୍ରମାନେ ଯଥା- ବହୁଶକ୍ତି, ଉଗ୍ରଶକ୍ତି ଓ ଅନନ୍ତଶକ୍ତି ତିନିହେଁ ନିତାନ୍ତ ମୂର୍ଖ ଥିଲେ। ସେମାନଙ୍କୁ କୌଣସି ଶିକ୍ଷକ ବଶୀଭୂତ କରିପାରି ନ ଥିଲେ। ମନ୍ତ୍ରୀ ଓ ପଣ୍ଡିତମଣ୍ଡଳୀଙ୍କ ପରାମର୍ଶ ଅନୁସାରେ ରାଜା ଅମରଶକ୍ତି, ମହାପଣ୍ଡିତ ବିଷ୍ଣୁଶର୍ମାଙ୍କ ହାତରେ ରାଜପୁତ୍ରମାନଙ୍କ ଶିକ୍ଷା ଦାୟିତ୍ୱ ନ୍ୟସ୍ତ କଲେ। ବିଷ୍ଣୁଶର୍ମା ରାଜପୁତ୍ରମାନଙ୍କୁ ସର୍ବମୋଟ ୭୫ଟି ଗଳ୍ପ ଓ ପ୍ରାୟ ବାରଶତ ଉପାଦେୟ ଶ୍ଳୋକ ସନ୍ନିବେଶିତ 'ପଞ୍ଚତନ୍ତ୍ର' ନାମରେ ବିଦିତ ଅମର କାହାଣୀମାଳା ଶୁଣାଇ, କିପରି ରାଜପୁତ୍ରମାନଙ୍କୁ ଶିକ୍ଷିତ କରିପାରିଲେ, ସେ କିମ୍ବଦନ୍ତୀ ନିଶ୍ଚୟ ପାଠକମାନଙ୍କୁ ଜଣା। ସଂକ୍ଷେପରେ ହେଲେ ବି ଧର୍ମ-ଦର୍ଶନ, ସମାଜଶାସ୍ତ୍ର, ଅର୍ଥଶାସ୍ତ୍ର ଓ ନୀତିଶାସ୍ତ୍ର, ଶାସନ, ପାରସ୍ପରିକ ବ୍ୟବହାର, କର୍ତ୍ତବ୍ୟ-ଅକର୍ତ୍ତବ୍ୟର ବିଚାର ଇତ୍ୟାଦି ଯାହା ଶିଖିଲେ ; ଜଣେ ରାଜପୁତ୍ର ପରବର୍ତ୍ତୀ କାଳରେ ରାଜ୍ୟକୁ ସୁଶାସନ ଦେଇପାରିବ, ସେ ସମସ୍ତ ବିଦ୍ୟା ପଣ୍ଡିତ ମହାଶୟ ରାଜପୁତ୍ରମାନଙ୍କୁ ହୃଦୟଙ୍ଗମ କରାଇଦେଲେ। ସେମାନଙ୍କୁ ରାଜାଙ୍କ ଛାମୁରେ ଉପସ୍ଥାପିତ କରି ଶିକ୍ଷିତ ବୋଲି ଘୋଷଣା କଲେ ସେ ଅନନ୍ୟ ଶିକ୍ଷାଦାତା।

ରାଜପୁତ୍ରମାନେ ଆଜିର ଅର୍ଥରେ ସାକ୍ଷର ହେଲେ କି ନାହିଁ, ସେ କଥା ଆମକୁ ଜଣାନାହିଁ। କିନ୍ତୁ ଯାହା ଉଲ୍ଲେଖଯୋଗ୍ୟ ତାହା ହେଲା, ବିନା ଲେଖାପଢ଼ାରେ ମଧ୍ୟ ଜଣକ ଭିତରେ ସାଧାରଣ ଜ୍ଞାନ ତଥା ମହତ୍ତର ଜ୍ଞାନ ବିକଶିତ ହୋଇପାରେ। ଅପରନ୍ତୁ ପର୍ଯ୍ୟାପ୍ତ ଶିକ୍ଷା ଓ ତାଲିମ ସତ୍ତ୍ୱେ ଜଣକ ଭିତରେ ଅଜ୍ଞାନ ରହିପାରେ ବଳବତ୍ତର। ଅନ୍ତତଃ ପକ୍ଷେ ଶିକ୍ଷା ଆମର ମାନବିକ ଗୁଣତକ ଅପହରଣ କରି ନ ନେଉ ଏତିକି ହିଁ ଆଶା କରିବା ଯଥାର୍ଥ ମନେହୁଏ।

ପ୍ଲଟ୍ ନଂ. ୧୦୦୭, ମହାନଦୀ ବିହାର, କଟକ
ମୋ: ୯୮୬୧୧୪୦୧୬୯

## ଏଇ ଭାରତରେ

କୋଭିଡ୍ ମହାମାରୀରେ ସବୁଠୁ ବଡ଼ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସଂକ୍ରମିତ ଗର୍ଭବତୀମାନେ। ଏହି ସମୟରେ ସନ୍ତାନ ପ୍ରସବ କରିବା ମା' ଓ ଶିଶୁଙ୍କ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ତେବେ ସନ୍ତାନ ପ୍ରସବ କରାଇବାରେ ଶ୍ରୀନଗରର ଜେଏଲ୍‌ଏନ୍‌ଏମ୍ ହସ୍ପିଟାଲର ସୁଗୁପ୍ତା ଆରା ନିଜର ସାହସ, ଧୈର୍ଯ୍ୟ ଓ କର୍ତ୍ତବ୍ୟନିଷ୍ଠାର ପରିଚୟ ଦେଇଛନ୍ତି। ସେ ୧୦୦ କୋଭିଡ୍ ସଂକ୍ରମିତ ମା'ଓ ସେମାନଙ୍କ ଶିଶୁମାନଙ୍କ ଯତ୍ନ ନେଇପାରିଛନ୍ତି। ଏମିତି ହୋଇଥିଲା ଯେ, ଶିଶୁକୁ ସୁରକ୍ଷିତ ପ୍ରସବ କରାଇବା ତଥା କୋଭିଡ୍‌ମୁକ୍ତ ରଖିବା ଲାଗି ସେ ପିପିଇ କିଟ୍ ପିନ୍ଧିବାକୁ ମଧ୍ୟ ସମୟ ପାଇ ନ ଥିଲେ। ତାଙ୍କ ପରିବାର କୋଭିଡ୍-୧୯ରେ ସଂକ୍ରମିତ ହୋଇଥିଲେ ମଧ୍ୟ ସୁଗୁପ୍ତା ଦିନଟିଏ ଛୁଟି ନେଇନାହାନ୍ତି। ଦୁଇଟି ସନ୍ତାନର ମା' ସୁଗୁପ୍ତା ସେମାନଙ୍କ ଯତ୍ନ ନେବା ସହ କୋଭିଡ୍ ସଂକ୍ରମିତ ମା' ଓ ନବଜାତକମାନଙ୍କ ସେବାରେ କେବେ ବି ଅବହେଳା କରିନାହାନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୩ ଜୁଲାଇ ୧୯୯୬**

- ଚୀନ୍‌ର କେନ୍ଦ୍ରୀୟ ସିଂହୁଆଂ ପ୍ରଦେଶର ଏକ ବାଣ କାରଖାନାରେ ଶକ୍ତିଶାଳୀ ବିସ୍ଫୋରଣ ଘଟି ୪୦ ମୃତ।
- ଖାଦ୍ୟ ପାଇଁ ତୈଳ ବିକ୍ରୟ ଯୋଜନାରେ ମାନବୀୟ ସାମଗ୍ରୀ ବଣ୍ଟନ କରିବା ପାଇଁ ଇରାକ୍ ଦ୍ୱାରା ପ୍ରସ୍ତୁତ ଯୋଜନାକୁ ଆମେରିକା ପକ୍ଷରୁ ପ୍ରତ୍ୟାଖ୍ୟାନ।
- ବିଶିଷ୍ଟ ଐତିହାସିକ ତଥା ଗବେଷକ ଡଃ ସତ୍ୟନାରାୟଣ ରାଜଗୁରୁ ଉତ୍କଳ ସାହିତ୍ୟ ସମାଜର ମର୍ଯ୍ୟାଦାଜନକ ସାରସ୍ୱତ ପୁରସ୍କାର ଉତ୍କଳ ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ।

## ଚିରନ୍ତନୀ

ରୂପ ଖୋଜି ଅରୂପରେ ପ୍ରାଣ ତା'ର ହୁଏ ନିମଗନ
ଅନ୍ତରେ ବାଜଇ କେତେ ସୃଜନର ନିବିଡ଼ ବେଦନ।
ଉଦେ ହୁଏ କେତେ ଛବି ମାନସପଟରେ
ବିଚାରେ ଲଭିବ ନିକଟରେ।

-(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | | 3 | 5 | | |
| 7 | | | | | | 1 | | 2 |
| 2 | | | | | 9 | | | |
| 9 | | 7 | | | | 8 | | 5 |
| | 3 | | | 8 | 1 | 9 | | |
| | | 6 | | | | 2 | | |
| 3 | | | | | | 4 | 8 | |
| | 1 | 5 | | | 4 | | | |
| 8 | | | | 9 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 8 | 3 | 1 | 5 | 9 | 6 | 2 | 7 |
| 1 | 2 | 7 | 6 | 3 | 4 | 8 | 9 | 5 |
| 5 | 9 | 6 | 2 | 8 | 7 | 1 | 3 | 4 |
| 8 | 6 | 9 | 4 | 1 | 2 | 7 | 5 | 3 |
| 3 | 5 | 2 | 8 | 7 | 6 | 9 | 4 | 1 |
| 7 | 4 | 1 | 3 | 9 | 5 | 2 | 6 | 8 |
| 6 | 7 | 4 | 5 | 2 | 1 | 3 | 8 | 9 |
| 2 | 1 | 8 | 9 | 4 | 3 | 5 | 7 | 6 |
| 9 | 3 | 5 | 7 | 6 | 8 | 4 | 1 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ଅନୁମତି ନେବା ଠିକ୍ ହୋଇଥାଆନ୍ତା

ମହାଶୟ,

ଗଲୱାନ୍ କାଣ୍ଡ ପରେ ଆମ ଦେଶରେ ଚାଇନା ଦ୍ରବ୍ୟର ଚାହିଦା ଦ୍ରୁତ ହ୍ରାସ ପାଇଛି। ସମ୍ପ୍ରତି ଆମେରିକାର ବାଇଡେନ୍ ପ୍ରଶାସନ ଟିକ୍‌ଟକ୍ ଓ ଅନ୍ୟାନ୍ୟ ଚାଇନା ଆପ୍ ଉପରୁ ନିଷେଧାଦେଶ ପ୍ରତ୍ୟାହାର କରିନେଇଛି। ଭାରତ ଯାହା କରିପାରିଲା ଆମେରିକା ପଛଘୁଞ୍ଚା ଦେବା ସଙ୍ଗେ ସଙ୍ଗେ ଦୋମୁହାଁ ନୀତି ପଦାରେ ପଡ଼ିଲା। ପ୍ରଥମ ବିଶ୍ୱଯୁଦ୍ଧ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ କେତେଲୋକ ନିହତ ହୋଇଥିଲେ ତା'ଠାରୁ ଅଧିକ ଲୋକ କରୋନାରେ ଆଖି ବୁଜିଲେଣି। ଚାଇନାର ଉହାନ୍ ପରୀକ୍ଷାଗାର କରୋନାର ମୂଳସ୍ରୋତ ବୋଲି ବିଶ୍ୱ ସମୁଦାୟ ବିଶ୍ୱାସ କରୁଛି। ସେଠାକୁ ଯିବା ପ୍ରତିନିଧିମଣ୍ଡଳର ଯାଞ୍ଚ ପରତାଳ କରିବା ପୂର୍ବରୁ ବହୁ ସମୟ ମିଳିଯାଇଥିବାରୁ ଚାଇନା ସବୁକିଛି ଲିପାପୋଛା କରି ନିଶ୍ଚିନ୍ତ ହୋଇ ବସିଯାଇଛି। ସେ ଦେଶରେ ଗଣମାଧ୍ୟମ ବୋଲି କିଛି ନାହିଁ। ଗଲୱାନ ଉପତ୍ୟକାରେ କେତେ ଚାଇନା ସୈନ୍ୟ ମୃତ୍ୟୁବରଣ କରିଥିଲେ ଏକଇରବଳା ଗ୍ଲୋବାଲଟାଇମ୍ ତଥ୍ୟ ଲୁଚାଇଥିଲା। କରୋନା କାଳରେ ଚାଇନା ପଠାଇଥିବା ଖାଲି ଅମ୍ଳଜାନ ଟାଙ୍କି ସରକାର ଗ୍ରହଣ କରିବା ପୂର୍ବରୁ ଶହୀଦ୍ ପରିବାରର ପୁଅକୁ ହରାଇଥିବା ମା' ଓ ସ୍ୱାମୀଙ୍କୁ ହରାଇଥିବା ସ୍ତ୍ରୀଙ୍କ ଅନୁମତି ନେବା ଠିକ୍ ହୋଇଥାଆନ୍ତା।

-ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୧୮ ଗ୍ରାମ ବ୍ରାଉନ୍‌ସୁଗାର, ୧.୪୦ ଲକ୍ଷ ଜବତ

**ଜଗତ୍‌ସିଂହପୁର ଅଫିସ:** ବ୍ରାଉନ୍‌ସୁଗାର ରଖିବା ଅଭିଯୋଗରେ ଜଗତ୍‌ସିଂହପୁର ଥାନା ପୋଲିସ ଗୋପାଳସାଗର ଛକ ନିକଟରୁ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ମାଧପୁରସ୍ଥିତ ସରୋଜ କୁମାର ମଲ୍ଲିକ (୩୩)। ତାଙ୍କଠାରୁ ୧୮.୩୦ ଗ୍ରାମ ବ୍ରାଉନ୍‌ସୁଗାର, ୧ ଲକ୍ଷ ୪୦ ହଜାର ଟଙ୍କା ଏବଂ ଗୋଟିଏ ମୋବାଇଲ ଜବତ କରାଯିବା ସହ ମାମଲା (ନଂ. ୩୨୩/୨୧) ରୁଜୁ ହୋଇଛି। ପୋଲିସ ପାଟ୍ରୋଲିଂବେଳେ ସରୋଜଙ୍କୁ ଗୋପାଳସାଗର ଛକ ନିକଟ ଏକ ଦୋକାନ ପାଖରୁ ଧରିଥିଲା। ବାଲେଶ୍ୱର ଜିଲାର ଜଣେ ବ୍ୟକ୍ତିଙ୍କଠାରୁ ଏହି ବ୍ରାଉନ୍‌ସୁଗାର କିଣିଥିବା ନେଇ ସରୋଜ ପୋଲିସ ଆଗରେ କହିଛନ୍ତି।

# ଜୁଲାଇ ୧୦ ସୁଦ୍ଧା ୧୨,୦୦୦ ପ୍ରକଳ୍ପ ଲକ୍ଷ୍ୟ

- ୧୧୪ ସହରାଞ୍ଚଳରେ ବର୍ଷା ଜଳ ଅମଳ ଅଭିଯାନ
- ୧,୯୯୦ ୱାର୍ଡରେ ଯୋଜନା, ୧୫,୦୦୦ ସାଇଟ୍ ଚୟନ

ଭୁବନେଶ୍ୱର, ୨।୭(ବ୍ୟୁରୋ)

ଗୃହ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ 'ମୁକ୍ତା' ଯୋଜନାରେ ରାଜ୍ୟର ସମସ୍ତ ୧୧୪ ସହରାଞ୍ଚଳରେ ବର୍ଷା ଜଳ ଅମଳ ବ୍ୟବସ୍ଥା (ଆର୍‌ଡବ୍ଲ୍ୟୁଏଚ୍‌ଏସ୍) ଲାଗି ଆରମ୍ଭ ହୋଇଛି ରାଜ୍ୟସ୍ତରୀୟ ଅଭିଯାନ। ସହରାଞ୍ଚଳଗୁଡ଼ିକରେ ହ୍ରାସ ପାଉଥିବା ଜଳସ୍ତର ସମସ୍ୟାର ସମାଧାନ ଲାଗି ଅନ୍ୟୁନ ୫୦୦୦ ବର୍ଷା ଜଳ ସଂରକ୍ଷଣ ସଂରଚନା ନିର୍ମାଣ ଲକ୍ଷ୍ୟ ନେଇ ଗତ ଏପ୍ରିଲ ୧୫ରୁ ଏହି ଅଭିଯାନ ଆରମ୍ଭ ହୋଇଥିଲା। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ପ୍ରକଳ୍ପ ନିର୍ମାଣ ହୋଇଛି। ସହରାଞ୍ଚଳଗୁଡ଼ିକର ୧୯୯୦ ୱାର୍ଡରେ ବର୍ଷା ଜଳ ଅମଳ ପ୍ରକଳ୍ପ ଯୋଜନା କରାଯାଇଛି। ଏଥିଲାଗି ୧୫,୦୦୦ ସାଇଟ୍ ଚୟନ କରାଯାଇଛି। ଏହି ସବୁ ପ୍ରକଳ୍ପରେ ୭୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିବାବେଳେ ୧୪,୦୦୦ କାର୍ଯ୍ୟାଦେଶ ଜାରି କରାଯାଇଛି। ଅଦ୍ୟାବଧି ୧୦,୧୭୬ ଆର୍‌ଡବ୍ଲ୍ୟୁଏଚ୍‌ଏସ୍ ଶେଷ ହୋଇଛି। ଜୁଲାଇ ୧୦ ସୁଦ୍ଧା ୧୨,୦୦୦ ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏସବୁ କାର୍ଯ୍ୟରେ ୭,୬୯୮ ଏମଏସ୍‌ଜି ଏବଂ ଏସ୍‌ଡିଏ ଗୋଷ୍ଠୀଙ୍କୁ ନିୟୋଜିତ କରାଯାଇଛି।

ଲକ୍ଷ୍ୟପୂରଣ ଲାଗି ବିଭାଗୀୟ ପ୍ରମୁଖ ସଚିବଙ୍କ ନେତୃତ୍ୱରେ ଏହି କାର୍ଯ୍ୟ ଆଗେଇ ଚାଲିଛି। କ୍ଷେତ୍ରସ୍ତରରେ ସଫଳତା ପାଇଁ ଗୋଷ୍ଠୀ ପରିଚାଳନା ପଦ୍ଧତି ଗ୍ରହଣ କରାଯାଇଛି। ଏହି କାର୍ଯ୍ୟରେ ମିଶନ ଶକ୍ତି ଭଳି କମ୍ୟୁନିଟି ଆଧାରିତ ସଙ୍ଗଠନ (ସିବିଓ)ଗୁଡ଼ିକୁ ନିୟୋଜିତ କରିବା ଲାଗି ପ୍ରାଧାନ୍ୟ ଦିଆଯାଉଛି। ତେଣୁ ଏହି ଅଭିଯାନକୁ କ୍ଷେତ୍ରସ୍ତରରୁ ବିପୁଳ ସମର୍ଥନ ମିଳୁଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଦେଶର ପୂର୍ବ ଉପକୂଳରେ ଅବସ୍ଥିତ ଓଡ଼ିଶାରେ ବାର୍ଷିକ ହାରାହାରି ୧୨୦୦ ମିଲିମିଟରରୁ ୧୮୦୦ ମିଲିମିଟର ବର୍ଷା ହୋଇଥାଏ। ହେଲେ ବର୍ଷାଜଳର ସିଂହଭାଗ ସମୁଦ୍ରକୁ ଚାଲିଯାଉଛି। ତେଣୁ ବୋହିଯାଉଥିବା ଜଳକୁ ସଂରକ୍ଷଣ କରିବା ଲାଗି ବର୍ଷା ଜଳ ଅମଳ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଆର୍‌ଡବ୍ଲ୍ୟୁଏଚ୍‌ଏସ୍‌ର କାର୍ଯ୍ୟକାରିତାକୁ ସୁଗମ କରିବା ପାଇଁ ବରିଷ୍ଠ ଅଧିକାରୀ, ଯନ୍ତ୍ରୀ ଏବଂ ପରାମର୍ଶଦାତାଙ୍କୁ ନେଇ ରାଜ୍ୟସ୍ତରୀୟ ଟାସ୍କଫୋର୍ସ ଗଠନ କରାଯାଇଛି। କାର୍ଯ୍ୟରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ, କାର୍ଯ୍ୟଦକ୍ଷତାରେ ଉନ୍ନତି, ଫଳାଫଳ ନିରୂପଣ ଲାଗି ଅଡିଟ୍ ବ୍ୟବସ୍ଥା କରାଯାଇଛି। ଏହି ଅଭିଯାନ ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ଦକ୍ଷତା ବୃଦ୍ଧି ହୋଇପାରିବ ବୋଲି ଆଶାବ୍ୟକ୍ତ କରାଯାଇଛି।

ଅଭିଯାନ ସମ୍ପର୍କରେ ସୂଚନାଦେଇ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି, ବିଭାଗ ପକ୍ଷରୁ ମାତ୍ର ୭୫ ଦିନ ମଧ୍ୟରେ ରାଜ୍ୟର ୧୧୪ ପୌରାଞ୍ଚଳରେ ୧୦ ହଜାର ଆର୍‌ଡବ୍ଲ୍ୟୁଏଚ୍‌ଏସ୍ ପ୍ରତିଷ୍ଠା କରି 'କ୍ୟାଚ୍ ଦି ରେନ୍' ଅଭିଯାନରେ ଏକ ମାଇଲଖୁଣ୍ଟ ସ୍ଥାପନ କରାଯାଇପାରିଛି। ଏହି ସଫଳତାକୁ ଦୃଷ୍ଟିରେ ରଖି ରାଜ୍ୟର ପଶ୍ଚିମ, ଉତ୍ତର ଏବଂ ଦକ୍ଷିଣ ଭାଗରେ ଥିବା ପୌରାଞ୍ଚଳଗୁଡିକରେ ଆଉ ୧୦ ହଜାର ପ୍ରକଳ୍ପ ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଥିବା ସେ କହିଛନ୍ତି।

# ରିମାଣ୍ଡରେ ଆସିବେ ସୁଦୀପ ମୁଖାର୍ଜୀ

## ଓଡ଼ିଶାରେ ନକଲି କରୋନା ଔଷଧ ଜବତ ଘଟଣା

- ସୁଦୀପ, ଶିବଙ୍କର ହେବ ମୁହାଁମୁହିଁ ଜେରା
- ଅଧିକ ତଥ୍ୟ ପାଇବାକୁ ଆଶା ରଖିଛି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍

ଭୁବନେଶ୍ୱର,୨।୭(ବ୍ୟୁରୋ)

ନକଲି କରୋନା ଔଷଧ କାରବାରର ମାଷ୍ଟରମାଇଣ୍ଡ ତଥା ମୁମ୍ବାଇ ପୋଲିସ ଦ୍ୱାରା ଗିରଫ ହୋଇଥିବା ମାକ୍ସ ହେଲ୍‌ଥକେୟାର ସଂସ୍ଥାର ମୁଖ୍ୟ ସୁଦୀପ ମୁଖାର୍ଜୀଙ୍କୁ ରିମାଣ୍ଡରେ ଆଣିବାକୁ ଯୋଜନା କରୁଛି ରାଜ୍ୟ କ୍ରାଇମବ୍ରାଞ୍ଚ। ଓଡ଼ିଶାରେ ଜବତ ହୋଇଥିବା ନକଲି ଔଷଧ ମାମଲାରେ ଅଧିକ ଖୋଳତାଡ଼ କରିବାକୁ ସୁଦୀପଙ୍କୁ ୮ରୁ ୧୦ ଦିନିଆ ରିମାଣ୍ଡରେ ଆଣିବା ପାଇଁ ଏସ୍‌ଟିଏଫ୍ ପକ୍ଷରୁ ମୁମ୍ବାଇ କୋର୍ଟରେ ଆବେଦନ କରାଯିବ। ସୁଦୀପ ରିମାଣ୍ଡରେ ଆସିବା ପରେ କଟକରୁ ଜବତ ହୋଇଥିବା ନକଲି ଔଷଧ ଘଟଣାର ମୁଖ୍ୟ ଅଭିଯୁକ୍ତ ଶିବ ଜେନାଙ୍କ ସହ ମୁହାଁମୁହିଁ ଜେରା କରାଯିବ ବୋଲି ସୂଚନା ମିଳିଛି। ମୁଖ୍ୟତଃ ରାଜ୍ୟର କେଉଁସବୁ ଅଞ୍ଚଳକୁ ଓ କାହାକୁ ଏହି ନକଲି ଔଷଧ ଯୋଗାଣ କରାଯାଇଛି, ବଜାରରେ ଆଉ କେଉଁଠି ରହିଯାଇଛି କି, ଏଥିରେ ଆଉ କେଉଁମାନଙ୍କର ସମ୍ପୃକ୍ତି ରହିଛି ଆଦି ଅନେକ ଦିଗକୁ ନେଇ ଉଭୟଙ୍କୁ ଜେରା କରାଯିବ। ତେବେ ରିମାଣ୍ଡରେ ପାଇଁ କୋର୍ଟରେ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିବା କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଡିଆଇଜି ଜୟନାରାୟଣ ପଙ୍କଜ ସୂଚନା ଦେଇଛନ୍ତି।

ସୂଚନା ଯୋଗ୍ୟ, ଓଡ଼ିଶାରେ ନକଲି କରୋନା ଔଷଧ ଜବତ ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶିବ ଜେନାଙ୍କୁ ଜୁନ୍ ୨୪ରେ ଏସ୍‌ଟିଏଫ୍ ଗିରଫ କରିଥିଲା। କଟକ କନିକା ଛକ ନିକଟରେ ଶିବଙ୍କ କମ୍ପାନୀ ମେଡିଲଏଡ୍ ମେଡିକାମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ମୁମ୍ବାଇର ସୁଦୀପଙ୍କଠାରୁ କରୋନା ଚିକିତ୍ସା ପାଇଁ ବ୍ୟବହୃତ ଫାଭିପିରାଭିରର ନକଲି ଫାଭିମ୍ୟାକ୍ସ-୨୦୦ ଏବଂ ଫାଭିମ୍ୟାକ୍ସ-୪୦୦ ଔଷଧ ଆଣି ବିଭିନ୍ନ ହସ୍ପିଟାଲ ଓ ମେଡିସିନ ଦୋକାନକୁ ଯୋଗାଉଥିଲା। ଗୋଟେ ଷ୍ଟ୍ରିପ୍ ମାତ୍ର ୬୫ଟଙ୍କାରେ କିଣି ୧୨୯୦ ଟଙ୍କାରେ ବିକ୍ରି କରାଯାଉଥିଲା। ଜୁନ୍ ୧୦ରେ ଘଟଣା ସମ୍ପର୍କରେ ମହାରାଷ୍ଟ୍ର ଡ୍ରଗ୍ସ କଣ୍ଟ୍ରୋଲର ଓଡ଼ିଶା ଡ୍ରଗ୍ସ କଣ୍ଟ୍ରୋଲରଙ୍କୁ ସୂଚନା ଦେଇଥିଲେ। ଏହାପରେ କଟକସ୍ଥିତ ଶିବଙ୍କ କମ୍ପାନୀ ଉପରେ ଡ୍ରଗ୍ସ କଣ୍ଟ୍ରୋଲର ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ନକଲି ଔଷଧ ଜବତ କରିଥିଲା।



ଜିମ୍ ଖୋଲିବା ଦାବିରେ ଭୁବନେଶ୍ୱର ପିଏମ୍‌ଜିରେ ଶୁକ୍ରବାର ଜିମ୍ ମାଲିକ ଓ କର୍ମଚାରୀ ପକ୍ଷରୁ ଅଭିନବ ଉପାୟରେ ପ୍ରତିବାଦ କରାଯାଉଛି।

# ଇଗ୍ନୁରେ ନାମଲେଖା ଆରମ୍ଭ

## ଏସ୍‌ସିଏସ୍‌ଟି ଛାତ୍ରୀଛାତ୍ରଙ୍କ ଲାଗି ସ୍ୱତନ୍ତ୍ର ସୁବିଧା

**ଭୁବନେଶ୍ୱର, ୨।୭(ବ୍ୟୁରୋ):** ଅଧାରୁ ପାଠ ଛାଡ଼ିଥିବା ଏବଂ କୌଣସି କାରଣରୁ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହୋଇଥିବା ଛାତ୍ରୀଛାତ୍ରଙ୍କ ଲାଗି ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୁ) ପକ୍ଷରୁ ଶିକ୍ଷାଦାନ ବ୍ୟବସ୍ଥା କରାଯାଇଛି। ଇଗ୍ନୁର ୨୦୦ରୁ ଅଧିକ ବିଭାଗରେ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ଅଣ୍ଡର ଗ୍ରାଜୁଏଟ ଏବଂ ପିଜି ଡିପ୍ଲୋମା ପାଠ୍ୟକ୍ରମ ଲାଗି ଆଗ୍ରହୀ ଏସ୍‌ସିଏସ୍‌ଟି ଛାତ୍ରୀଛାତ୍ରଙ୍କ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ଦେୟ ଛାଡ଼ କରାଯାଇଛି। ସମ୍ପୃକ୍ତ ଆଶାୟୀମାନେ ନିଃଶୁଳ୍କ ଶିକ୍ଷାର ଲାଭ ଉଠାଇପାରିବେ। ତେବେ ପୂର୍ବରୁ ରିହାତି ସୁବିଧା ଛାଡ଼ ପାଇଥିବା ପିଲାମାନେ ଏହି ସୁବିଧା ପାଇପାରିବେ ନାହିଁ ବୋଲି ସୂଚନା ଦିଆଯାଇଛି। ଯେକୌଣସି ସହାୟତା ଲାଗି ୦୬୭୪-୨୯୬୧୦୬୧ କିମ୍ବା ୨୩୦୧୩୪୮ ନମ୍ବରରେ ଯୋଗାଯୋଗ କରିବା ପାଇଁ ଇଗ୍ନୁର ଆଞ୍ଚଳିକ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

**ଫନୀ ବାତ୍ୟା ପ୍ରଭାବିତ ପରିସମ୍ପତ୍ତି (ସାଇଟ୍ ଏବଂ ୱେରହାଉସ୍)ର ଇ-ନିଲାମ ବିଜ୍ଞପ୍ତି**

ମେସର୍ସ ଭାରତୀ ଏୟାରଟେଲ୍ ଲିମିଟେଡ୍ (ସର୍ଭେ ସଞ୍ଚାଳକ: ମ୍ୟାକ୍ ଆଇଏସ୍ ଆଣ୍ଡ ଏଲ୍ଏ ପ୍ରାଇଭେଟ୍ ଲିମିଟେଡ୍)ର ଫନୀ ବାତ୍ୟା ପ୍ରଭାବିତ ପରିସମ୍ପତ୍ତି (ସାଇଟ୍ ଓ ୱେରହାଉସ୍) ଷ୍ଟକ୍‌ର କ୍ଷତିଗ୍ରସ୍ତ ଉଦ୍ଧୃତ ସାମଗ୍ରୀଗୁଡ଼ିକର କଡ଼ାକଡ଼ି ଭାବେ "ଯେପରି ଅଛି ଯେଉଁଠି ଅଛି" ଭିତ୍ତି, "ଏକକାଳୀନ ଭିତ୍ତି"ରେ ବିକ୍ରୟ ପାଇଁ ଆଗ୍ରହୀ କ୍ରେତାମାନଙ୍କଠାରୁ ଇ-ନିଲାମ ଫର୍ମ ଆମନ୍ତ୍ରଣ କରାଯାଉଛି, ଉପରୋକ୍ତ ଉଦ୍ଧୃତ ସାମଗ୍ରୀଗୁଡ଼ିକର ନିରୀକ୍ଷଣ ମାର୍ଫତ୍- ଷ୍ଟାରଲିଙ୍କ୍ ଲଜିଷ୍ଟିକ୍ସ ପ୍ରା. ଲିଃ, ସିଭି ରମଣ ଇଞ୍ଜିନିୟରିଂ କଲେଜ/ଖଣ୍ଡଗିରି ଡେୟାରୀ ଫାର୍ମ, ଗୁରୁ ନାନକ ସର୍ଭିସ୍ ଷ୍ଟେଶନ ପଛ, ଏନ୍ଏଚ୍-୫, କାଆଁଳା, ସାମନ୍ତରାପୁର, ଖୋର୍ଦ୍ଧା - ୭୫୨୦୫୪ଠାରେ ତା୦୩।୦୭।୨୧ରୁ ୧୨।୦୭।୨୧ରିଖ ମଧ୍ୟରେ କରାଯାଇପାରିବ । ଶ୍ରୀଯୁକ୍ତ ବିଶ୍ୱଜିତ ସାହୁ, ଯୋଗାଯୋଗ ନଂ.: ୯୯୦୦୦୯୦୧୪୨, ଇ-ନିଲାମ ତା୧୩।୦୭।୨୧ରିଖରେ ଅନୁଷ୍ଠିତ ହେବ । ଇ-ନିଲାମ ଫର୍ମ ପାଇଁ, **ସାଲଭର୍ ସେଟ୍‌ଲର୍ସ ପ୍ରାଇଭେଟ୍ ଲିମିଟେଡ୍ (ନିଲାମକାରୀ)** ଠିକଣା:- ୫୧୧, ୫ମ ମହଲା, ଉଷା କିରଣ ବିଲ୍ଡିଂ, ଆଜାଦପୁର କମର୍ସିଆଲ୍ କମ୍ପ୍ଲେକ୍ସ, ଦିଲ୍ଲୀ-୧୧୦୦୩୩ର ସୁଶ୍ରୀ ଖୁସିଙ୍କ ସହ ମୋବାଇଲ.:- ୯୯୯୦୮୫୭୩୮୬ରେ ଯୋଗାଯୋଗ କରନ୍ତୁ କିମ୍ବା ୱେବ୍‌ସାଇଟ୍: **www.salvorsettlers.com**ରୁ ଡାଉନଲୋଡ୍ କରନ୍ତୁ । ଇ-ନିଲାମ ଫର୍ମ ଦାଖଲର ଶେଷ ତାରିଖ ହେଉଛି ତା୧୩।୦୭।୨୧ରିଖ ୧୨.୩୦ ଘଟିକା ପୂର୍ବ ସୁଦ୍ଧା ।

No.B-193

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, JEYPORE (R&B) CIRCLE, JEYPORE**
e-mail ID- supenger_rbjyp@yahoo.co.in; Phone No.- 06854-231528; Fax No.- 06854-231528

**INVITATION FOR BIDS (IFB)**
**Bid Identification No. S.E.J.C. (R&B)- 04/2021-22**
No. 2546 Date: 30.06.2021

1. Nature of the work: **BUILDING WORK.**
2. Total No. of Works: 01 (One) No.
3. Estimated Cost: Rs.115.82 Lakhs
4. Period of completion: 09 (Nine) Months
5. Cost of Bid Document: Rs.10,000/-
6. Bid Security (EMD): Bid Security Declaration (Schedule-K)
7. Class of Contractor: **"B", & 'A'** Class.
8. Date & time of availability of bid document in the portal: From 10.00 hours of 09.07.2021 to 17.00 hours of 22.07.2021
9. Last date / Time for receipt of bids in the Portal: 17.00 hours of 22.07.2021
10. Opening date of Bid: 10.00 hours of 23.07.2021
11. Name and address of the Officer Inviting Bid: Superintending Engineer, Jeypore (R&B) Circle, Jeypore

**Further details can be seen from the e-procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in the said website only.**

**Sd./- Superintending Engineer, Jeypore (R&B) Circle, Jeypore**
**OIPR-34108/11/0004/2122**

## ଶେଖର ମେହେତା ରୋଟାରି ଇଣ୍ଟରନ୍ୟାଶନାଲର ନୂଆ ସଭାପତି



**ଭୁବନେଶ୍ୱର, ୨।୭(ବ୍ୟୁରୋ):** ରିଅଲ ଇଷ୍ଟେଟ କମ୍ପାନୀ ସ୍କାଇ ଲାଇନ୍‌ର ଅଧ୍ୟକ୍ଷ ତଥା ରୋଟାରି କ୍ଲବ୍ ଅଫ୍ କୋଲକାତା ମହାନଗରର ସଦସ୍ୟ ଶେଖର ମେହେତାଙ୍କୁ ୧୧୧ତମ ରୋଟାରି ଇଣ୍ଟରନ୍ୟାଶନାଲ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ସେ ୨୦୨୧-୨୨ ବର୍ଷ ପାଇଁ ଏହି ପଦବୀରେ ରହିବେ। ଏହି ଅବସରରେ ଓଡିଶା ରୋଟାରି ଗଭର୍ନରମାନେ କୋଲକାତାସ୍ଥିତ ତାଙ୍କ ବାସଭବନରେ ଶେଖରଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ବିଗତ ୧୦୦ ବର୍ଷରେ ଭାରତରେ ରୋଟାରୀର ୪୦୦୦ କ୍ଲବ୍ ସ୍ଥାପନା ସହ ୧.୫ ଲକ୍ଷ ବ୍ୟକ୍ତି ରୋଟାରିଆନ ଭାବେ ସଦସ୍ୟତା ଗ୍ରହଣ କରିଛନ୍ତି। ରୋଟାରୀ ଫାଉଣ୍ଡେଶନ ତରଫରୁ ଆଗାମୀ ଦିନରେ ଭାରତ ସରକାରଙ୍କ ସହ ମିଶି ବିଭିନ୍ନ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ କରାଯିବ ବୋଲି ଶେଖର ପ୍ରତିଶ୍ରୁତି ଦେଇଛନ୍ତି।

## ଓଦା କାନ୍ଥରେ ବିଦ୍ୟୁତ୍ ଚାର୍ଜ, ବୃଦ୍ଧା ମୃତ

**ଭୁବନେଶ୍ୱର,୨।୭ (ବ୍ୟୁରୋ):** ଲକ୍ଷ୍ମୀସାଗର ଥାନା ବୁଦ୍ଧ ନଗରରେ ଚାର୍ଜ ହୋଇ ରହିଥିବା ଗାଧୁଆ ଘର କାନ୍ଥ ସଂସ୍ପର୍ଶରେ ଆସି ଜଣେ ୭୫ ବର୍ଷୀୟା ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୁଦ୍ଧ ନଗର ପ୍ଲଟ ନଂ.ଏ/୧୬ରେ ରହୁଥିବା ଲବଣୀ ଦେଇ। ବର୍ଷାରେ ତାଙ୍କ ଗାଧୁଆ ଘର କାନ୍ଥ ଓଦା ହେବା ସହ ବିଦ୍ୟୁତ୍ ଚାର୍ଜ ହୋଇଯାଇଥିଲା। ଶୁକ୍ରବାର ଅପରାହ୍ନରେ ଲବଣୀ କାନ୍ଥକୁ ଛୁଇଁବା ମାତ୍ରେ ବିଦ୍ୟୁତ୍ ଆଘାତ ଲାଗିଥିଲା। କ୍ୟାପିଟାଲ ହସ୍ପିଟାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ୭,୫୦୦ କର୍ମଚାରୀଙ୍କୁ ଛଟେଇ କରିଛି ଟାଟା ପାୱାର: କଂଗ୍ରେସ

## ୧୫ ଦିନରେ ପୁନଃ ନିଯୁକ୍ତି ନ ଦେଲେ ଆନ୍ଦୋଳନ ଚେତାବନୀ

ଭୁବନେଶ୍ୱର, ୨।୭(ବ୍ୟୁରୋ)

ଲୋକେ ମହାମାରୀ କରୋନା ସହ ସଂଘର୍ଷ କରୁଥିବା ବେଳେ ୭,୫୦୦ ବିଦ୍ୟୁତ୍ କର୍ମଚାରୀଙ୍କୁ ଟାଟା ପାୱାର ଛଟେଇ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଯୁବ କଂଗ୍ରେସ ସଭାପତି ସ୍ମିତିରଞ୍ଜନ ଲେଙ୍କା କହିଛନ୍ତି। କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ମିତିରଞ୍ଜନ କହିଛନ୍ତି, ବିଦ୍ୟୁତ୍ ବିଭାଗ ଜୁନ ୨୦୨୦ରେ ଘରୋଇକରଣ କରି ଟାଟା ପାୱାରକୁ ବିଦ୍ୟୁତ୍ ବିତରଣର ଦାୟିତ୍ୱ ଦେଇଥିଲେ। ପୂର୍ବରୁ ଦାୟିତ୍ୱ ତୁଲାଉଥିବା ବିତରଣ କମ୍ପାନୀ ସେସୁ ଅଧୀନ ଫ୍ରାଞ୍ଚାଇଜ କର୍ମଚାରୀ ପାଖାପାଖି ୭୫୦୦ (ମିଟର ରିଡର, ବିଲ୍ କଲେକ୍ଟର, ଲାଇନମ୍ୟାନ୍, ହେଲ୍‌ପର, ଜେଇ, ଏସ୍‌ଡିଓ) ପଦବୀରେ ଅବସ୍ଥାପିତ ଥିବା କର୍ମଚାରୀଙ୍କୁ ଛଟେଇ କରିଥିଲା। ଏହି କର୍ମଚାରୀ ୧୦ ବର୍ଷ ଅକ୍ଳାନ୍ତ ପରିଶ୍ରମ କରି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ (ଫନୀ, ଫାଇଲିନ, ହୁଦ୍‌ହୁଦ୍, ଅମ୍ଫନ) ସମୟରେ ରାଜ୍ୟର ଜନସାଧାରଣଙ୍କୁ ସଫଳତାର ସହ ସେବା ଯୋଗାଇ ଆସୁଥିଲେ। କୋଭିଡ୍-୧୯ର ପ୍ରଥମ ଲହରରେ ମଧ୍ୟ ନିଜ ଜୀବନକୁ ବାଜି ଲଗାଇ କାର୍ଯ୍ୟ ସମ୍ପାଦନ କରିଥିଲେ। ସବୁଠୁ ବଡ଼ କଥା ହେଉଛି ଦେବାଳିଆରେ ଚାଲିଥିବା ସଂସ୍ଥା, ଯାହାର କ୍ଷତି ୬୦ ପ୍ରତିଶତ ଥିଲା ତାକୁ ଲାଭଜନକ ସ୍ଥିତିରେ ପହଞ୍ଚାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ଯୋଦ୍ଧାମାନଙ୍କ ଜୀବିକାକୁ କେତେଜଣ ଅମଲାତନ୍ତ୍ର ଅଫିସର, ଓଇଆର୍‌ସି କର୍ତ୍ତୃପକ୍ଷ ଏବଂ ରାଜ୍ୟ ସରକାର ମିଳିମିଶି ଛଡ଼େଇ ନେଇଛନ୍ତି। ଗତବର୍ଷ ସେପ୍ଟେମ୍ବରରେ ଯୁବକଂଗ୍ରେସ ଏହି କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବିକୁ ସମର୍ଥନ ଜଣାଇ ଟାଟା ଅଫିସ, ଓଇଆର୍‌ସି ଅଫିସ, ଶକ୍ତିମନ୍ତ୍ରୀଙ୍କ ବାସଭବନ ଘେରାଉ କରିଛି। କିନ୍ତୁ ସରକାର ତାଙ୍କ ଅହଂକାରରେ ଅନ୍ଧ ହୋଇ ଏହି ଦାବିକୁ ଗ୍ରହଣ କରୁନାହାନ୍ତି। ଏହି କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ନ ମିଳିବା ପର୍ଯ୍ୟନ୍ତ ଯୁବ କଂଗ୍ରେସ ଲଢ଼େଇକୁ ଆହୁରି ଜୋର୍‌ଦାର କରିବ। ୧୫ ଦିନ ଭିତରେ ନିଯୁକ୍ତି ନ ମିଳିଲେ ରାଜ୍ୟ ସାରା ଯୁବ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବା ସହିତ ମୁଖ୍ୟମନ୍ତ୍ରୀ, ଶକ୍ତିମନ୍ତ୍ରୀଙ୍କୁ ରାସ୍ତାରେ ଚଲେଇ ଦିଆଯିବ ନାହିଁ ଏବଂ ଏହା ସହିତ ଟାଟା ପାୱାର ଅଫିସକୁ ଅଚଳ କରିଦିଆଯିବ ବୋଲି ଯୁବ କଂଗ୍ରେସ ସଭାପତି ଚେତାବନୀ ଦେଇଛନ୍ତି।

No. B-197 **GOVERNMENT OF ODISHA**
**OFFICE OF THE SUPERINTENDING ENGINEER, BALANGIR(R&B) CIRCLE, BALANGIR**
Mail ID : - sepwdbalangir@gmail.com
**e - Procurement Notice**
**BID IDENTIFICATION No: SE(R&B) BGR/04/2021-22**
**No. 1687 // Dtd. 01.07.2021**

1. The **Superintending Engineer, Bolangir (R&B) Circle, Bolangir** on behalf of Governor of Odisha invites percentage rate **composite** bid in double cover system in **ONLINE MODE** for the construction of works detailed in the table below from **B/A/Special/Super** Class Contractors registered with the State Governments and contractors of equivalent Grade/Class registered with Central Government/ MES/ Railways for execution of Civil works. The proof of registration from the appropriate authority shall be enclosed along with the bid.
2. Nature of Work : Building, Road and Cd work
3. No. of tender : Building : 05 Nos and Road and Cd work- 4 Nos.
4. Tender Cost : Rs.10,000/-
5. Class of Contractor : **B/A/Special/Super**
6. Date & Time of sale & Receipt of Bids : From Dt.09.07.2021, 10.00 A.M. to Dt.23.07.2021 up to 05.00 P.M.
7. Date of opening Bid : Dt.26.07.2021 at 11.00 A.M.
8. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only.

**Sd./- Superintending Engineer, Balangir (R&B) Circle, Balangir**
**OIPR-34131/11/0003/2122**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER MINOR IRRIGATION DIVISION, JASHIPUR**
e-Mail ID eemijashipur@yahoo.com
"e" Procurement Notice No.921 dated 24.06.2021
Identification No-01 MID (JSP/2021-22)

No.A-250:- The Executive Engineer, Minor Irrigation Division, Jashipur on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

1. Name of the works: Civil Construction works as mentioned in the website
2. Total No. of works: 09 nos.
3. Estimated cost: Varies from 21.00 Lakhs to 39.00 Lakhs. (Detail list of work Annexed)
4. Class of contractor: As mentioned against work
5. Period of completion: As mentioned against work
6. Date & time of availability of on-line bid document in the portal: 05.07.2021 at 10.00 A.M. to 19.07.2021 up to 5.30 P.M.
7. Last date/time for online receipt of cost of bid document, Bid security declaration, affidavit etc. in the portal: 19.07.2021 up to 5.30 P.M.
8. Date/time of opening of bid: 22.07.2021 at 11.00 A.M. Onwards at Office of the E.E. M.I. Divn., Jashipur
9. Date/time of lottery if required: 3.08.2021 at 11.00 A.M. at Office of the E.E. M.I. Divn, Jashipur
10. Name & address of the Officer Inviting the Bid: Executive Engineer, M.I. Division, Jashipur
11. Further details can be seen from the "e" Procurement Portal https://tendersorissa.gov.in

Sd./- Executive Engineer, M.I. Division, Jashipur
OIPR-32282/11/0001/2122

**ODISHA LIFT IRRIGATION CORPORATION LTD.**
**(A GOVT. OF ODISHA UNDERTAKING)**
**OFFICE OF THE EXECUTIVE ENGINEER, L.I. DIVISION, BALANGIR**
**E-mail: www.eeolicbgr@rediffmail.com**
**"E" -Procurement Notice**
**BID IDENTIFICATION NO. OLIC-BLGR-11/2021-22, Dt.01.07.2021**

No. CAD-540:- Bids are invited from intending tenderers having valid licence as specified against the work for revival of defunct R.L. Project with supply of of all materials under percentage rate contract on turn-key basis.
1. Name of works: Revival of defunct R.L. Projects with supply of all materials on Turnkey basis. 2. Total No. of Packages: 05. 3. Approximate Estimated Cost: Rs.7.67 lakhs to 11.39 lakhs. 4. Class of contractor: As mentioned in packages. 5. Period of completion: 90 days for all projects from the date of issue of work order. 6. Other details as follows:

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & time of opening of tender in the Office of the Executive Engineer, L.I. Division, Balangir |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I. Division, Balangir | OLIC-BLGR-11/ 2021-22 | 08.07.2021 at 11 hrs. | 17.07.2021 upto 17 hrs. | 16.07.2021 upto 17 hrs. | 19.07.2021 at 11 hrs. |

**ANNEXURE**

| Pkg. No. | Name of Block | Name of L.I. Project | Type | Name of Scheme | Appr. Estimated Cost | Bid Security (EMD) | Cost of bid document (+5% GST on reverse charge mechanism) | Class of contractor |
|---|---|---|---|---|---|---|---|---|
| 1 | Agalpur | Duduka-I | RI.(R) | State Plan Fund | 1129723.00 | 11297.00 | 6000+300 | 'D' & above with H.T. Licence |
| 2 | Agalpur | Telenpali-IV | RI.(R) | State Plan Fund | 1139882.00 | 11399.00 | 6000+300 | 'D' & above with H.T. Licence |
| 3 | Balangir | Sialbahali-I | RI.(R) | State Plan Fund | 977605.00 | 9776.00 | 4000+200 | 'D' & above with H.T. Licence |
| 4 | Patnagarh | Phatamunda-I | RI.(R) | State Plan Fund | 858783.00 | 8588.00 | 4000+200 | 'D' & above with H.T. Licence |
| 5 | Khaprakhol | Benkera | RI.(R) | State Plan Fund | 767379.00 | 7674.00 | 4000+200 | 'D' & above with H.T. Licence |

Details can be seen from the website www.tendersorissa.gov.in. Any corrigendum / adddendum will be displayed in the above website only.
OIPR- 32154/11/0001/2122 **Sd./- EXECUTIVE ENGINEER, L.I. DIVISION, BALANGIR**

**DISTRICT RURAL DEVELOPMENT AGENCY, KHORDHA**
**Tel.No.: 06755-221800 (O), E-mail: ori-dkhurda@nic.in**
**Tender Call Notice No. 2476 Dt.01.07.2021**
**Tender for Infrastructure Development/System Improvement under Biju Gramya Jyoti Yojana & Biju Saharanchal Vidyutikaran Yojana for FY 2019-2020 in Khordha District**

No. CAD-547: Sealed tenders are invited from Registered/Licenced electrical contractors having valid H.T. Licence issued by ELBO for construction/installation of 25KVA, 63KVA, 100KVA, 250KVA, 11/0.4KV Sub-Station, Shifting of 25KVA/100KVA/250KVA 11/0.4KV S/S, upgradation of 25KVA, 11/0.4KV to 63KVA 11/0.4KV S/S, 16KVA to 63KVA 11/0.4KV, S/S, 25KVA to 100KVA 11/0.4KVS/S, 63KVA to 100KVA 11/0.4KVS/S, 100KVA to 250KVA 11/0.4KVS/S Construction of 11KV 3ph 3W OH line, Conversion of 2ph 2W to 3ph 3W 11KV line, construction & conversion of LT line, construction of Intermediate Pole, Construction of DP, Shifting of existing 25KVA, 100KVA, 250KVA by using different type of supports and different size of AB Cables as per estiamate under **Biju Gramya Jyoti Yojana & Biju Saharanchal Vidyutikaran Yojana** for infrastructure Development/System improvement of Khordha district with supply of materials and execution of work on turnkey basis including commissioning in the following blocks and urban local bodies (Municipal Corporation/Municipality/NAC). Separate tenders are invited for each Blocks/Municipal Corporation/Municipality/NAC.

1. Bid documents consisting of specification schedule of quantities and set of terms and conditions of contract and other necessary documents can be obtained from the Office of the PROJECT DIRECTOR, DRDA, Khordha in person on application on payment of cost of tender documents in shape of Demand Draft drawn on any Nationalized/Scheduled Commercial Bank in favour of **"Collector Khordha"**, payable **at Khordha** or from the official website **http://khurda.nic.in/**.
2. The sale of the BID documents shall start from Dt.01.07.2021 and ended on 26.07.2021 by 5.00 P.M. during office hours and the sealed tender documents should reach the office of the PROJECT DIRECTOR, DRDA, Khordha on or before dated 27.07.2021 by 3.00 P.M. positively by Regd. Post/Speed Post/Drop Box.
3. Tenders will be opened on dated 28.07.2021 at 11.00 A.M. in the office of the PROJECT DIRECTOR, DRDA, Khordha in presence of bidders or their authorized representative.
4. The undersigned reserved the right to reject any or all the tenders without assigning any reason thereof.
5. Details of tender and terms and conditions are available in the official website: **http:/khurda.nic.in**.

**Sd./- Collector, Khordha**
**OIPR-19059/11/0003/2122**

**INVITATION FOR BIDS (IFB)**
**NATIONAL COMPETITIVE BIDDING THROUGH E-PROCUREMENT**
**IDENTIFICATION NO: RWS&S DIVN., PURI – 13 OF 2021-22**
**Ph. (06752) 251276 Fax - (06752) 251276 E-mail – eerwss_puri@nic.in**

**No. O-407:-** The Executive Engineer, RWS&S Division, Puri on behalf of Governor of Odisha invites Percentage rate price bids through e-procurement in double cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work: | Execution of Rural Piped Water Supply Schemes |
|---|---|---|
| 1. | No. of works: | 30 (THIRTY) |
| 2. | Estimated Cost: | **Rs 53.69 to 176.38 lakhs (app.)** |
| 3. | Time for completion: | 9 (Nine) Months to 12 (Twelve) Months |
| 4. | Cost of bidding document: | Rs.10000/- |
| 5. | Class of Contractors eligible: | B & A |
| 6. | Availability of bids on-line: | From 11.00 hour of **09.07.2021** to 17.00 hours of **23.07.2021** |
| 7. | Last date and time for seeking clarification: | 17.00 hours of **16.07.2021** |
| 8. | Date & time of opening of technical bids: | On dt **24.07.2021** at 11.30 hours in the office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 9. | Date and time of opening of financial bids: | To be decided. |

Further details can be seen from the website **https://www.tendersorissa.gov.in**. Subsequent corrigendum if any shall appear in the web site.

**Sd./- Executive Engineer, RWS&S Division, Puri**
**OIPR-25017/11/0009/2122**

## ଜବରଦଖଲ ହଟାଇବାକୁ ପ୍ରଶାସନକୁ ଭେଟିଲେ ଗ୍ରାମବାସୀ

ଜୟପୁର (ନି.ପ୍ର.)-ଜବରଦଖଲ ହଟାଇବାକୁ ଦାବିକରି ଶୁକ୍ରବାର କୋରାପୁଟ ଜିଲା କୁମୁଲିପୁଟ ଗ୍ରାମବାସୀ ସାମାଜିକ କର୍ମୀ ବି.ସୀମାଞ୍ଚଳ ରାଓଙ୍କ ନେତୃତ୍ୱରେ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ସେମାନେ ଉପଜିଲାପାଳଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। କୁମୁଲିପୁଟ ପଞ୍ଚାୟତ ଅଫିସଠାରୁ ମାତ୍ର ଶହେଫୁଟ ଦୂରରେ ଥିବା ପୂର୍ତ୍ତ ବିଭାଗର ଗୃହ ଜବରଦଖଲରେ ରହିଛି। ଏନେଇ ତୁରନ୍ତ ପ୍ରଶାସନ ହସ୍ତକ୍ଷେପ କରି ଜବରଦଖଲ ହଟାଇବାକୁ ଗ୍ରାମବାସୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ଦାବିପତ୍ରର ଏକ ନକଲ ମଧ ପୂର୍ତ୍ତ ବିଭାଗ ନିବାହୀ ଯନ୍ତ୍ରୀଙ୍କ ନିକଟକୁ ପଠାଯାଇଛି।

# ଧାରଣାରେ ୬୦ କନ୍ଧ ପରିବାର

ନବରଙ୍ଗପୁର,୨।୭ (ବି.ପ୍ର.)

ଜଙ୍ଗଲ ଜମି ବିବାଦକୁ ନେଇ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ବୁର୍ଜା ପଞ୍ଚାୟତ କପସାଭଟ୍ଟ, କୁର୍ସି ପଞ୍ଚାୟତର ସାରିଆଭଟ୍ଟା ଓ ସେମଲଦୋରାର ପ୍ରାୟ ୬୦ କନ୍ଧ ପରିବାର ଜିଲାପାଳଙ୍କ ଅଫିସ ଆଗରେ ଅନିର୍ଦ୍ଦିଷ୍ଟକାଳ ଧାରଣା ଦେଇଛନ୍ତି। ପ୍ରଶାସନିକ ଅଧିକାରୀ ସେମାନଙ୍କୁ ବୁଝାଶୁଝା କରିବା ପରେ ଗ୍ରାମବାସୀ ଧାରଣାରୁ ହଟିଥିବା ସୂଚନା ମିଳିଛି।

ଗ୍ରାମବାସୀଙ୍କ ଜାଗାରେ ଉମରକୋଟ ବନ ବିଭାଗ ଦ୍ୱାରା ଗଠିତ କୁସୁମଗୁଡ଼ା ଓ ସିର୍ଲିଗୁଡ଼ା ବନ ସୁରକ୍ଷା ସମିତି ଜେସିବି ଲଗାଇ ଗାତ ଖୋଳି ଚାରାରୋପଣ କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ୪୦ ବର୍ଷ ଧରି ଜାଗା ଦଖଲକରି ଚାଷ କରୁଥିବା ଜଙ୍ଗଲ କିସମ ଚାଷଜମିରେ ବନ ସୁରକ୍ଷା ସମିତି ଜୋରଜବରଦସ୍ତ ଚାରା ରୋପଣ କରୁଛି। ସେମାନେ ଗ୍ରାମସଭା କିମ୍ବା ଜଙ୍ଗଲ ଅଧିକାର କମିଟିର ଅନୁମତି ମଧ ନେଇ ନ ଥିବା ଗ୍ରାମବାସୀ କହିଛନ୍ତି। ସେମାନେ ଏ ନେଇ ଜୁନ୍ ୧୬ରେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ପ୍ରଶାସନ ଏହାର ସମାଧାନ କରି ନ ଥିବାରୁ ଧାରଣା ଦେଇଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ସମାଧାନ ନ ହେବା ଯାଏ ଧାରଣା ଚାଲିବ ବୋଲି ସେମାନେ କହିଛନ୍ତି। ଅତିରିକ୍ତ ଜିଲାପାଳ ଭାସ୍କର ରଇତୋ ଧାରଣାସ୍ଥଳକୁ ଆସି ଲୋକଙ୍କୁ ବୁଝାଶୁଝା କରିଛନ୍ତି। ଶନିବାର ଗାଁକୁ ଯାଇ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ଧାରଣାରୁ ଉଠିଥିଲେ।



ଜିଲାପାଳଙ୍କ ଅଫିସ ଆଗରେ ଗ୍ରାମବାସୀ ଧାରଣାରେ ବସିଛନ୍ତି।

# ବ୍ଲକ ସଭାପତି ପଦବୀ ନେଇ ଟଣାଓଟରା

ବୈପାରିଗୁଡ଼ା,୨।୭(ଡି.ଏନ୍.ଏ.)

**ଫେଲ୍ ମାରିଲା ୫ଜଣିଆ କମିଟି**
- ସ୍ଥିତି ନ ସୁଧାରିଲେ ଭାରି ପଡ଼ିବ ପଞ୍ଚାୟତ ନିର୍ବାଚନ
- ଜଣେ ଦେଶିଆ ନେତାଙ୍କୁ ସଭାପତି ଦାୟିତ୍ୱ ଦେବାକୁ ଦାବି
- ଦାବି ପୂରଣ ନ ହେବା ଯାଏ ଜାରି ରହିବ ଅସନ୍ତୋଷ

ଗତ କିଛି ମାସ ହେବ ବୈପାରିଗୁଡ଼ା ବ୍ଲକ ବିଜେଡିରେ କୁହୁଳି ଚାଲିଥିବା ଦଳୀୟ କନ୍ଦଳ ଏବେ ଉଗ୍ରରୂପ ନେଉଛି। ବ୍ଲକ ସଭାପତି ପଦବୀ ନେଇ ଦଳରେ ୨ ଗୋଷ୍ଠୀଙ୍କ ମଧ୍ୟରେ ଟଣାଓଟରାରୁ ଆରମ୍ଭ ହୋଇଛି ବିବାଦ। ପରିସ୍ଥିତି ଏପରି ହେଲାଣି ଯେ ଦଳର ତଳିଆ କର୍ମୀ ମଧ ନେତାଙ୍କୁ ଚାଲେଞ୍ଜ ଦେବାକୁ ପଛାଉନାହାନ୍ତି।

ଖବରରୁ ଜଣାପଡ଼ିଛି କିଛି ମାସ ତଳେ ବ୍ଲକର କୋଟପାଡ୍ ନିର୍ବାଚନମଣ୍ଡଳୀରେ ଥିବା ୯ଟି ପଞ୍ଚାୟତର ନେତାମାନେ ଏକଜୁଟ ହୋଇ ତତ୍କାଳୀନ ବ୍ଲକ ସଭାପତି ବିଜୟ ସାମନ୍ତରାୟଙ୍କ ବିରୋଧରେ ଅଣ୍ଟା ଭିଡ଼ିଥିଲେ। ସାମନ୍ତରାୟ ଜୟପୁରରେ ରହୁଛନ୍ତି। ଦଳୀୟ ସଙ୍ଗଠନ ଓ କର୍ମୀମାନଙ୍କୁ ଅଣଦେଖା କରୁଥିବା ନେଇ ସେମାନେ ଜିଲା ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କ ନିକଟରେ ଅଭିଯୋଗ କରି ଜଣେ ଦେଶିଆ ନେତାଙ୍କୁ ସଭାପତି ଦାୟିତ୍ୱ ଦେବାକୁ ଦାବି କରିଥିଲେ। ପରେ ସ୍ୱାସ୍ଥ୍ୟ ସମସ୍ୟା ଦର୍ଶାଇ ସାମନ୍ତରାୟ ବ୍ଲକ ସଭାପତି ପଦବୀରୁ ଓହରିଯାଇଥିଲେ । ଉକ୍ତ ପଦବୀରେ ଜିଲା ସଭାପତି ଦଳର ଜଣେ ପୁରୁଖା କର୍ମୀଙ୍କୁ ଦାୟିତ୍ୱ ଦେବାକୁ ଚିନ୍ତା କରୁଥିବା ଗ୍ରାମାଞ୍ଚଳର କୌଣସି ସ୍ଥାନୀୟ ନେତାଙ୍କୁ ଏହି ଦାୟିତ୍ୱ ଦେବାକୁ ଅସନ୍ତୁଷ୍ଟ ଗୋଷ୍ଠୀ ଦାବି କରିଥିଲେ। ପରିସ୍ଥିତିରେ ସୁଧାର ଆଣିବାକୁ ଅସନ୍ତୁଷ୍ଟ ଗୋଷ୍ଠୀର ୫ ଜଣଙ୍କୁ ନେଇ ଏକ କମିଟି ଗଠନ କରି ସେମାନଙ୍କ ହାତରେ ଦଳର ସାଙ୍ଗଠନିକ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏକ ଶୃଙ୍ଖଳା କମିଟି ମଧ ଗଠନ ହୋଇଥିଲା। ମାତ୍ର ବ୍ୟବସ୍ଥାକୁ ସୁଧାରିବାରେ କମିଟି ଫେଲ୍ ମାରିଥିଲା। ଗଠିତ ୫ ଜଣିଆ କମିଟି ନିକଟରେ ମାଠପଡ଼ାଠାରେ ବ୍ଲକର ୨୦ଟିଯାକ ପଞ୍ଚାୟତର କର୍ମୀମାନଙ୍କ ଏକ ବୈଠକ ଡାକିଥିଲା। ତେବେ ଶେଷ ମୁହୂର୍ତ୍ତରେ ଏହା ବାତିଲ ହୋଇଥିଲା। ଦଳର କେତେଜଣ ଅସନ୍ତୁଷ୍ଟ କର୍ମୀ ସେଠାରେ ବୈଠକ କରିଥିଲେ। ଜଣେ ରାଜ୍ୟସ୍ତରୀୟ ନେତା ବୈଠକରେ ଯୋଗଦେଇଥିଲେ। ଏ ସମ୍ପର୍କରେ ବରିଷ୍ଠ କର୍ମୀ ପଦ୍ମନ ହନ୍ତାଳଙ୍କୁ ପଚାରିବାରୁ ସେ କହିଲେ, ବ୍ଲକ ସଭାପତି ପଦବୀରେ ସ୍ଥାନୀୟ ଅଞ୍ଚଳର ଜଣେ ଲୋକଙ୍କୁ ସୁଯୋଗ ଦେବାକୁ ୨୦ଟି ଯାକ ପଞ୍ଚାୟତର କର୍ମୀ ଦାବିକରି ଆସୁଛନ୍ତି। ଏହି ଦାବି ପୂରଣ ନ ହେବା ଯାଏ ଅସନ୍ତୋଷ ଜାରି ରହିବ ବୋଲି ସେ କହିଥିଲେ। ସେହିପରି ପ୍ରତିପକ୍ଷ ଗୋଷ୍ଠୀର ନେତା ହେମନ୍ତ ମହାପାତ୍ରଙ୍କୁ ପଚାରିବାରୁ ସେ କହିଲେ, ଦଳର ନିଷ୍ପତ୍ତିକୁ ଉଲ୍ଲଂଘନ କରି ଯେଉଁମାନେ ବୈଠକ କରିଥିଲେ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ। ଦଳରେ ଚାଲିଥିବା ବିଶୃଙ୍ଖଳା ନେଇ ଜିଲା ପର୍ଯ୍ୟବେକ୍ଷକ ଚନ୍ଦ୍ରସାରଥି ବେହେରାଙ୍କୁ ଅବଗତ କରାଯାଇଛି ବୋଲି ମହାପାତ୍ର ପ୍ରକାଶ କରିଥିଲେ। ଦଳରେ ପୁରୁଣା ଅଭିଜ୍ଞତାସମ୍ପନ୍ନ ନେତାଙ୍କୁ ଅଣଦେଖା କରାଯାଉଥିବାରୁ ଆଗାମୀ ଦିନରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ଦଳ ପାଇଁ ଭାରି ପଡ଼ିପାରେ ବୋଲି କେତେକେ ମତ ପ୍ରକାଶ କରିଛନ୍ତି। ତୁରନ୍ତ ଉଭୟ ଗୋଷ୍ଠୀର ଅସନ୍ତୁଷ୍ଟ କର୍ମକର୍ତ୍ତାଙ୍କୁ ନେଇ ରାଜ୍ୟସ୍ତରୀୟ ନେତାମାନେ ବ୍ଲକ ସଙ୍ଗଠନକୁ ସୁଧାରିବାକୁ ସାଧାରଣରେ ଆଲୋଚନା ହେଉଛି।

## ସଂକ୍ଷେପରେ

### ଗାଁରେ ଲାଗିଲା ଷ୍ଟ୍ରିଟ୍ ଲାଇଟ୍

ଉମରକୋଟ, ୨।୭(ସ୍ୱ.ପ୍ର.)- ଉମରକୋଟ ପୌରାଞ୍ଚଳ ଅଧୀନରେ ଥିବା ସମସ୍ତ ଛୋଟ ଛୋଟ ଗ୍ରାମରେ ଷ୍ଟ୍ରିଟ ଲାଇଟ୍ ବ୍ୟବସ୍ଥା ଆରମ୍ଭ କରାଯାଇଛି। ମିକ୍ସଡ ଫାର୍ମ, ନୂଆଗୁଡା, ଚଡେଇଗୁଡା, ମେନ୍ଧାବେଡା ଗ୍ରାମରେ ଶୁକ୍ରବାର ଷ୍ଟ୍ରିଟ୍‌ଲାଇଟ୍ ଲଗାଯାଇଛି। ଏହି ଅଞ୍ଚଳ ବାସୀଙ୍କୁ ଆଲୁଅ ଯୋଗାଇବାକୁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା। ଶୁକ୍ରବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ରମେଶ ମାଝି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ତହସିଲଦାର ଡକ୍ଟର ହିମାଞ୍ଚଳ ମାଝି, ପୌର ପରିଷଦ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି, ବିଜେଡି ନଗର ସଭାପତି କୈଳାସ ନାୟକ, କାଲୁ ପଣ୍ଡା, ଛାତ୍ର ବିଜେଡି ଜିଲା ସଭାପତି ସୁଧାଂଶୁ ଦାସ, ଭାଜପା ନଗର ସଭାପତି ସୁରେଶ ଆଚାର୍ଯ୍ୟଙ୍କ ସମେତ ପୌର ପରିଷଦର ବହୁ କର୍ମଚାରୀ ଓ ସ୍ଥାନୀୟ ଜନତା ଉପସ୍ଥିତ ଥିଲେ।

### ବିଡିଓଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ତେନ୍ତୁଳିଖୁଣ୍ଟି, ୨।୭(ଡି.ଏନ୍.ଏ.)- ସ୍ୱାମୀଙ୍କ ଚାକିରୀରେ ତାଙ୍କୁ ଅବସ୍ଥାପିତ କରିବାକୁ ତେନ୍ତୁଳିଖୁଣ୍ଟି ବ୍ଲକ ପାତ୍ରପୁଟ ପଞ୍ଚାୟତ ଗୁଡରା ଗ୍ରାମର ବିଧବା ମହିଳା ଗୀତାଞ୍ଜଳି ବିଷୋୟୀ ଦାବି କରିଛନ୍ତି। ତେନ୍ତୁଳିଖୁଣ୍ଟି ବିଡିଓଙ୍କ କାର୍ଯ୍ୟାଳୟରେ ସେ ଏ ନେଇ ଏକ ଦାବିପତ୍ର ଦେଇଛନ୍ତି। ଗୀତାଞ୍ଜଳିଙ୍କ ସ୍ୱାମୀ ରାଧାକାନ୍ତ ନବରଙ୍ଗପୁର ବ୍ଲକରେ ଭିଏଲଡବ୍ଲୁ ଭାବେ କାର୍ଯ୍ୟ କରୁଥିଲେ। ଗତ ନଭେମ୍ବରରେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ନବରଙ୍ଗପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ୧୧ବର୍ଷ ୨ମାସ ସରକାରୀ ସେବା କରିଛନ୍ତି। ତାଙ୍କ ର ୨ଟି ପୁଅ ଅଛନ୍ତି। ବଡ ପୁଅ ସ୍ନାତକ ପଢୁଥିବା ବେଳେ, ସାନ ପୁଅ +୨ ପଢୁଛି। ଏମାନଙ୍କୁ ପାଠପଢା ସହିତ ଘର ଭଡ଼ା, ଖାଇବାକୁ ଦେବାକୁ ମୁଁ ସମର୍ଥ ନୁହେଁ ବୋଲି ଗୀତାଞ୍ଜଳି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଶାଶୁଙ୍କର ସ୍ୱାସ୍ଥ୍ୟାବସ୍ଥା ଖରାପ ରହୁଛି। ତୁରନ୍ତ ସ୍ୱାମୀଙ୍କ ଚାକିରୀରେ ତାଙ୍କୁ ଅବସ୍ଥାପିତ କରାଯାଉ ବୋଲି ଗୀତାଞ୍ଜଳି ଦାବି କରିଛନ୍ତି। ପିଲାଙ୍କ ପାଠପଢା ଓ ଶାଶୁଙ୍କ ଔଷଧ ଖର୍ଚ୍ଚ ଉଠାଇପାରିବି ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

### ବିଧାୟକଙ୍କ ଉପସ୍ଥିତିରେ ବଣ୍ଟା ହେଲା ସାର

ଉମରକୋଟ, ୨।୭(ସ୍ୱ.ପ୍ର.)- ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କ ଉପସ୍ଥିତିରେ ଆରସିଏମ୍ଏସ୍‌ରେ ଚାଷୀଙ୍କୁ ସାର ବଣ୍ଟନ କରାଯାଇଛି। ବିଧାୟକଙ୍କ ସହ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ସାହୁ, ନଗର ସଭାପତି ସୁରେଶ ଆଚାର୍ଯ୍ୟ, କୃଷକ ମୋର୍ଚ୍ଚା ସଭାପତି ଶଙ୍କର ଡାକୁଆ, ଜିଲା କାର୍ଯ୍ୟକାରିଣୀ ରମେଶ ଦାସ, ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ସତ୍ୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ, ସାର ମିଳୁ ନ ଥିବା ଚାଷୀ ଅଭିଯୋଗ କରିବା ପରେ ବିଧାୟକ ଗୁରୁବାର ଆରସିଏମଏସ୍ ଫେଡେରେଶନ ଗସ୍ତ କରିଥିଲେ। କେଉଁଠି ସାର ନ ଥିବା ଦେଖି ଉପରିସ୍ଥ ଅଧିକାରୀଙ୍କ ସହ ସେ ଆଲୋଚନା କରିଥିଲେ। ଶୁକ୍ରବାର ସାର ଯୋଗାଇ ଦିଆଯିବ ବୋଲି ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ଶୁକ୍ରବାର ସାର ଆସିଥିବାବେଳେ କିନ୍ତୁ ସ୍ଥାନୀୟ ଅଧିକାରୀମାନେ ତାହାକୁ ଚାଷୀଙ୍କୁ ଦେଉନଥିବା ଖବର ପାଇ ବିଧାୟକ ସେଠାରେ ପହଞ୍ଚିଥିଲେ। ପରେ ତାଙ୍କ ଉପସ୍ଥିତିରେ ସାର ବଣ୍ଟାଯାଇଥିଲା।

### ବୃଦ୍ଧାଙ୍କୁ ଉଦ୍ଧାର କଲା ଅଗ୍ନିଶମ ବାହିନୀ



ଚନ୍ଦାହାଣ୍ଡି, ୨।୭(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମୋହରା ପଞ୍ଚାୟତ ଅଧୀନ ନାହାଲମୁଣ୍ଡା ଗାଁ ପାଖ କେନାଲ ହୁଡ଼ାରୁ ଜଣେ ବୃଦ୍ଧାଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି। ସେ ହେଲେ ସୁନାମଣି ମାଝୀ (୭୦)। ତାଙ୍କ ଘର ଛତିଶଗଡ଼ରେ ବୋଲି ସୁନାମଣୀ କହୁଥିବାବେଳେ, ଓଡିଶାକୁ ଆସିବା ସମ୍ପର୍କରେ ସେ କିଛି କହିପାରୁ ନାହାନ୍ତି। ତାଙ୍କର ସୁଗାର ଲେଭଲ କମ୍ ରହିଛି ବୋଲି ଡାକ୍ତର ସୂଚନା ଦେଇଛନ୍ତି। ସୁସ୍ଥ ହେବା ପରେ ଘର ଠିକଣା କହିଲେ ତାଙ୍କୁ ସେଠାକୁ ପଠାଯିବ ବୋଲି ସୂଚନା ମିଳିଛି।

### ଚାରାରୋପଣ କାର୍ଯ୍ୟକ୍ରମ

ଏମ୍‌ଭି ୭୯,୨।୭(ଡି.ଏନ.ଏ.)-ମାଲକାନଗିରି ଜିଲା କାଲିମେଳା ବ୍ଲକ ଏମ୍‌ଭି-୭୯ଠାରେ ଶୁକ୍ରବାର ସବାରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୋଟୁ ବନାଞ୍ଚଳ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା। ବିଭାଗୀୟ ଅଧିକାରୀ ବଳରାମ ନାୟକ, ଫରେଷ୍ଟର ଶିବଜିତ ମଣ୍ଡଳ, ଗାର୍ଡ ସୁମିତ ବିଶ୍ୱାସ, ପ୍ରଧାନ ଶିକ୍ଷକ ସଞ୍ଜୀବ କୁମାର ବୈଦ୍ୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ପ୍ରବାସୀ ଗର୍ଭବତୀଙ୍କ ପଞ୍ଜୀକରଣକୁ ପ୍ରାଧାନ୍ୟ

ରାୟଗଡ଼ା ଅଫିସ,୨।୭

- ଜିଲା ସମାଜ କଲ୍ୟାଣ ଅଧିକାରୀଙ୍କ କଲ୍ୟାଣସିଂହପୁର ଗସ୍ତ
- ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମର ସମୀକ୍ଷା

ରାୟଗଡ଼ା ଡେପୁଟି କଲେକ୍ଟର୍ ତଥା ଭାରପ୍ରାପ୍ତ ଜିଲା ସମାଜ କଲ୍ୟାଣ ଅଧିକାରୀ ପ୍ରଭାତି ଖୋଡ଼ିଆ ଶୁକ୍ରବାର କଲ୍ୟାଣସିଂପୁର ବ୍ଲକ୍ ଗସ୍ତରେ ଯାଇ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଛନ୍ତି। ପ୍ରକଳ୍ପ ଅଞ୍ଚଳକୁ ଫେରିଥିବା ପ୍ରବାସୀ ଗର୍ଭବତୀଙ୍କ ପଞ୍ଜୀକରଣକୁ ତ୍ୱରାନ୍ୱିତ କରିବା ଏବଂ ଆବଶ୍ୟକ ସ୍ଥଳେ ମମତା ହିତାଧିକାରୀଙ୍କୁ ତୁରନ୍ତ ପ୍ରାପ୍ୟ ପ୍ରଦାନ କରିବା ପାଇଁ ସମାଜ କଲ୍ୟାଣ ଅଧିକାରୀ ମମତା ଯୋଜନାର ଜିଲା କାର୍ଯ୍ୟକ୍ରମ ସଂଯୋଜକ ଜିତେନ୍ଦ୍ର କୁମାର ମହାପାତ୍ର ଏବଂ ସ୍ଥାନୀୟ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସଞ୍ଜୁରାଣୀ ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କରୋନା ମହାମାରୀ ସମୟରେ ଅନାଥ ହୋଇଥିବା ଏବଂ ସୁରକ୍ଷା ଓ ଯତ୍ନ ଆବଶ୍ୟକ କରୁଥିବା ଶିଶୁଙ୍କ ଉପଯୁକ୍ତ ଥଇଥାନ ନିମନ୍ତେ ପଦକ୍ଷେପ ନେବାକୁ କହିଥିଲେ। ସ୍ଥାନୀୟ ପ୍ରକଳ୍ପ ଅଧୀନରେ ଥିବା ସମସ୍ତ ସେକ୍ଟରର ମିଶନ ଶକ୍ତି ଏବଂ ମମତା ଯୋଜନାର ଅଗ୍ରଗତି ସମ୍ପର୍କରେ ପ୍ରକଳ୍ପରେ କାର୍ଯ୍ୟରତ କର୍ମଚାରୀ ମାନଙ୍କ ସହ ସେ ଆଲୋଚନା କରିଥିଲେ। ନିକଟସ୍ଥ ଏକ ନିର୍ଦ୍ଦିଷ୍ଟ ବ୍ୟାଙ୍କ ଏବଂ ଏସ୍ଏଚ୍‌ଜିଙ୍କ ମଧ୍ୟରେ ରହିଥିବା 'ବ୍ୟାଙ୍କ ଲିଙ୍କେଜ' ଜନିତ ମତଭେଦକୁ ଶୀଘ୍ର ଦୂର କରିବା ପାଇଁ ସେ ସମସ୍ତଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରକଳ୍ପର ସଦର ସେକ୍ଟର ସମେତ ଜଗନ୍ନାଥପୁର, କୋରପା, ମାଝିଗୁଡା ଏବଂ ସିକରପାଇ ଆଦି ସେକ୍ଟର ମାନଙ୍କରେ ମମତା ଯୋଜନାରେ ପ୍ରଥମ କିସ୍ତି ଅଗ୍ରଗତି ଏବଂ ଇ-ପ୍ରଗତି ଅନୁଯାୟୀ ଗର୍ଭବତୀ ପଞ୍ଜୀକରଣ ଅତ୍ୟନ୍ତ ନିମ୍ନସ୍ତରରେ ଥିବା ଜିଲା କାର୍ଯ୍ୟକ୍ରମ ସଂଯୋଜକ କହିଥିଲେ। ଜିଲାରେ ବାଲ୍ୟବିବାହକୁ ରୋକିବା ଦିଗରେ ପୋଲିସ, ଚାଇଲ୍ଡଲାଇନ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସହାୟତା ନେବା ତଥା ତୃଣମୂଳ ସ୍ତରରେ ଅଧିକ ସଚେତନତା ସୃଷ୍ଟି କରିବା ପାଇଁ ସମାଜ କଲ୍ୟାଣ ଅଧିକାରୀ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତୀତ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସମୀକ୍ଷା ହୋଇଥିଲା। ସମାଜ କଲ୍ୟାଣ ଅଧିକାରୀ ଖୋଡ଼ିଆ ସଦର ସେକ୍ଟର ଅଧୀନ ସିଙ୍ଗାରି ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନରେ ଯାଇ ଗର୍ଭବତୀ ମହିଳାଙ୍କୁ ଭେଟିବା ସହ କେନ୍ଦ୍ରରେ ଯାଞ୍ଚ କରିଥିଲେ। ସେହିପରି ଛତୁଆ ପ୍ରସ୍ତୁତି ଜନିତ ଏକ ଅଭିଯୋଗର ତଦନ୍ତ ନିମନ୍ତେ ନାରାୟଣପୁରଠାରେ ଏସ୍ଏଚ୍‌ଜି ସଭ୍ୟାଙ୍କ ସହ ଆଲୋଚନା କରିଥିଲେ। ଗସ୍ତବେଳେ ପ୍ରକଳ୍ପର ସମସ୍ତ ସେକ୍ଟର ସୁପରଭାଇଜର, ମମତାର ପ୍ରକଳ୍ପ ସହାୟକ, ମିଶନ ଶକ୍ତି ବିପିସି ଓ ବିପିଏ ଉପସ୍ଥିତ ଥିଲେ।


ଜିଲା ସମାଜ କଲ୍ୟାଣ ଅଧିକାରୀ ଅଙ୍ଗନୱାଡ଼ିରେ ଅନୁଧ୍ୟାନ କରୁଛନ୍ତି ।

## କାଶୀପୁର ବ୍ଲକ୍‌ରେ ରାଜସ୍ୱ ଗ୍ରାମ ପାଇଁ ସର୍ଭେ

ଟିକିରି,୨।୭(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶିପୁର ବ୍ଲକ୍ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ପ୍ରାୟ ୧୦ ଗ୍ରାମ ରହିଥିବାବେଳେ ରାଜସ୍ୱ ଗ୍ରାମରେ ପରିଣତ କରିବାକୁ ସର୍ଭେ ଆରମ୍ଭ ହୋଇଛି। ବ୍ଲକ୍ ଅଧୀନ ଡୁଡୁକାବାହାଲ ପଞ୍ଚାୟତ ସର୍ଗୀଗୁଡ଼ା ଗ୍ରାମର ଆଂଶିକ ଓ ଶଙ୍କରଡ଼ା ପଞ୍ଚାୟତର ଉପରସିପେଲ, ତଳସିପେଲ, ବଡପୁକେଲ, କାଡନିପାଇ, ଗୋବିରିଘାଟି, ନାଜା, ମିନାଦୁର୍ଗା ଗ୍ରାମ ଏହି ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଛି। ଲୋକେ ଦୀର୍ଘଦିନ ହେଲା ଏହି ଜଙ୍ଗଲ ମଧ୍ୟରେ ବସବାସ କରୁଛନ୍ତି। ହେଲେ ରାଜସ୍ୱ ଗ୍ରାମ ହୋଇ ନ ଥିବାରୁ ଲୋକେ ଅନେକ ସମସ୍ୟା ଭୋଗୁଛନ୍ତି। ପାଠପଢ଼ା, ସରକାରୀ କାର୍ଯ୍ୟ, ଉନ୍ନୟନ କାମରେ ବାଧା ଉପୁଜୁଛି। ତେଣୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ବନ ବିଭାଗ ଓ ରାଜସ୍ୱ ବିଭାଗ ପକ୍ଷରୁ ଏବେ ରାଜସ୍ୱ ଗ୍ରାମ ନିମନ୍ତେ ତତ୍ପରତା ପ୍ରକାଶ ପାଇଛି। ଗୁରୁବାର ଅତିରିକ୍ତ ତହସିଲଦାର କୁଶ ଗରଡ଼ାଙ୍କ ନେତୃତ୍ୱରେ ଆରଆଇ ଅଶୋକ ବାଉରି, ଶିବାନନ୍ଦ ଦାସ, କେଦାର ସାହୁ, ମନୋଜ ଶବର, ନିହାର ରଞ୍ଜନ ପାଲ୍, ଅମିନ ଦେବରାଜ ଗାଣ୍ଡା, ରାଜସ୍ୱ କର୍ମଚାରୀ ରାଧାକାନ୍ତ ନାୟକ, ପୁରନ୍ଦର ମାଝି ଓ ବନବିଭାଗରୁ ବନାଞ୍ଚଳ ଅଧିକାରୀ ଲକ୍ଷପତି ମାଝି, ଟିକିରି ବନପାଳ କାମେଶ୍ୱର ଆଚାରୀ, ଶଙ୍କରଡ଼ା ବନପାଳ ମିନକେତନ କୁମାର, ବନରକ୍ଷୀ ଲଳିତା ବିଡିକା ଓ ଖଗେଶ୍ୱର ମାଝି ଉପସ୍ଥିତ ରହି ପ୍ରଥମ ପର୍ଯ୍ୟାୟରେ ଉପର ସିପେଲ ଗ୍ରାମରେ ସର୍ଭେ ଆରମ୍ଭ କରିଛନ୍ତି। ଅଞ୍ଚଳର ଆଦିବାସୀଙ୍କ କାମ ଯେପରି ସହଜରେ ହେବ ସେ ଦିଗରେ 'ନିର୍ମାଣ' ନାମକ ବେସରକାରୀ ସଂସ୍ଥା ମଧ କାର୍ଯ୍ୟ କରୁଛି। ଗୁରୁବାର ଉପର ସିପିଲି ଗ୍ରାମର ୭୦ ହିତାଧିକାରୀଙ୍କ ପ୍ରାୟ ୧୦୦ ଏକର ଜମି ଚିହ୍ନଟ କରାଯାଇ ସର୍ଭେ ଆରମ୍ଭ ହୋଇଛି। ଆଗାମୀ ଦିନରେ ୭ ଗ୍ରାମର ପ୍ରାୟ ୫୦୦ ଏକର ଜମି ଚିହ୍ନଟ କରାଯିବ ବୋଲି ଅତିରିକ୍ତ ତହସିଲଦାର କୁଶ ଗରଡ଼ା କହିଛନ୍ତି ।

# ମଣ୍ଡିରୁ ମିଲର୍ସଙ୍କ ରାଜୁତି ଶେଷ କରାଯାଉ

ନବରଙ୍ଗପୁର, ୨।୭(ବି.ପ୍ର.)

ନବରଙ୍ଗପୁର ଜିଲା ଭାଜପା ଶୁକ୍ରବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଯୋଗାଣ ଅଧିକାରୀ ସନ୍ଦୀପ କୁମାର ଦାସଙ୍କୁ ଏକ ୫ଦଫା ଦାବିପତ୍ର ପ୍ରଦାନ କରିଛି। ଧାନ ବିକ୍ରି ପାଇଁ ରେଜିଷ୍ଟ୍ରେଶନ କରିଥିବା ସମସ୍ତ ଚାଷୀଙ୍କ ଧାନ ସରକାର କିଣନ୍ତୁ, ଟୋକେନ୍ ଲାପ୍ସ ହୋଇଥିବା ଚାଷୀଙ୍କ ଧାନ ସରକାର ନିଜ ପ୍ରତିଶ୍ରୁତି ଅନୁଯାୟୀ ତୁରନ୍ତ ଉଠାନ୍ତୁ, କେନ୍ଦ୍ର ସରକାରଙ୍କ ଅଧିକାରୀମାନେ ଦେଇଥିବା ରିପୋର୍ଟକୁ ରାଜ୍ୟ ସରକାର ଲୋକଙ୍କ ପାଖରେ ଉପସ୍ଥାପନ କରନ୍ତୁ, ୮ରୁ ୧୦ କେ.ଜି. କଟ୍‌ନି ଛଟ୍‌ନି କରୁଥିବା ଏବଂ କେନ୍ଦ୍ର ସରକାର ଚାଷୀଙ୍କୁ ଯୋଗାଇ ଦେଉଥିବା ବସ୍ତା, ସୁତୁଲି ଓ ପରିବହନ ଖର୍ଚ୍ଚ କିଏ ହଡ଼ପ କରୁଛି ତାହାର ତଦନ୍ତ କରାଯାଉ ବୋଲି ଦଳ ପକ୍ଷରୁ ଦାବି ହୋଇଛି। ମଣ୍ଡିରୁ ମିଲର୍ସମାନଙ୍କ ରାଜୁତିକୁ ତୁରନ୍ତ ସମାପ୍ତ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନବେଳେ ଜିଲା ଭାଜପା ସଭାପତି ଜଗଦୀଶ ବିଷୋୟୀ, କୃଷକ ମୋର୍ଚ୍ଚା ଜିଲା ସଭାପତି ଅରୁଣ ପୂଜାରୀ , ଉପସଭାପତି ସତ୍ୟବାଦୀ ଷଡ଼ଙ୍ଗୀ, ସୁରେନ୍ଦ୍ର ବିଷୋୟୀ, ଜିଲା ସଭାନେତ୍ରୀ ଶର୍ମିଷ୍ଠା ଦେଓ, ବବିତା ସାହୁ, ରେବତୀ ବେହେରା, ମଧୁ ଗାଦବା, ଶୁଭମ ଚୌଧୁରୀ, କୃଷ୍ଣ ଗୌଡ଼, ଅମୂଲ୍ୟ ମିଶ୍ର, ସୁବ୍ରତ ମିଶ୍ର,ବିକି ଜେନା, ଓବିସି ସଭାପତି ଦଇତାରି ମାଝି ପ୍ରମୁଖ ଉପସ୍ଥିତ ଥିଲେ।


ଜିଲା ଯୋଗାଣ ଅଧିକାରୀ ଦାବିପତ୍ର ଗ୍ରହଣ କରୁଛନ୍ତି।

# ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ଦାବି

ନବରଙ୍ଗପୁର,୨।୭(ବି.ପ୍ର.)

**୫-ଟି ସଚିବଙ୍କ ସହ ଭିସିରେ କଥା ହେଲେ କ୍ରୀଡ଼ାବିତ୍**

୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ସହ ଭିଡିଓ କନ୍‌ଫରେନ୍ସ(ଭିସି)ରେ କଥା ହେଲେ ନବରଙ୍ଗପୁର ଜିଲାର କ୍ରୀଡ଼ାବିତମାନେ। ଉମରକୋଟ୍‌ରେ ଏକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ନିମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

କ୍ରୀଡ଼ାବିତ୍‌ଙ୍କ ପ୍ରତିଭାକୁ ପ୍ରୋତ୍ସାହନ ଦେବାକୁ ଉମରକୋଟ ସହରରେ ଷ୍ଟାଡିୟମ ନାହିଁ। ସୁଯୋଗ ଅଭାବରୁ ସେମାନଙ୍କର ପ୍ରତିଭାର ବିକାଶ ହୋଇପାରୁ ନାହିଁ। ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରିବା ପାଇଁ ଆବଶ୍ୟକ ଅର୍ଥ ମଞ୍ଜୁରୀ କଲେ ସହରର ଯୁବତୀ, ଯୁବକ, ଛାତ୍ରୀଛାତ୍ର ଓ କ୍ରୀଡ଼ାବିତ୍‌ମାନେ କ୍ରୀଡ଼ା କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିବାର ସୁଯୋଗ ପାଇପାରିବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ଦାବି ପୂରଣ କରାଯିବ ବୋଲି ୫-ଟି ସଚିବ ପ୍ରତିଶ୍ରୁତି ଦେଇଥିଲେ। ଜିଲାପାଳଙ୍କ ଓସ୍ୱାନ୍ ରୁମ୍‌ରେ ଅନୁଷ୍ଠିତ ଏହି ଭିଡିଓ କନ୍‌ଫରେନ୍ସ କାର୍ଯ୍ୟକ୍ରମରେ ଏମ୍‌ପି ରମେଶ ଚନ୍ଦ୍ର ମାଝି, ଉମରକୋଟ୍‌ର ପୂର୍ବତନ କାଉନ୍‌ସିଲର ରଞ୍ଜୁ ମାଝିଙ୍କ ସମେତ ୬ ମହିଳା ଓ ୫ ଜଣ ପୁରୁଷ କ୍ରୀଡ଼ାବିତ୍ ଏବଂ ୩ ଜଣ ପୂର୍ବତନ କାଉନସିଲର ଉପସ୍ଥିତ ଥିଲେ।



କ୍ରୀଡ଼ାବିତ୍‌ମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

## ୯୮ ବର୍ଷ ବୟସରେ କରୋନାକୁ ଜିଣିଲେ

ପାପଡ଼ାହାଣ୍ଡି, ୨।୭ (ଡି.ଏନ୍.ଏ.)



କରୋନାକୁ ନେଇ ସମସ୍ତେ ଭୟଭୀତ ଥିବାବେଳେ ଅନେକ ସ୍ଥାନରୁ ଭଲ ଖବର ମଧ ଆସୁଛି। ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ସଦର ଅଞ୍ଚଳର ଅବଦୁର ରେହମାନ ଖାନ୍ ୯୮ ବର୍ଷ ବୟସରେ କରୋନାକୁ ହରାଇଛନ୍ତି। ଏହା ଅନ୍ୟ ସଂକ୍ରମିତଙ୍କୁ ନିଶ୍ଚୟ ସାହସ ଯୋଗାଇବ ବୋଲି ଅଞ୍ଚଳବାସୀ କହିବା ସହ ରେହମାନଙ୍କ ସୁସ୍ଥ ଜୀବନ କାମନା କରିଛନ୍ତି। ସୂଚନାଯୋଗ୍ୟ ରେହମାନ ମେ ୨୬ରେ କରୋନା ସଂକ୍ରମିତ ହୋଇ ଗୃହ ସଙ୍ଗରୋଧରେ ଥିଲେ।

# ହିତାଧିକାରୀଙ୍କୁ ମଧୁବାବୁ ଭତ୍ତା

ପଦ୍ମପୁର,୨।୭(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ କାର୍ଯ୍ୟାଳୟଠାରେ ଶୁକ୍ରବାର ୩୦ ହିତାଧିକାରୀଙ୍କୁ ମଧୁବାବୁ ଭତ୍ତା ପ୍ରଦାନ କରାଯାଇଛି। ପଦ୍ମପୁର ବ୍ଲକ୍ ଖମାପଦର ଏବଂ ଆଖୁସିଂ ପଞ୍ଚାୟାତର ହିତାଧିକାରୀଙ୍କୁ ଏହି ସାମାଜିକ ସୁରକ୍ଷା ସହାୟତା ପ୍ରଦାନ କରାଯାଇଛି। ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ପଦ୍ମପୁର ବ୍ଲକ ଅଧ୍ୟକ୍ଷ ରମାକାନ୍ତ ମାଝି, ପଦ୍ମପୁର ବିଡିଓ ଦୟାମୟ ପାଢ଼ୀ, ଯୋଗାଣ ଅଧିକାରୀ ପ୍ରଭାକର ମଳିକଙ୍କ ଉପସ୍ଥିତିରେ ଭତ୍ତା ପ୍ରଦାନ କରାଯାଇଛି। ଏହି ସମୟରେ ଆଖୁସିଂ ଓ ଖମାପଦର ପାଞ୍ଚାୟତର ସମସ୍ତ ପିଇଓ ଉପସ୍ଥିତ ଥିଲେ।


ଜଣେ ହିତାଧିକାରୀଙ୍କୁ ଭତ୍ତା ଦିଆଯାଉଛି।

# ପରିବେଶ ସୁରକ୍ଷା ପ୍ରତି ଯତ୍ନବାନ ହେବା ଜରୁରୀ

ରାୟଗଡ଼ା ଅଫିସ,୨।୭

ରାୟଗଡ଼ା ଜିଲା ରାମନଗୁଡ଼ା ବ୍ଲକ୍ ରୋବାଡି ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଓ ରୋବାଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଚାରାରୋପଣ କରିବା ସହ ପରିବେଶ ସୁରକ୍ଷା ଦିଗରେ ସମସ୍ତେ ଯତ୍ନବାନ ହେବାକୁ ଉତ୍ସାହିତ କରିଥିଲେ। ଗୁଣପୁର ବନଖଣ୍ଡ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଉପସ୍ଥିତ ରହି ସ୍କୁଲ ଓ ଚିକିତ୍ସାଳୟ ପରିସରରେ ଚାରାରୋପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗୁଣପୁର ବନାଞ୍ଚଳ ଅଧିକାରୀ ରଞ୍ଜନ କୁମାର ମହାନ୍ତି, ବାଙ୍କିଲି ସରପଞ୍ଚ ବିଶିକେଶନ କଣ୍ଡାଗୋରୀ, ବନପାଳ ଭଗବାନ ସାରକାଙ୍କ ସମେତ ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ, ମେଡିକାଲ କର୍ମଚାରୀ ଓ ବନ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

# ଏମ୍ଏସ୍ଆଇର ନୂତନ ଶାଖା ଉଦ୍‌ଘାଟିତ

ଗୁଣପୁର,୨।୭(ଡି.ଏନ୍.ଏ.)

ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟର ଜୈବ ପ୍ରଯୁକ୍ତିବିଦ୍ୟା ବିଭାଗରେ ମାଇକ୍ରୋବାୟୋଲୋଜିଷ୍ଟ ସୋସାଇଟି ଅଫ ଇଣ୍ଡିଆ(ଏମ୍ଏସ୍ଆଇ)ର ନୂତନ ଶାଖା ଭର୍ଚୁଆଲ ମଧ୍ୟମରେ ଉଦଘାଟିତ ହୋଇଯାଇଛି। ଏଥିରେ ସୋସାଇଟିର ସଭାପତି ତଥା ବାବା ସାହେବ ଆମ୍ବେଦକର ମରାଠୱାଡା ବିଶ୍ୱବିଦ୍ୟାଳୟର ପ୍ରଫେସର ଅରବିନ୍ଦ ଦେଶ୍‌ମୁଖ ମୁଖ୍ୟ ଅତିଥିଭାବେ ଯୋଗଦେଇ ମାଇକ୍ରୋବାୟୋଲୋଜି ବିଷୟ ଅତି ଗୁରୁତ୍ୱପୂର୍ଣ୍ଣ ଏବଂ ଅଣୁଜୀବ ବିଜ୍ଞାନୀମାନେ ଦେଶରେ ଦେଖାଯାଉଥିବା ବିଭିନ୍ନ ରୋଗର ନିରାକରଣ ନିମନ୍ତେ ନିୟୋଜିତ ଅଛନ୍ତି ବୋଲି କହିଥିଲେ। ସୋସାଇଟିର ରାଜ୍ୟ ସଭାପତି ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟ ପୂର୍ବତନ ପ୍ରଫେସର ନିରଞ୍ଜନ ବେହେରା ମୁଖ୍ୟବ୍ୟକ୍ତା ରୂପେ ଯୋଗଦେଇ ରାଜ୍ୟରେ ଅଣୁଜୀବ ଗବେଷଣା ନିମନ୍ତେ ଭରପୁର ସୁଯୋଗ ରହିଥିବା ବେଳେ ମାନବ ସମ୍ବଳର ଅଭାବ ରହିଥିବା ମତବ୍ୟକ୍ତ କରିଥିଲେ। ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଏନ୍.ଭି.ଜେ. ରାଓ ତାଙ୍କ ଅଭିଭାଷଣରେ କହିଛନ୍ତି, ଏହି ବାନ୍ଧିତା ଦ୍ୱାରା ଛାତ୍ରୀଛାତ୍ର ତଥା ଅଧ୍ୟାପିକା ଅଧ୍ୟାପିକମାନେ ଉପକୃତ ହୋଇପାରିବେ ବୋଲି କହିଛନ୍ତି। ପ୍ରଫେସର ତାରିଣୀ ଚରଣ ବେହେରା ଯୋଗଦେଇ କୋଭିଡ୍ ମହାମାରୀ ସମୟରେ ଅଣୁ ବିଜ୍ଞାନୀଙ୍କ ଭୂମିକା ବିଷୟରେ କହିଥିଲେ। କଳାହାଣ୍ଡି ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଜିତେନ୍ଦ୍ର କୁମାର ପ୍ରଧାନ ଜୈବବସ୍ତୁ ପରିଚାଳନା ଉପରେ ସନ୍ଦର୍ଭପାଠ କରିଥିଲେ। ଏଥିରେ ଜୈବ ପ୍ରଯୁକ୍ତି ବିଭାଗ ତଥା ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପିକ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟର ଜୈବ ପ୍ରଯୁକ୍ତି ବିଭାଗର ମୁଖ୍ୟ ମନୋଜ ଦାସ ସ୍ୱାଗତ ଭାଷଣ ରଖିଥିଲେ। ଅଧ୍ୟାପକ ସୁଶୀଲ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ଦିପ୍ତୀକାନ୍ତ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

# ବନ୍ୟାରେ ଧୋଇଯାଇଛି ରାସ୍ତା, ମରାମତି କରୁନି ପ୍ରଶାସନ

ଚନ୍ଦାହାଣ୍ଡି, ୨।୭(ଡି.ଏନ୍.ଏ.)

- ୪ କି.ମି. ବୁଲି ଆସୁଛି ଆମ୍ବୁଲାନ୍ସ
- କ୍ଷେତ, ଗାଁରେ ପଶୁଛି ବନ୍ୟାପାଣି

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମୋହରା ପଞ୍ଚାୟତ ବରିଗୁଡ଼ା, ଫଳସାପଡ଼ା ଲୋକଙ୍କ ଯାତାୟାତ ପାଇଁ ୫ ବର୍ଷ ତଳେ ବ୍ଲକ ପ୍ରଶାସନ ନିର୍ମାଣ କରିଥିଲା ଏକ ସିସି ରୋଡ୍। କିନ୍ତୁ ୩ ବର୍ଷ ତଳେ ଆସିଥିବା ବନ୍ୟା ତାହାକୁ ଧୋଇ ନେଇଯାଇଥିଲା। ଏହାପରେ ଫଳସାପଡ଼ା ଗ୍ରାମବାସୀ ଯାଆସ ପାଇଁ ଅସୁବିଧା ହେଉଛି। ଏଥିସହ ବର୍ଷାଦିନେ କୁକୁରଜୋର ନାଳ ପାଣି ଗାଁରେ ପଶୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାରମ୍ବାର ପ୍ରଶାସନିକ ଅଧିକାରୀ ଏବଂ ଲୋକ ପ୍ରତିନିଧିଙ୍କୁ ଗୁହାରିକଲେ ମଧ କୌଣସି ସୁଫଳ ମିଳୁ ନ ଥିବା ସେମାନେ ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

ମୋହରା ପଞ୍ଚାୟତ ଫଳସାପଡ଼ାରେ ୩୦୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଲୋକଙ୍କ ସୁବିଧା ପାଇଁ ବ୍ଲକ ପ୍ରଶାସନ ୫ବର୍ଷ ତଳେ ଏକ ସିସି ରୋଡ୍ ନିର୍ମାଣ କରିଥିଲେ। କିନ୍ତୁ ୨୦୧୯ରେ କୁକୁରଜୋର ନାଳର ବନ୍ୟାପାଣି ଏହାକୁ ଧୋଇଦେଇଥିଲା। ରାସ୍ତା ଦୁଇ ପାର୍ଶ୍ୱରେ ଗାତ ହୋଇଯାଇଥିବାରୁ ଗାଁ ଲୋକେ ଏହି ରାସ୍ତା ଦେଇ ଯାଆସ ବନ୍ଦ କରିଦେଇଛନ୍ତି। ସେମାନେ ୧କି.ମି. ବୁଲି ପଞ୍ଚାୟତ ସଦର ଓ ଚନ୍ଦାହାଣ୍ଡିକୁ ଯାଉଛନ୍ତି। ରୋଗୀ କିମ୍ବା ଗର୍ଭବତୀଙ୍କୁ ଡାକ୍ତରଖାନା ନେବାକୁ ହେଲେ ଆମ୍ବୁଲାନ୍ସ ୪ କି.ମି. ଜୁନାପାଣି ରାସ୍ତା ଦେଇ ବୁଲିକରି ଆସିଥାଏ। ରାସ୍ତା ଅଭାବରେ ପିଲାମାନେ ବରୀଗୁଡ଼ା ସ୍କୁଲକୁ ପଢ଼ିବାକୁ ନ ଆସି ୧ କି.ମି. ବଡ଼ମୁଣ୍ଡା ସ୍କୁଲକୁ ଯାଉଛନ୍ତି। ବହୁଦିନରୁ ରାସ୍ତା ତିଆରି ହେଉ ନ ଥିବାରୁ ପ୍ରତି ବର୍ଷ କୁକୁରଜୋର ବନ୍ୟାପାଣି ରାସ୍ତା ପାର୍ଶ୍ୱରେ ଥିବା ଚାଷୀଙ୍କ କ୍ଷେତରେ ପଶି ଫସଲ ନଷ୍ଟ କରୁଛି ବୋଲି ଗ୍ରାମବାସୀ କହିଛନ୍ତି। ଏ ଦିଗରେ ଜିଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ରାମେଶ୍ୱର ତେଜି, ମୋହନ ତେଜି, ଭଗବାନ ସାହୁ, ମୁରାଦ ଅଲ୍ଲୀ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ଚନ୍ଦାହାଣ୍ଡି ବ୍ଲକ କନିଷ୍ଠ ଯନ୍ତ୍ରୀ ରାଜୀବଲୋଚନ ଧଳଙ୍କୁ ପଚାରିବାରୁ, ସେ ଘଟଣାକୁ ସ୍ୱୀକାର କରିଥିଲେ। ଏହାକୁ ନିର୍ମାଣ କରିବାକୁ ହେଲେ ୨୦ଲକ୍ଷରୁ ଅଧିକ ଟଙ୍କାର ଅଟକଳ ଦରକାର। ଏ ନେଇ ସେ ବିଡିଓଙ୍କ ସହ ଆଲୋଚନାକରି ପଦକ୍ଷେପ ନେବେ ବୋଲି କହିଛନ୍ତି।



# ସନ୍ତରଣରେ ମାନା ପଟେଲଙ୍କୁ ଯୋଗ୍ୟତା



**ନୂଆଦିଲ୍ଲୀ, ୨।୭ (ପି.ଟି.):** ଭାରତୀୟ ମହିଳା ସନ୍ତରଣକାରୀ ମାନା ପଟେଲ ଟୋକିଓ ଅଲିମ୍ପିକ୍ସରେ ଭାଗ ନେବେ। 'ୟୁନିଭର୍ସାଲିଟି କୋଟା' ଜରିଆରେ ସେ ଯୋଗ୍ୟତା ହାସଲ କରିଥିବା ସୁଇମିଂ ଫେଡେରେସନ ଅଫ୍ ଇଣ୍ଡିଆ (ଏସ୍ଏଫ୍ଆଇ) ପ୍ରକାଶ କରିଛି। ମାନା ଟୋକିଓ ଗେମ୍ସରେ ୧୦୦ ମିଟର ବ୍ୟାକଷ୍ଟ୍ରୋକରେ ଅଂଶଗ୍ରହଣ କରିବେ। ସେ ତୃତୀୟ ଭାରତୀୟ ସନ୍ତରଣକାରୀ ଭାବେ ଅଲିମ୍ପିକ ଯୋଗ୍ୟତା ହାସଲ କରିଛନ୍ତି। ପୂର୍ବରୁ ଶ୍ରୀହରି ନଟରାଜନ ଓ ସଜନ ପ୍ରକାଶ ଉଭୟେ 'ଏ' କ୍ୱାଲିଫିକେସନ ଟାଇମିଂ ସହ ଟୋକିଓ ଗେମ୍ସ ଟିକେଟ ହାସଲ କରିଛନ୍ତି। ୨୦୧୯ରେ ୨୧ ବର୍ଷୀୟା ମାନାଙ୍କ ଗୋଇଠି ଆଘାତପ୍ରାପ୍ତ ହୋଇଥିଲା। ଚଳିତ ବର୍ଷ ପ୍ରାରମ୍ଭରେ ସେ ସନ୍ତରଣକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଚଳିତବର୍ଷ ତାଙ୍କର ପ୍ରଥମ ଇଭେଣ୍ଟ ଥିଲା ଏପ୍ରିଲରେ ଉଜ୍‌ବେକିସ୍ତାନ ଓପନ ସୁଇମିଂ ଚାମ୍ପିୟନଶିପ୍। ସେ ୧୦୦ମିଟର ବ୍ୟାକଷ୍ଟ୍ରୋକରେ ୧:୦୪.୪୭ ସେକେଣ୍ଡ ଟାଇମିଂ ସହ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଟୋକିଓ ଗେମ୍ସ ପ୍ରସ୍ତୁତି ଲାଗି ସେ ନିକଟରେ ସର୍ବିୟା ଓ ଇଟାଲୀରେ ବିଭିନ୍ନ ଇଭେଣ୍ଟରେ ଭାଗ ନେଇଥିଲେ।

# ଅଲିମ୍ପିକ ୧୦୦ମିଟରରେ ଭାଗ ନେଇପାରିବେନି ରିଚାର୍ଡସନ

**ୟୁଜେନି (ଓରେଗୋଁ), ୨।୭ (ଏପି):** ଆମେରିକାନ ଚାମ୍ପିୟନ ଶା'କାରି ରିଚାର୍ଡସନ ଅଲିମ୍ପିକ ମହିଳା ୧୦୦ମିଟର ରେସ୍‌ରେ ଭାଗ ନେଇ ପାରିବେ ନାହିଁ। ଅଲିମ୍ପିକ ଟ୍ରାଏଲ୍ସ ବେଳେ ତାଙ୍କର ଡୋପ୍ ଟେଷ୍ଟ ହୋଇଥିଲା। ତାଙ୍କଠାରୁ ସଂଗ୍ରହ କରାଯାଇଥିବା ସାମ୍ପୁଲରେ ନିଶାଦ୍ରବ୍ୟ ଗଞ୍ଜେଇର ଏକ ରାସାୟନିକ ଠାବ କରାଯାଇଥିଲା। ଜୁନ୍ ୧୯ରେ ଅଲିମ୍ପିକ ଟ୍ରାଏଲରେ ସେ ୧୦୦ମିଟର ରେସ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାଙ୍କର ଟାଇମିଂ ୧୦.୮୬ ସେକେଣ୍ଡ ରହିଥିଲା। ମାତ୍ର ଡୋପ୍ ଟେଷ୍ଟରେ ଧରାପଡ଼ିଥିବାରୁ ତାଙ୍କ ଫଳାଫଳ ମୂଲ୍ୟହୀନ ହୋଇ ପଡ଼ିଛି। ତାଙ୍କ ସ୍ଥାନରେ ରେସ୍‌ରେ ୪ର୍ଥ ହୋଇଥିବା ଜିନା ପ୍ରାନ୍ଦିନୀଙ୍କୁ ଭାଗ ନେବାର ସୁଯୋଗ ମିଳିପାରେ। ରିଚାର୍ଡସନଙ୍କୁ ୩୦ ଦିନ୍ ସସ୍‌ପେଣ୍ଡ କରାଯାଇଛି। ସେ ହୁଏତ ମହିଳା ରିଲେ ଦୌଡ଼ରେ ଭାଗନେଇ ପାରନ୍ତି। ହେଲେ ୟୁଏସ୍ଏ ଟ୍ରାକ୍ ଆଣ୍ଡ ଫିଲ୍ଡ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ୨୧ ବର୍ଷୀୟା ଏହି ସ୍ପ୍ରିଣ୍ଟରଙ୍କର ଅଲିମ୍ପିକ ଟ୍ରାକ୍ ମିଟ୍‌ରେ ଶେଲି ଆନ୍ ଫ୍ରେଜର ପ୍ରାଇସ୍‌ଙ୍କ ସହ କଡ଼ା ଟକ୍କର ହେବ ବୋଲି ଆଶା କରାଯାଉଥିଲା। ରିଚାର୍ଡସନ ଟୁଇଟ କରି କହିଛନ୍ତି, ଯାହା ହେଲେ ବି ସେ ଜଣେ ମଣିଷ। ତାଙ୍କ ମା'ଙ୍କ ବିୟୋଗରେ ସେ ଦୁଃଖରେ ମ୍ରିୟମାଣ ହୋଇପଡ଼ିଥିଲେ। ଦୁଃଖ ଭୁଲିଯିବା ଲାଗି ସେ ଗଞ୍ଜେଇ ସେବନ କରିଥିଲେ।




# ୪୦୦ ମିଟରରୁ ନାମ୍ବିଆର ଦୁଇ ଆଥ୍‌ଲେଟ ବଞ୍ଚିତ

**କେପ୍‌ଟାଉନ୍, ୨।୭ (ଏପି):** ନାମ୍ବିଆର ଦୁଇଜଣ ୧୮ ବର୍ଷୀୟା ଧାବିକାଙ୍କୁ ଟୋକିଓ ଅଲିମ୍ପିକ୍ସ ୪୦୦ ମିଟର ରେସ୍‌ରେ ଭାଗ ନେବାକୁ ଅନୁମତି ମିଳିବ ନାହିଁ। କାରଣ ମେଡିକାଲ ଟେଷ୍ଟ ପରେ ଜଣାପଡ଼ିଥିଲା ଉଭୟଙ୍କ ଶରୀରରେ ପୁରୁଷ ହରମୋନ ସ୍ତର (ଟେଷ୍ଟୋଷ୍ଟେରୋନ ଲେଭଲ) ଅଧିକ ରହିଛି। ଏହି କାରଣରୁ ଦକ୍ଷିଣ ଆଫ୍ରିକାର କାଷ୍ଟର ସିମେନ୍ୟା ପ୍ରତିଯୋଗିତାରେ ଅଂଶଗ୍ରହଣରୁ ବଞ୍ଚିତ ହୋଇଥିଲେ। ନାମ୍ବିଆ ଅଲିମ୍ପିକ କମିଟିର ସୂଚନା ଅନୁସାରେ ଧାବିକା ଦ୍ୱୟଙ୍କ ନାମ ଖ୍ରିଷ୍ଟିନେ ଏମ୍‌ବୋମା ଓ ବିଟ୍ରିସ୍ ମାସିଲିଙ୍ଗି। ୪୦୦ ମିଟର ଦୌଡ଼ରୁ ସେମାନଙ୍କୁ ପ୍ରତ୍ୟାହାର କରି ନିଆଯାଇଛି। ସେମାନେ ବର୍ତ୍ତମାନ ପୂରାମାତ୍ରାରେ ୨୦୦ ମିଟର ରେସ୍‌ରେ ମନୋନିବେଶ କରିବେ। ବିଶ୍ୱ ଆଥ୍‌ଲେଟିକ୍ସ ଟେଷ୍ଟୋଷ୍ଟେରୋନ୍ ନିୟମ କେବଳ ୪୦୦ ମିଟର ଓ ୧ ମାଇଲ ମଧ୍ୟରେ ରହିଥିବା ଇଭେଣ୍ଟଗୁଡ଼ିକ ଲାଗି ଉଦ୍ଦିଷ୍ଟ। ଚଳିତବର୍ଷ ପୂର୍ବରୁ ଏହି ଦୁଇ ସ୍ୱଳ୍ପ ବୟସ୍କା ବିଶେଷ ପରିଚିତ ନ ଥିଲେ। ବୁଧବାର ପୋଲାଣ୍ଡରେ ଅନୁଷ୍ଠିତ ରେସ୍‌ରେ ଏମ୍‌ବୋମା ଆଶ୍ଚର୍ଯ୍ୟଜନକ ୪୮.୫୪ ସେକେଣ୍ଡ ଟାଇମିଂରେ ଜିତିଥିଲେ। ଏହା ଦ୍ୱାରା ସେ ୨୦ ବର୍ଷରୁ କମ୍ ୩୦ବର୍ଷର ପୁରୁଣା ବିଶ୍ୱ ରେକର୍ଡକୁ ଭଙ୍ଗ କରିଦେଇଥିଲେ। ମହିଳା ୪୦୦ ମିଟରରେ ଏହା ୭ମ ଦ୍ରୁତତମ ରହିଥିଲା। ଚଳିତ ବର୍ଷ ଏ ପର୍ଯ୍ୟନ୍ତ ଅନୁଷ୍ଠିତ ସମସ୍ତ ଇଭେଣ୍ଟରେ ଏହା ଦ୍ରୁତତମ। ଏପ୍ରିଲରେ ଜାମ୍ବିଆରେ ଅନୁଷ୍ଠିତ ଏକ ପ୍ରତିଯୋଗିତାରେ ମାସିଲିଙ୍ଗିଙ୍କ ଟାଇମିଂ ୪୯.୫୩ ସେକେଣ୍ଡ ରେକର୍ଡ କରାଯାଇଥିଲା।

TOKYO 2020
ଆଉ ୨୧ ଦିନ

# ୱେଷ୍ଟଇଣ୍ଡିଜ ବିଜୟୀ

**ସେଣ୍ଟ ଜର୍ଜ, ୨।୭:** ଦକ୍ଷିଣ ଆଫ୍ରିକା ବିପକ୍ଷ ଚତୁର୍ଥ ଟି୨୦ ମ୍ୟାଚ୍‌ରେ ଘରୋଇ ୱେଷ୍ଟଇଣ୍ଡିଜ ୨୧ ରନରେ ବିଜୟୀ ହାସଲ କରିଛି। ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୨-୨ ସମାନସ୍ତରରେ ପହଞ୍ଚିଛି। ଏଥିସହ ୱେଷ୍ଟଇଣ୍ଡିଜ ସିରିଜ ବଞ୍ଚାଇବାରେ ସକ୍ଷମ ହୋଇଛି। ପଞ୍ଚମ ତଥା ଅନ୍ତିମ ନିର୍ଣ୍ଣାୟକ ମ୍ୟାଚ୍ ଶନିବାର ଖେଳାଯିବ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ୨୦ ଓଭରରେ ୧୬୭/୬ (ପୋଲାର୍ଡ- ୫୧*, ସିମନ୍ସ- ୪୭, ପୁରନ - ୧୬, ଆଲେନ- ୧୯*, ଜର୍ଜ ଲିଣ୍ଡେ- ୨/ ୧୬, ତାବରେଜ ସାମ୍‌ସି- ୨/୧୩, ନୋର୍ଜେ- ୧/୩୨, ରାବାଡ଼ା- ୧/୩୬)। ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୧୪୬/୯ (ଡିକକ୍- ୬୦, ମାରାକ୍ରାମ- ୨୦, ରାବାଡା- ୧୬* ମିଲର- ୧୨, ଡ୍ୱେନ ବ୍ରାଭୋ- ୪/୧୯, ରସେଲ - ୨/୩୦, ଗେଲ- ୧/୧୧, ଓବେଡ ମ୍ୟାକକଏ- ୧/୩୩, ପୋଲାର୍ଡ- ୧/୨୪)।

# ଦିନିକିଆ ସିରିଜ ଜିତିଲା ଇଂଲଣ୍ଡ

**ଲଣ୍ଡନ,୨।୭:** ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଇଂଲଣ୍ଡ ୭ ଓଭର ବାକି ଥାଇ ୮ ଉଇକେଟରେ ବିଜୟ ହାସଲ କରିଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଇଂଲଣ୍ଡ ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇଛି। ସାମ କୁରାନ ଓ ଡେଭିଡ୍ ୱିଲିଙ୍କ ଜବରଦସ୍ତ ବୋଲିଂ ସହିତ ଅଧିନାୟକ ଇଅନ ମୋର୍ଗାନ, ଜୋ ରୁଟ୍, ଜାସନ ରୟ ଦମ୍‌ଦାର ବ୍ୟାଟିଂ କରି ଶ୍ରୀଲଙ୍କାକୁ ଅତି ସହଜରେ ପରାସ୍ତ କରିଥିଲେ। **ସଂକ୍ଷିପ୍ତ ସ୍କୋର:** ଶ୍ରୀଲଙ୍କା ୫୦ ଓଭରରେ ୨୪୧/୯ (ଧନଞ୍ଜୟ- ୯୧,ଦସୁନ ସନକା-୪୭, ହାସରଙ୍ଗା-୨୬, ଚମିକା-୨୧, ସାମ କୁରାନ- ୫/୪୮, ଡେଭିଡ୍ ୱିଲି- ୪/୪୮)। ଇଂଲଣ୍ଡ ୪୩ ଓଭରରେ ୨୪୪/୨ (ଜୋ ରୁଟ୍-୬୮*, ମୋର୍ଗାନ-୭୫*, ଜାସନ ରୟ-୬୦, ବେୟାରଷ୍ଟୋ-୨୯, ହାସରଙ୍ଗା- ୧/୪୬, ଚମିକା-୧/୩୪)।

# ଥଙ୍ଗାଭେଲୁ ଭାରତର ପତାକା ବାହକ



ମେରିଆପାନ ଥଙ୍ଗାଭେଲୁ

**ନୂଆଦିଲ୍ଲୀ,୨।୭(ପି.ଟି.):** ତାରକା ପାରା ହାଇଜମ୍ପର ମେରିଆପାନ ଥଙ୍ଗାଭେଲୁ ଆଗାମୀ ଟୋକିଓ ପାରାଲିମ୍ପିକ୍ସରେ ଭାରତୀୟ ଦଳ ପାଇଁ ପତାକା ବହନ କରିବେ। ପାରା ଅଲିମ୍ପିକ୍ସ ଅଗଷ୍ଟ ୨୪ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୫ରେ ଶେଷ ହେବ। ୨୦୧୬ ରିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ଥଙ୍ଗାଭେଲୁ ପାରାଲିମ୍ପିକ୍ସରେ ତ୍ରିରଙ୍ଗା ଧରିବା ସହ ଭାରତୀୟ ଦଳର ନେତୃତ୍ୱ ନେବେ ବୋଲି ପାରାଲିମ୍ପିକ କମିଟି ଅଫ୍ ଇଣ୍ଡିଆ (ପିସିଆଇ) ଅଧ୍ୟକ୍ଷ ଦୀପା ମଲିକ ସୂଚନା ଦେଇଛନ୍ତି। ଥଙ୍ଗାଭେଲୁ ରିଓ ପାରାଲିମ୍ପିକ୍ସରେ ହାଇଜମ୍ପ ଟି-୪୨ ବର୍ଗରେ ୧.୮୯ ମିଟର ଜମ୍ପ ମାରି ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ୨୫ ବର୍ଷୀୟ ଥଙ୍ଗାଭେଲୁଙ୍କୁ ଗତ ବର୍ଷ ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ଖେଳରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା। ପାରାଲିମ୍ପିକ୍ସରେ ଏଥର ୨୪ଜଣ ଆଥ୍‌ଲେଟ ଭାରତ ପାଇଁ ପ୍ରତିନିଧିତ୍ୱ କରିବେ। ଜୁନ୍ ୨୯ରୁ ୩୦ ତାରିଖ ମଧ୍ୟରେ ୧୮ଜଣ ମହିଳାଙ୍କ ସମେତ ୭୨ଜଣ ପାରାଆଥ୍‌ଲେଟ ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ। ଭାରତକୁ ୨୪ଟି ସ୍ଲଟ ପ୍ରଦାନ କରାଯାଇଛି। ଏଥିରେ ୪ ମହିଳା ଆଥ୍‌ଲେଟ ସ୍ଥାନ ପାଇଛନ୍ତି। ଦୁବାଇରେ ଅନୁଷ୍ଠିତ ୨୦୧୯ ଆଇପିସି ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଥଙ୍ଗାଭେଲୁ ଟି-୪୨ ହାଇଜମ୍ପ ଇଭେଣ୍ଟରେ ତୃତୀୟ ସ୍ଥାନ ଅଧିକାର କରି ଟୋକିଓ ପାରାଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଥିଲେ।

ତାମିଲନାଡୁର ସାଲେମ ଜିଲାରେ ଜନ୍ମଗ୍ରହଣ କରିଥିବା ଥଙ୍ଗାଭେଲୁଙ୍କୁ ଯେତେବେଳେ ୫ ବର୍ଷ ହୋଇଥିଲା ତାଙ୍କ ଡାହାଣ ଗୋଡର ଆଣ୍ଠୁର

**ଟୋକିଓ ପାରାଲିମ୍ପିକ୍ସ**

ନିମ୍ନଭାଗ ଉପରେ ବସ୍ ଚକ ଚଢ଼ିଯାଇଥିଲା। ଏହାପରଠାରୁ ସେ ଦିବ୍ୟାଙ୍ଗ ହୋଇଯାଇଥିଲେ। ଏହି ବିପର୍ଯ୍ୟୟ ତାଙ୍କୁ ଭାଙ୍ଗିପାରି ନ ଥିଲା। ଜଣେ ଖବରକାଗଜ ହକର ଭାବେ କାର୍ଯ୍ୟ କରୁଥିବା ଥଙ୍ଗାଭେଲୁ କ୍ରୀଡ଼ାରେ କ୍ୟାରିୟର ବାଛିଥିଲେ। ଏଥର ୨ ମିଟର ଜମ୍ପ ମାରିବା ସହ ସେ ଦ୍ୱିତୀୟଥର ପାଇଁ ସ୍ୱର୍ଣ୍ଣ ପଦକ ହାସଲ କରି ବିଶ୍ୱ ରେକର୍ଡ ସୃଷ୍ଟି କରିବା ଲକ୍ଷ୍ୟରେ ରହିଛନ୍ତି। ଟି-୪୨ ହାଇଜମ୍ପରେ ବିଶ୍ୱ ରେକର୍ଡ ୧.୯୬ ମିଟର ରହିଛି। ତେଣୁ ସେ ଦୁଇଟି ଲକ୍ଷ୍ୟ ହାସଲ ନେଇ ଟୋକିଓ ଯାତ୍ରା କରିବେ ବୋଲି କହିଛନ୍ତି।

# ଟୁର୍ ଡି' ଫ୍ରାନ୍ସରେ ମାଟେଜଙ୍କ ପ୍ରଥମ ବିଜୟ

**ପ୍ୟାରିସ, ୨।୭:** ଟୁର୍ ଡି' ଫ୍ରାନ୍ସର ସାଇକେଲ ରେସ୍‌ର ୭ମ ଷ୍ଟେଜ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭିର୍ଜନଠାରୁ ଲି' କ୍ରେସଟ ୨୪୯.୧ କିଲୋମିଟର ଦୂରତା ବିଶିଷ୍ଟ ଏହି ରେସ୍‌ରେ ବାହାରିନ୍ ଭିକ୍ଟୋରିୟସ ଟିମ୍‌ର ମାଟେଜ ମୋହୋରିକ୍ ୫ ଘଣ୍ଟା ୨୮ ମିନିଟ ଓ ୨୦ ସେକେଣ୍ଡ ଟାଇମିଂରେ ଜିତିଛନ୍ତି। ସ୍ଲୋଭେନିଆର ଏହି ରାଇଡର ଜାସ୍ପର ଷ୍ଟୁଇଭେନ୍‌ଙ୍କଠାରୁ ୧ ମିନିଟ୍ ୨୦ ସେକେଣ୍ଡ ଆଗରେ ରହି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଟୁର ଡି' ଫ୍ରାନ୍ସରେ ଏହା ହେଉଛି ତାଙ୍କର ପ୍ରଥମ ବିଜୟ। ଓଭରଅଲ୍ ଲିଡର




ମାଥ୍ୟୁ ଭାନ୍ ଡର୍ ପୋଏଲ ୧ ମିନିଟ ୪୦ ସେକେଣ୍ଡ ପଛରେ ଚତୁର୍ଥ ହୋଇଥିଲେ ହେଲେହେଁ ଓଭରଅଲ ଲିଡର ଭାବେ ୟଲୋ ଜର୍ସି ବଜାୟ ରଖିପାରିଛନ୍ତି। ଏଥିସହିତ ସେ ଗତଥରର ଚାମ୍ପିୟନ ଟାଡେଜ୍ ପୋଗାକାରଙ୍କଠାରୁ ଅଗ୍ରଣୀ ବ୍ୟବଧାନ ବୃଦ୍ଧି କରିପାରିଛନ୍ତି। ତୃତୀୟ ସ୍ଥାନ ଅଧିକାର କରିଥିଲେ ମାଗ୍ନସ କୋର୍ଟ। ୫ମରୁ ୧୦ମ ସ୍ଥାନ ଯଥାକ୍ରମେ କାସ୍ପର ଆସ୍‌ଗ୍ରୀନ, ଫ୍ରାଙ୍କ୍ ବୋନାମୋର, ପ୍ୟାଟ୍ରିକ୍ କୋନାର୍ଡ, ଓଉଟ ଭାନ୍ ଆର୍ଟ, ବ୍ରେଣ୍ଟ ଭାନ୍ ମୋଏର ଓ ଡୋର୍ଜାନ ଗଡନ ପ୍ରମୁଖ ଅଧିକାର କରିଥିଲେ।

# ୱାରହୋମଙ୍କ ବିଶ୍ୱ ରେକର୍ଡ

**ଓସଲୋ, ୨।୭(ଏପି):** ଦୁଇଥର ବିଶ୍ୱ ଚାମ୍ପିୟନଶିପ୍ ହାସଲ କରିଥିବା ନରୱେର କାର୍ଷ୍ଟେନ ୱାରହୋମ ଆଉ ଏକ ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି। ସେ ୪୦୦ ମିଟର ହର୍ଡଲ୍ସ ରେସ୍‌ରେ ୨୯ ବର୍ଷର ରେକର୍ଡକୁ ଭାଙ୍ଗିଛନ୍ତି। ଡାଇମଣ୍ଡ ଲିଗ୍ ମିଟ୍‌ରେ ୨୫ ବର୍ଷୀୟ କାର୍ଷ୍ଟେନ ୪୬. ୭୦ ସେକେଣ୍ଡ ସମୟ ନେଇ ଏହି ସଫଳତା ହାସଲ କରିଛନ୍ତି। ଏହି କ୍ରମରେ ୧୯୯୨ ବାର୍ସିଲୋନା ଅଲିମ୍ପିକ୍ସ ଫାଇନାଲରେ ଆମେରିକାର କେଭିନ ୟଙ୍ଗ୍ ହାସଲ କରିଥିବା ୪୬. ୭୮ ଟାଇମିଂକୁ ପଛରେ ପକାଇଛନ୍ତି। ନିଜ ସଫଳତାରେ କାର୍ଷ୍ଟେନ ଖୁସି ଜାହିର କରିଛନ୍ତି। ମୋର ବୟସଠାରୁ ପୂର୍ବ ରେକର୍ଡର ଅବଧି ଅଧିକ ଥିଲା। ବିସଲେଟ ଷ୍ଟାଡିୟମରେ ଘରୋଇ ଦର୍ଶକଙ୍କ ସାମ୍ନାରେ ରେକର୍ଡ ଭାଙ୍ଗିଥିବାରୁ ସେ ଅଧିକ ଆନନ୍ଦିତ ବୋଲି କହିଛନ୍ତି।

# ଧାୱନଙ୍କ ଦଳର ଅଭ୍ୟାସ ଆରମ୍ଭ

**କଲମ୍ବୋ, ୨।୭ (ପି.ଟି.):** ଶ୍ରୀଲଙ୍କା ଗସ୍ତରେ ଯାଇଥିବା ଶିଖର ଧାୱନଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପ୍ରଥମଥର ପାଇଁ ଅଭ୍ୟାସ ଆରମ୍ଭ କରିଛି। ଜୁଲାଇ ୧୩ ତାରିଖରୁ ଘରୋଇ ଶ୍ରୀଲଙ୍କା ବିପକ୍ଷରେ ସୀମିତ ଓଭର ସିରିଜ ଆରମ୍ଭ ହେବ। ଭାରତୀୟ ଟେଷ୍ଟ ଦଳ ଇଂଲଣ୍ଡ ଗସ୍ତରେ ଯାଇଛି। ଏପରିସ୍ଥଳେ ଭାରତ ଏକ ଦ୍ୱିତୀୟସ୍ତରର ଦଳ ଶ୍ରୀଲଙ୍କା ପଠାଇଛି। ଏହି ଦଳ ସୋମବାର ଶ୍ରୀଲଙ୍କାରେ ପହଞ୍ଚିଥିଲା। ଖେଳାଳିମାନେ ସେମାନଙ୍କ ରୁମ୍‌ରେ ୩ ଦିନିଆ କ୍ୱାରାଣ୍ଟାଇନ୍‌ରେ ଥିଲେ। ଧାୱନ ଏହି ଦଳର ନେତୃତ୍ୱ ନେଉଥିବା ବେଳେ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ମୁଖ୍ୟ ରାହୁଲ ଦ୍ରାବିଡ୍ ଏହି ଦଳରେ କୋଚ୍ ରୂପେ ଦାୟିତ୍ୱରେ ରହିଛନ୍ତି।


**PANCHAYAT SAMITI OFFICE, BALANGIR**

Letter No.1620 — Date: 28.06.2021

**INVITATION TENDER CALL NOTICE**
**Detail Tender Call Notice No. 01/Bolangir/2021-22**

No.i-89:- The Block Development Officer, Balangir on behalf of Governor of Odisha invites percentage rate bids in sealed cover system for the work(s) as detailed below, from eligible contractors registered with the State Government and Contractors of equivalent Grade / Class Registered with Central Government / MES/ Railways or other licencing authorities for execution of Civil works on production of definte proof from the appropriate authority.

| Sl. No. | Name of work | Approximate value of work (Rs.) | Bid security 1% EMD (Rs.) | Cost of document (Rs.) | Class of contractor | Period of completion (Calendar months) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Cosnst. of Dining Hall at Govt. HSS, Chudapali | 8,45,353/- | Bid security declaration as per Annexure-V | 4,000/- | D & C | 6 (Six) |
| 2 | Const. of Staff Qtrs. (Ground Floor 2 Nos.) and (First Floor 2 Nos.) at Bolangir | 28,06,380/- | Bid security declaration as per Annexure-V | 6,000/- | C & B | 6 (Six) |

Terms & conditions: 1. Cost of tender paper: Tender documents can be obtained from the Office of the Block Development Officer, Balangir / DRDA, Balangir on payment towards the cost of tender papers as mentioned above (Non-refundable) in shape of Bank Draft / Bankers Cheque drawn in favour of Block Development Officer, Balangir payable at SBI, Balangir Main Branch on any working day. 2. Sale & receipt of tender paper: The sale and receipt of the bid document shall start from Dt.14.07.2021 to 5 P.M. of Dt.27.07.2021 during office hour in Panchayat Samiti Balangir and DRDA, Balangir. Bid documents can be downloaded from official website of Government of Odisha (http://www.balangir.nic.in). 3. Mode of submission of tender papers: The tenderers have to submit sealed tender papers in complete shape either by dropping in Drop Box at Office of the Block Development Officer, Balangir / DRDA, Balangir or in shape of Registered Post / Speed Post only addressed to Block Development Officer, Balangir, District- Balangir on or before 27.07.2021 (5.00 P.M.). The undersigned will not be responsible for any postal delay if any or non receipt of paper intime. The tenderers must superscribe the name of the work on the top of the sealed envelopes. 4. The bids will be opened on the Dt.28.07.2021 at 11.30 A.M. in the office of the undersigned. 5. The authrority reserves the right to cencel any or all the bids without assigning any reason thereof. 6. Any addendum / corrigendum / cancellation of above tender will be published in the website: www.balangir.nic.in only.

OIPR-19128/11/0001/2122 — Sd./- Block Development Officer, Balangir



**BHUBANESWAR MUNICIPAL CORPORATION**

No. 55883 Dt.30.06.2021
Bid Reference No. BMC-DIV-II-04/2021-22 Dtd. 30.06.2021
e-Mail: ee2@bmc.gov.in

**NATIONAL COMPETITIVE BIDDING THROUGH e-Procurement**

No. C-481: On behalf of the Commissioner, Bhubaneswar Municipal Corporation (BMC), **Executive Engineer-II**, Bhubaneswar Municipal Corporation invites **Percentage Rate Bids for the work mentioned below** through **e-Procurement** in conformity with the terms and conditions of this Advertisement and the Detailed Tender Call Notice (DTCN) in Two Bid System (Part-I: General & Technical Bid and Part-II: Financial Bid/Price Bid/BOQ) from intending bidders fulfilling the eligibility criteria mentioned in this Notice and other qualifying requirements mentioned in this DTCN. **Bidders are also required to be registered with Odisha State Government in the class specified in the DTCN or else the successful bidder shall get themselves registered with Govt. of Odisha (If not registered) in appropriate class in line with the requirement of DTCN before signing of agreement.** Agreement is to be drawn up by BMC with the successful/selected bidder in the prescribed contract form of BMC (attached to the DTCN). Each bid should be submitted online through the website **www.tendersodisha.gov.in** by eligible bidders. The bidders should have necessary portal enrolment (Digital Signature Certificate) under e-procurement process of Govt. of Odisha in required class/category. For queries, if any on this DTCN, intending bidders may contact Executive Engineer - I, Bhubaneswar Municipal Corporation, Bhubaneswar.

| Sl. No. | Name of the Work | Amount put Tender in Rs. | Cost of Bid Documents including GST in Rs. | Period of Completion | Class of Contractor |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Development of Kaliagadaia Cremation Ground at Bhimatangi in Ward No.- 61 | 5053584.00 | 11,200/- | 120 Days | "B" and "A" Class |

**1. Time Schedule for Bidding:**

| Sl. No. | Description | Critical Dates |
|---|---|---|
| (i) | Period of availability of tenders Online for bidding | From Dt.02.07.2021 from 11.00 A.M. to Dt.22.07.2021 upto 5.00 P.M. |
| (ii) | Last date & time of seeking clarifications (if any) | Dt.17.07.2021 upto 5.00 P.M. |
| (iii) | Last date & time of bidding Online | Dt.22.07.2021 upto 5.00 P.M. |
| (iv) | Date & time of opening of the Technical Bids received Online | Dt.23.07.2021 (11.30 A.M. onwards) |
| (v) | Date & time of opening of Price Bid/Financial Bid/DTCN Part - II | To be intimated later to the bidder(s) found qualified after checking and evaluation of Technical Bids received Online. |

2. Other details can be seen in the bidding document/DTCN available in website **www.tendersodisha.gov.in (for view, download and bidding) and in BMC website www.bmc.gov.in (for view and download only)**.
3. Subsequent corrigendum, if required, shall appear in these websites.
4. Authority reserves the right to reject any or all the tenders without assigning any reason thereof subject to the limitations prescribed by Central Vigilance Commission.

By Order of Commissioner, BMC
**Sd./- Executive Engineer**
**Bhubaneswar Municipal Corporation**
OIPR-13002/11/0031/2122



**BHUBANESWAR MUNICIPAL CORPORATION**

e-Mail Id: ee2@bmc.gov.in and sethyshyamsundar@gmail.com

No. C-493: **E-Procurement Notice**

1. Bid Reference No. : BMC-EED-II-03/2021-22 Dt.30.06.21
2. Tender Call Notice No. : No. 55885 Dt.30.06.21
3. No. of Works : 24 Nos. (Twenty Four)
4. Bid Value : Rs.1,78,366/- to Rs.21,34,643/-
5. Period of Completion : 30 to 120 days

Date and time Schedule

| Start | End | Opening |
|---|---|---|
| 11.00 A.M. of 3.7.21 | 5.00 P.M. of 13.7.21 | 11.00 A.M. of 14.7.21 |

6. Tender details can be seen for the e-Procurement portal https://www.tendersodisha.gov.in, BMC Website https://www.bmc.gov.in.

Sd./- Executive Engineer, Div.-II
OIPR-13002/11/0032/2122 — Bhubaneswar Municipal Corporation



**ODISHA STATE MEDICAL CORPORATION LIMITED**

Infront of Ram Mandir, Convent Square,
Unit - III, Bhubaneswar - 751001
Tel.: (0674) 2380660, Website: www.osmcl.nic.in,
Email: logistics.osmcl.od@nic.in

**NOTICE INVITING BID**

Notification No. 6312 — Dt.01.07.2021

**Bid Reference No. OSMCL/2021-22/ SHORT-PAEDIATRIC/25**

No. CAD-541: Online bids **through e-Tender portal (https://tendersodisha.gov.in)** are invited from eligible bidders for supply of **Paediatric Items (Re-Tender)** as per the particulars mentioned below:

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 02.07.2021, 11 A.M. | |
| 2. | Date & time of Online bid submission | Start Date & Time: 02.07.2021, 3 P.M. | End Date & Time: 09.07.2021, 11 A.M. |
| 3. | Date & time of online Technical bid opening | 09.07.2021, 11.30 A.M. | |
| 4. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including prequalification criteria and terms & conditions are available in the websites: **www.osmcl.nic.in** and **https://tendersodisha.gov.in**. OSMCL reserves the right to reject or modify any conditions of the tender or cancel the tender or cancel the issued purchase order at any stage without assigning any reason thereof.

**Sd./- Managing Director, OSMC Ltd., Odisha**
OIPR-10112/11/0038/2122



**ପୌର ପରିଷଦ, ହିଞ୍ଜିଳିକାଟୁ**
**HINJILICUT MUNICIPAL COUNCIL**

ହିଞ୍ଜିଳିକାଟୁ, ଜିଲ୍ଲା: ଗଞ୍ଜାମ, ପିନ୍: ୭୬୧୧୦୨, ଦୂରଭାଷ: ୦୬୮୧୧-୨୮୦୦୨୫, ଟୋଲ୍ ଫ୍ରି: ୧୮୦୦୧୨୩୦୦୪୫୬୭
At: Hinjilicut, Dist.- Ganjam, PIN - 761102, Contact: 06811-280025, Toll Free No. 1800 123 004 567
E-mail: hinjilicutmunicipality@gmail.com, hinjilimunicipality@gmail.com
facebook: Hinjilicut Municipality, Tweeter: Hinjilicutmunicipality

Letter No. 2136/2021 — Date: 01.07.2021

**QUOTATION CALL NOTICE**

No. C-491: Sealed quotations are invited from the Authorized Dealers/Suppliers/ Manufacturers for supply of following items to Hinjilicut Municipality.
The rate should be quoted against the item excluding taxes. The quotationers are essentially required to enclose their GST Registration Certificate, PAN Card, Warranty/Guarantee Certificate. The quotationer shall be required to produce the original copy of the required document before the undersigned at the time of opening of quotation for verification.
The quotationer should submit EMD in shape of Cash/B.D./D.D./T.D.A. pledged in favour of Executive Officer, Hinjilicut Municipality as mentioned detailed below. The quotation paper will be available at the Cash Section from Date: 02.07.2021, 10.00 A.M. to 14.07.2021, 5.00 P.M. in the Office hour except holidays. The quotation should receive on or before Dt.15.07.2021 at 5.00 P.M. on Tender Box/Speed Post/ Registered Post and the same will be opened on Dt.16.07.2021 at 11.30 A.M. in presence of respective quotationers or their authorized representatives.
The authority reserves the right to accept, cancel or reject any or all offers without assigning any reason thereof.

| Sl. No. | Features | Paper Cost | EMD |
|---|---|---|---|
| 1 | Supply & Installation of Weigh Bridge at Hinjilicut Municipality | Rs.500/- | 1% of Quoted Amount |
| 2 | Supply of Fly Catcher to Hinjilicut Municipality | Rs.500/- | 1% of Quoted Amount |

**Sd./- Executive Officer**
**Hinjilicut Municipality**
OIPR-13105/11/0008/2122



**OFFICE OF THE NOTIFIED AREA COUNCIL, BALUGAON, KHORDHA**

No.1170 — Dt.01.07.2021

No. C-486 **e-Procurement Notice**

Bid Identification No. BLN.02/2021-22

01. Name of the work for which tender invited: Privatization of Sanitation work i.e. daily street sweeping, daily door to door garbage collection, daily drain cleaning & transportation of garbage from source to dumping yard, bush cutting and spreading of disinfection materials, etc. in regular manner as per essential to 7 Nos. (Seven) of wards of NAC Balugaon i.e. Ward 01 to 07.
02. Estimated Cost of work : Rs.1,83,23,448/-
03. Eligible Agency : Intending firms/service provider/ NGOs/Companies/Agencies having adequate experience in similar nature of work for at least 3 years in other Municipalities/NACs/Govt. Hospitals or Private Sector in the State of Odisha. Other criterias given in the DTCN.
04. Bid documents will be available in the website as mentioned below from : Dt.02.07.2021 on 11.00 A.M. to Dt.19.07.2021 upto 5.00 P.M. for online bidding
05. Pre-bid meeting : 06.07.2021 at 11.30 A.M.
06. Bid Identification No. : BLN.02/2021-22
07. Last date and time of receipt of Bid through online : Dt.19.07.2021 upto 5.00 P.M.
08. Last date and time of receipt of bid cost and bid security along with original document of technical and financial bid : Upto Dt.20.07.2021 upto 3.00 P.M.
09. Opening of Technicla Bid document : Dt.22.07.2021 at 11.30 A.M.
10. Opening of Financial Bid : Dt.22.07.2021 after opening of Technical Bid
11. The bidder has to participate in online bidding only. Further details can be seen from the e-procurement portal: **www.tendersodisha.gov.in**.
12. The bid document shall be opened in the presence of bidder or his authorized representatives as per schedule date and time. If bidder/or his authorized representatives shall not be present in Schedule date and time the tender committee has the right to open the tender.

**Sd./- Executive Officer, NAC, Balugaon**
OIPR-13148/11/0003/2122



GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER, ANANDAPUR BARRAGE PROJECT, SALAPADA**
(E-mail id: cceabp-eicwr.od@nic.in/loabp-eicwr.od@nic.in

No. A-252 — **E-Procurement Notice No. CCEABP-02 of 2021-22**

| E-Procurement Officer | Name of the Work | Bid ID No. | Tender Cost in Lakhs (Appx) | Bid Security (Online) | Cost of Bid Document (Online) | Class of Contractor | Period of Completion | Availability of tender Online for bidding: From | Availability of tender Online for bidding: To | Date of opening of Technical Bid (Cover-1) |
|---|---|---|---|---|---|---|---|---|---|---|
| Chief Construction Engineer A.B. Project, Salapada | Excavation and Cement Concrete Lining of Salandi Left Main Canal (SLMC) from RD 40927m to RD 45570m including Construction of Structures and Service Road | ABP-MCD-01/2 of 2021-22 | 3900.00 | Bid Security Declaration | 10,000/- | Super Class | 12 Calendar Months | 08.07.21 11.30 A.M. | 23.07.21 5.00 P.M. | 26.07.21 11.30 A.M. |
| Chief Construction Engineer A.B. Project, Salapada | Balance work including Construction of additional Structures and Cement Concrete lining of Salandi Left Main Canal (SLMC) from RD 36247m to RD 40927m | ABP-MCD-02/2 of 2021-22 | 2459.00 | Bid Security Declaration | 10,000/- | Super Class | 12 Calendar Months | 08.07.21 11.30 A.M. | 23.07.21 5.00 P.M. | 26.07.21 11.30 A.M. |

Further details can be seen from the Govt. website **www.tendersorissa.gov.in / www.dowrodisha.gov.in**. Addendum/corrigendum/cancellation if any required will be published in Govt. website only.

OIPR-32180/11/0003/2122 — Sd./- Chief Construction Engineer, Anandapur Barrage Project, Salapada

## ସଂକ୍ଷେପରେ

### ଡାଲି ମହଜୁଦ ସୀମା କଟକଣା ଅବଧି ବୃଦ୍ଧି

**ନୂଆଦିଲ୍ଲୀ,୨।୭:** ମୁଗଡାଲିକୁ ଛାଡ଼ି ବାକି ସବୁ ପ୍ରକାର ଡାଲି ମହଜୁଦ ସୀମା ଉପରେ ରହିଥିବା କଟକଣାକୁ ସରକାର ଅକ୍ଟୋବର ଯାଏ ବଢ଼ାଇଛନ୍ତି। କଳାବଜାରକାରୀ ଏବଂ ମହଜୁଦକାରୀଙ୍କ ଉପରେ ନିୟନ୍ତ୍ରଣ ଲଗାଇବା ଲାଗି ସରକାର ଏଭଳି ନିଷ୍ପତ୍ତି ଗ୍ରହଣ କରିଥିବା ଜଣାପଡ଼ିଛି। ଏହି ନିୟମ ଖୁଚୁରା ବ୍ୟବସାୟୀ, ପାଇକାରୀ ବ୍ୟବସାୟୀ, ଆମଦାନୀକାରୀ ଏବଂ ମିଲରଙ୍କ ଲାଗି ଲାଗୁହେବ। ତ୍ୱରିତ ଭିତ୍ତିରେ ଏହି ନିୟମ ଲାଗୁ କରିବାକୁ ସରକାର ନିର୍ଦ୍ଦେଶରେ କହିଛନ୍ତି। କେନ୍ଦ୍ର ଖାଦ୍ୟ ଏବଂ ଖାଉଟି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ନିୟମ ଅନୁସାରେ ହୋଲ୍‌ସେଲରମାନେ ୨୦୦ ଟନ୍ ଷ୍ଟକ୍ ରଖିପାରିବେ। ସେହିଭଳି ରିଟେଲରଙ୍କ ଲାଗି ଏହି ସୀମା ୫ ଟନ୍ ରହିଛି। ମିଲରମାନେ ସେମାନଙ୍କ ୩ ମାସର ଉତ୍ପାଦିତ କିମ୍ବା ସେମାନଙ୍କ ବାର୍ଷିକ କ୍ଷମତାର ୨୫% ଷ୍ଟକ୍ ରଖିବା ନେଇ ନିର୍ଦ୍ଦେଶ ରହିଛି। ମେ ୧୫ ପୂର୍ବରୁ ହୋଇଥିବା ଆମଦାନୀ କ୍ଷେତ୍ରରେ ଆମଦାନୀକାରୀଙ୍କ ଲାଗି ଷ୍ଟକ୍ ସୀମା ପାଇକାରୀ ବ୍ୟବସାୟୀଙ୍କ ସହ ସମାନ ରଖାଯାଇଛି। ମେ ୧୫ ପରେ ହୋଇଥିବା ଆମଦାନୀ ପାଇକାରୀ ବ୍ୟବସାୟୀଙ୍କ ଷ୍ଟକ୍ ସୀମା ସହ ସମାନ ରହିବ।

### ଟେକ୍ନୋଲୋଜି କମ୍ପାନୀ ସମସ୍ୟା ଆଣିପାରନ୍ତି: ଆରବିଆଇ

**ନୂଆଦିଲ୍ଲୀ,୨।୭:** ଭାରତ ଭଳି ଏକ ଅଭିବୃଦ୍ଧିଶୀଳ ବଜାରରେ ବିଶ୍ୱର ଟେକ୍ନୋଲୋଜି କମ୍ପାନୀଗୁଡିକ ସମସ୍ୟା ସୃଷ୍ଟି କରିପାରନ୍ତି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ସତର୍କ କରାଇଛି। ଏହି କମ୍ପାନୀଗୁଡିକ ବର୍ତ୍ତମାନ ଆର୍ଥିକ ସେବା କ୍ଷେତ୍ରରେ ପ୍ରବେଶ କରୁଛନ୍ତି। ଏହା ଆଗାମୀ ଦିନରେ ବିଭିନ୍ନ ନିୟାମକ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରନ୍ତି ବୋଲି କେନ୍ଦ୍ରୀୟ ବ୍ୟାଙ୍କ ଆଶଙ୍କା କରିଛି। କେନ୍ଦ୍ରୀୟ ବ୍ୟାଙ୍କ ଏକାଧିକାର, ଆଣ୍ଟିଟ୍ରଷ୍ଟ, ସାଇବର ସୁରକ୍ଷା, ଡାଟା ଗୋପନୀୟତା ଭଳି ପ୍ରସଙ୍ଗରେ ବିଭିନ୍ନ ସମସ୍ୟା ଆସିପାରେ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ପ୍ରକାଶ କରିଛି।

# ଏମ୍‌ଏସ୍‌ଏମ୍‌ଇ ହେଲା ଖୁଚୁରା-ପାଇକାରୀ ବ୍ୟବସାୟ

ନୂଆଦିଲ୍ଲୀ,୨।୭



ଦ୍ୱିତୀୟ ଲହରରେ ଦେଶର ଖୁଚୁରା ଏବଂ ପାଇକାରୀ ବ୍ୟବସାୟୀଙ୍କୁ କେନ୍ଦ୍ର ସରକାର ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ଏହି ବ୍ୟବସାୟକୁ ବର୍ତ୍ତମାନ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ଭାବେ ବିବେଚନା କରିବା ଲାଗି ନୂଆ ଘୋଷଣା କରାଯାଇଛି। କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ନୀତିନ ଗଡକରୀ ଶୁକ୍ରବାର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଖୁଚୁରା ଏବଂ ପାଇକାରୀ ବ୍ୟବସାୟୀମାନେ ଅଗ୍ରାଧିକାର କ୍ଷେତ୍ର ଋଣ ଯୋଜନା ଅଧୀନରେ ଋଣ ନେବା ସହଜ ହେବ। ସରକାରଙ୍କ ଏଭଳି ନିଷ୍ପତ୍ତିରୁ ପ୍ରାୟ ଅଢ଼େଇ କୋଟି ଖୁଚୁରା ଏବଂ ପାଇକାରୀ ବ୍ୟବସାୟୀ ଲାଭବାନ ହୋଇପାରିବେ। ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ ଭଳି କ୍ଷେତ୍ରକୁ ଅଗ୍ରାଧିକାର ଭିତ୍ତିରେ ଋଣ ପ୍ରଦାନ କରିବା ନେଇ ନିୟମ ରହିଛି। ସେ ଟୁଇଟକରି କହିଛନ୍ତି, ଦେଶର ଅଭିବୃଦ୍ଧି କ୍ଷେତ୍ରରେ ଏମ୍‌ଏସ୍‌ଏମ୍‌ଇ ଇଞ୍ଜିନ ଭଳି କାର୍ଯ୍ୟ କରୁଛି। କୋଭିଡ୍ ଯୋଗୁ ଏମ୍‌ଏସ୍‌ଏମ୍‌ଇ ସମେତ ଖୁଚୁରା ଏବଂ ପାଇକାରୀ ବ୍ୟବସାୟୀମାନେ ବିଭିନ୍ନ ସମସ୍ୟା ସାମ୍ନା କରୁଥିବା ସରକାର ଉପଲବ୍ଧି କରିଛନ୍ତି। ଅଗ୍ରାଧିକାର କ୍ଷେତ୍ର ଋଣ ପ୍ରଦାନ ଯୋଜନାରେ ଏହି କ୍ଷେତ୍ରକୁ ଋଣ ଯୋଗାଇ ଦେବା ଲାଗି ସରକାର ନୂଆ ପଦକ୍ଷେପ ହାତକୁ ନେଇଛନ୍ତି। ସରକାରଙ୍କ ଏଭଳି ନିଷ୍ପତ୍ତିକୁ କନ୍‌ଫେଡେରେଶନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ପକ୍ଷରୁ ଐତିହାସିକ ନିଷ୍ପତ୍ତି ବୋଲି କୁହାଯାଇଛି। ବର୍ତ୍ତମାନ ଏହି କ୍ଷେତ୍ରକୁ ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନଗୁଡିକ ସହଜରେ ଋଣ ଯୋଗାଇବାକୁ ଆଗଭର ହେବେ। ସେହିଭଳି ଏମ୍‌ଏସ୍‌ଏମ୍‌ଇକୁ ମିଳୁଥିବା ଅନ୍ୟ ଯୋଜନାର ଲାଭ ମଧ୍ୟ ଖୁଚୁରା ଏବଂ ପାଇକାରୀ ବ୍ୟବସାୟୀମାନେ ଉଠାଇପାରିବେ। ନୂଆ ବ୍ୟବସ୍ଥା ଦ୍ୱାରା ୮ କୋଟି ବ୍ୟବସାୟୀ ଲାଭବାନ ହୋଇପାରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସିଏଆଇଟିର ରାଷ୍ଟ୍ରୀୟ ସଚିବ ସୁମିତ ଅଗ୍ରୱାଲ କହିଛନ୍ତି, ଦେଶର ଖୁଚୁରା ଏବଂ ପାଇକାରୀ ବ୍ୟବସାୟ କ୍ଷେତ୍ରରେ ପ୍ରାୟ ୪୦ କୋଟି ଲୋକ ନିଯୁକ୍ତି ପାଇଛନ୍ତି। ଏହି କ୍ଷେତ୍ରର ବାର୍ଷିକ କାରବାର ୧୧୫ ଲକ୍ଷ କୋଟି ଟଙ୍କା ରହିଛି। ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ଏଭଳି ପଦକ୍ଷେପ ଅର୍ଥ ବ୍ୟବସ୍ଥା ବିକାଶ କ୍ଷେତ୍ରରେ ଲାଭକାରୀ ହେବ ବୋଲି ସେ ମତ ରଖିଛନ୍ତି।

# ବିଗ୍ ବଜାର ଦେଉଛି ବଡ଼ ସଞ୍ଚୟ

ନୂଆଦିଲ୍ଲୀ,୨।୭

ଅଗ୍ରଣୀ ହାଇପର୍ ମାର୍କେଟ ବିଗ୍ ବଜାର ପକ୍ଷରୁ ମାସିକିଆ ଶପିଙ୍ଗ୍ ଉପରେ ସର୍ବବୃହତ୍ ସଞ୍ଚୟ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହା ହେଉଛି 'ସବ୍‌ସେବଡି ସେଭିଙ୍ଗସ୍'। ଗ୍ରାହକମାନେ ନିକଟତମ ବିଗ୍ ବଜାର ଷ୍ଟୋରରୁ, ଅନ୍‌ଲାଇନ୍ ଶପ୍ ଡଟ୍ ବିଗ୍ ବଜାର ଡଟ୍ କମ୍, ବିଗ୍ ବଜାର ଆପ୍ କିମ୍ବା ହ୍ୱାଟ୍ସଆପ୍‌ରେ ନିଜ ଆବଶ୍ୟକ ଦୈନନ୍ଦିନ ସାମଗ୍ରୀ ଓ ମାସିକିଆ ଗ୍ରସେରି ଶପିଙ୍ଗ୍ କରିବା ବେଳେ ବଡ଼ ଧରଣର ସଞ୍ଚୟ ସୁଯୋଗ ପାଇବେ। ଖାଦ୍ୟ ଓ ଅନ୍ୟାନ୍ୟ ବର୍ଗ ଉପରେ ଆକର୍ଷଣୀୟ ଅଫର ସହିତ 'ସବ୍‌ସେ ବଡି ସେଭିଙ୍ଗସ୍' ଜୁନ୍ ୩୦ରୁ ଜୁଲାଇ ୧୧ପର୍ଯ୍ୟନ୍ତ ଚାଲିବ। ଏଥିରେ ଗ୍ରାହକମାନେ ସୁଲଭ ଓ କମ୍ ମୂଲ୍ୟରେ ଗ୍ରସେରି, ଜୁସ୍, ପନିପରିବା, ଫଳ ଆଦି କିଣିପାରିବେ। ଷ୍ଟୋର୍‌ରେ କିମ୍ବା ଅନ୍‌ଲାଇନରେ ଗ୍ରାହକମାନେ ଦୁଇ ହଜାର ଟଙ୍କାରୁ ଅଧିକ ମୂଲ୍ୟର ଶପିଙ୍ଗ୍ କଲେ ୫ କେଜି ଅଟା ମାଗଣାରେ ପାଇବେ। ବିଗ୍ ବଜାରରେ ଆମେ ଗ୍ରାହକମାନଙ୍କୁ ଶ୍ରେଷ୍ଠ ମୂଲ୍ୟ ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଛୁ ବୋଲି ଫ୍ୟୁଚର ଗ୍ରୁପ୍‌ର ଡିଜିଟାଲ, ମାର୍କେଟିଂ ଆଣ୍ଡ ଇ-କମର୍ସ ସିଏମ୍‌ଡି ପୱନ ସାରଦା କହିଛନ୍ତି। ଘରକରଣା ସାମଗ୍ରୀ, କିଚେନୱ୍ୟାର, ଇଲେକ୍ଟ୍ରୋନିକ୍ସ ବ୍ୟତୀତ ପୋଷାକରେ ନୂଆ ବର୍ଗମାଳା ଉନ୍ମୋଚନ କରାଯାଇଛି ଯାହା ଗ୍ରାହକମାନଙ୍କୁ ଉଲ୍ଲସିତ କରିବ। ପ୍ରମୁଖ ଅଫରଗୁଡ଼ିକ ମଧ୍ୟରେ ୧୨୭୦ ଟଙ୍କା ମୂଲ୍ୟର ୫ ଲିଟର ପିଇଟି ସଫୋଲା ଗୋଲ୍ଡ ବ୍ଲେଣ୍ଡେଡ୍ ୧୧୯୦ ଟଙ୍କାରେ ମିଳିବ। ୨୭୦ ଟଙ୍କା ମୂଲ୍ୟର ୫ କେଜିଆ ଆଶୀର୍ବାଦ ସିଲେକ୍ଟ ହ୍ୱିଟ୍ ଅଟା ୨୩୯ ଟଙ୍କାରେ ମିଳିବ। ୫୨୫ ଟଙ୍କା ମୂଲ୍ୟର ରିନ୍ ଡିଟରଜେଣ୍ଟ ପାୱାର ପିପି ୭ କେଜିରେ ୧୦୦ ଟଙ୍କାର ସଞ୍ଚୟ ହେବ। ୧୨୪୯ ଟଙ୍କାର ମାମିପୋକୋ ବେବି ଡାଏପର ପ୍ୟାଣ୍ଟ ଏଲ୍ ପିପି ୭୪ପି-୮୦ପିରେ ୪୦୦ ଟଙ୍କା ସଞ୍ଚୟ ୧୨୦ ଟଙ୍କିଆ ବ୍ରିଟାନିଆ ଗୁଡ୍ ଡେ କାଜୁ ୬୦୦ ଗ୍ରାମରେ ୩୦ ଟଙ୍କା ସଞ୍ଚୟ, ୩୩୦-୩୮୦ ଟଙ୍କା ମୂଲ୍ୟର ବର୍ନଭିଟା ୭୫୦ ଗ୍ରାମ୍-ହର୍ଲିକ୍ସଚକୋଲେଟ୍‌ବିଗ୍ ୧ କେଜିରେ ୪୫- ୬୦ ଟଙ୍କା ସଞ୍ଚୟ, ୧୨୦ ଟଙ୍କା ମୂଲ୍ୟ ୯୫୦ ଗ୍ରାମର କିଷାନ କେଚ୍‌ଅପ୍‌ରେ ୨୭ ଟଙ୍କା ସଞ୍ଚୟ କରିପାରିବେ। ସେହିଭଳି ୬୨୫ ଟଙ୍କାର ଟାଟା ସିଟିସି ଗୋଲ୍ଡ ୧ କେଜି ପ୍ୟାକ୍‌ରେ ୧୪୦ ଟଙ୍କା ସଞ୍ଚୟ, ୫୭୦ ଟଙ୍କା ମୂଲ୍ୟର ରେଡ୍ ଲେବଲ୍ ଟି ନାଚୁରାଲ୍ କେୟାର ୧ କେଜି ପ୍ୟାକ୍ ଉପରେ ୧୨୦ ଟଙ୍କା ସଞ୍ଚୟ ସୁବିଧା ମିଳିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି।

# ନୂଆ ଟିକସ ବ୍ୟବସ୍ଥା ଆଣିବେ ୧୩୦ ଦେଶ

ନୂଆଦିଲ୍ଲୀ,୨।୭

- ଭାରତ ଲାଗୁ କରିବ ଗ୍ଲୋବାଲ ମିନିମମ୍ ଟାକ୍ସ
- ଅକ୍ଟୋବର ସୁଦ୍ଧା ଜଣାପଡିବ ଟିକସର ସ୍ୱରୂପ




ଭାରତ, ଚାଇନା, ସୁଇଜରଲାଣ୍ଡ ସମେତ ବିଶ୍ୱର ୧୩୦ ଦେଶ ସର୍ବନିମ୍ନ ୧୫% ଗ୍ଲୋବାଲ କର୍ପୋରେଟ ଟିକସ ବ୍ୟବସ୍ଥା କାର୍ଯ୍ୟକାରୀ କରାଇବାକୁ ସମର୍ଥନ ଜଣାଇଛନ୍ତି। ଅର୍ଗାନାଇଜେଶନ ଫର୍ ଇକୋନୋମିକ କୋଅପରେଶନ ଆଣ୍ଡ ଡେଭଲପମେଣ୍ଟ(ଓଇସିଡି) ଏବଂ ଆମେରିକା ଅର୍ଥମନ୍ତ୍ରୀ ଜେନେଟ ଏଲେନ ଏ ସମ୍ପର୍କରେ ଶୁକ୍ରବାର ଘୋଷଣା କରିଛନ୍ତି। ଓଇସିଡି ପକ୍ଷରୁ କରାଯାଇଥିବା ଆକଳନ ମୁତାବକ, ନୂଆ ନ୍ୟୂନତମ ଟିକସ ବ୍ୟବସ୍ଥା ଲାଗୁ କରିବା ଫଳରେ ସାରା ବିଶ୍ୱରେ ଦେଶଗୁଡ଼ିକୁ ୧୫୦ ବିଲିୟନ ଡଲାରର ଅତିରିକ୍ତ ଟିକସ ମିଳିପାରିବ। ଅନ୍ତର୍ଜାତୀୟ ଟିକସ ନିୟମରେ ସୁଧାର ଆଣିବା ଲାଗି ବିଶ୍ୱର ୧୩୦ ଦେଶ ସହମତି ପ୍ରକାଶ କରିଥିବା ଜଣାପଡିଛି। ବହୁରାଷ୍ଟ୍ରୀୟ କମ୍ପାନୀଗୁଡିକ ଯେଉଁ ଦେଶରେ କାର୍ଯ୍ୟ କରୁଛନ୍ତି ସେହି ଦେଶରେ ନୂଆ ନିୟମ ଅନୁସାରେ ଟିକସ ପ୍ରଦାନ କରିବେ। ସହମତି ପ୍ରଦାନ କରିଥିବା ୧୩୦ ଦେଶ ବିଶ୍ୱ ଜିଡିପିକୁ ପ୍ରାୟ ୯୦% ଯୋଗଦାନ ରଖୁଛନ୍ତି। ନୂଆ ଟିକସ ବ୍ୟବସ୍ଥାର ସ୍ୱରୂପ କିଭଳି ହେବ ସେ ନେଇ ଅକ୍ଟୋବର ସୁଦ୍ଧା ସବୁ କିଛି ଜଣାପଡିଯିବ ବୋଲି ଆଶା କରାଯାଉଛି। ଅନ୍ତର୍ଜାତୀୟ ଟିକସ ବ୍ୟବସ୍ଥାରେ ସ୍ଥିରତା ଏବଂ ସ୍ଥାୟିତ୍ୱକୁ ଧ୍ୟାନରେ ରଖି ଏଭଳି ନୂଆ ପଦକ୍ଷେପ ଆଣିବାକୁ ଦେଶ ସମୂହ ଅଗ୍ରସର ହେଉଥିବା କୁହାଯାଉଛି। ବହୁ ରାଷ୍ଟ୍ରୀୟ କମ୍ପାନୀଗୁଡିକ ଯେଉଁ ଦେଶରେ କାରବାର କରି ଲାଭ ଆଦାୟ କରୁଛନ୍ତି ସେହି ଦେଶକୁ ନୂଆ ଟିକସ ଢାଞ୍ଚାରେ ଟିକସ ପ୍ରଦାନ କରିବେ। ବର୍ତ୍ତମାନ କମ୍ପାନୀଗୁଡିକ ଯେଉଁ ଦେଶର(ହୋମ୍ କଣ୍ଟ୍ରି) ସେହି ଦେଶ ନିକଟରେ ଟିକସ ଲାଗୁ କରିବାର ଅଧିକାର ରହିଛି। ନୂଆ ଟିକସ ଆସିଲେ କମ୍ପାନୀଗୁଡିକ କାମ କରୁଥିବା ଦେଶଗୁଡିକରେ(ହୋଷ୍ଟ କଣ୍ଟ୍ରି)କୁ ଟିକସ ଲାଗୁ କରିବା ଅଧିକାର ମିଳିବ। ସହମତି ପ୍ରଦାନ କରିଥିବା ଓଇସିଡିର ୧୩୦ ଦେଶ ମଧ୍ୟରେ ଜି-୨୦ର ସଦସ୍ୟ ଥିବା ସମସ୍ତ ଦେଶ ସାମିଲ ରହିଛନ୍ତି। ନିୟମ ଉଲ୍ଲଂଘନ କରୁଥିବା କମ୍ପାନୀଗୁଡିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ମଧ୍ୟ ନୂଆ ଆଇନରେ ବ୍ୟବସ୍ଥା ରହିବ। ସେହିଭଳି ଟିକସ କମ୍ ଦେବାକୁ କମ୍ପାନୀ ଆୟ କମ୍ କିମ୍ବା ଜିରୋ ଦେଖାଉଥିବା କ୍ଷେତ୍ରରେ ମଧ୍ୟ ଏଭଳି ଟିକସ ବ୍ୟବସ୍ଥା କଡ଼ାକଡ଼ି ହେବ। ବାର୍ଷିକ ୨୪ ବିଲିୟନ ଡଲାର କିମ୍ବା ଏହାଠାରୁ ଊର୍ଦ୍ଧ୍ୱ କାରବାର କରୁଥିବା କମ୍ପାନୀଗୁଡିକ ଏହି ଆଇନ ପରିସରରେ ପ୍ରଥମେ ଆସିବେ। ଧୀରେ ଧୀରେ ବାର୍ଷିକ ୧୨ ବିଲିୟନ ଡଲାର କାରବାର କରୁଥିବା କମ୍ପାନୀଗୁଡିକୁ ମଧ୍ୟ ଏହାର ପରିସରଭୁକ୍ତ କରାଯିବାକୁ ଯୋଜନା ରଖାଯାଇଛି।

# ନାବାର୍ଡର ୩୮୮ କୋଟି ଋଣ ମଞ୍ଜୁର

**ଭୁବନେଶ୍ୱର,୨।୭:** ପାନୀୟ ଜଳ ଏବଂ ରାଜପଥ ପ୍ରକଳ୍ପ ଲାଗି ନାବାର୍ଡ ପକ୍ଷରୁ ରାଜ୍ୟ ସରକାରଙ୍କୁ ୩୮୮ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଛି। ଗ୍ରାମୀଣ ଭିତ୍ତିଭୂମି ଉନ୍ନତୀକରଣ ପାଣ୍ଠି ( ଆର୍‌ଆଇଡିଏଫ୍) ଅଧୀନରେ ଏହି ପାଣ୍ଠି ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ୪ ବୃହତ୍ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରାଯିବାକୁ ଯୋଜନା ରଖାଯାଇଛି। କୋରାପୁଟ ଜିଲାର ବୈପାରିଗୁଡ଼ା ବ୍ଲକ, ବାଲେଶ୍ୱର ଜିଲାର ନୀଳଗିରି ବ୍ଲକ ଏବଂ ମାଲକାନଗିରି ଜିଲାର ମାଲକାନଗିରି ଓ କାଲିମେଳା ବ୍ଲକରେ ଏହି ପ୍ରକଳ୍ପଗୁଡିକ ସ୍ଥାପନ କରାଯିବ। ସେହିଭଳି ରାଜ୍ୟର ୧୫ ଜିଲାରେ ୨୦ ଗ୍ରାମାଞ୍ଚଳ ରାସ୍ତା ନିର୍ମାଣ ଲାଗି ମଧ୍ୟ ପାଣ୍ଠି ନାବାର୍ଡ ପକ୍ଷରୁ ପାଣ୍ଠି ମଞ୍ଜୁର କରାଯାଇଛି। ଜଳ ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ ହେଲେ ୮ ଘଣ୍ଟିଆ ଜଳ ପାଇପ ଯୋଗେ ପାନୀୟ ଜଳ ଲୋକମାନେ ପାଇପାରିବେ। ପ୍ରାୟ ୪୬୭ ଗ୍ରାମର ୨.୫୭ ଲକ୍ଷ ଲୋକ ଏହାଦ୍ୱାରା ଲାଭବାନ ହୋଇପାରିବେ। ୨୦୨୨ ସୁଦ୍ଧା ଏହି ସୁବିଧା ଲୋକଙ୍କୁ ଉପଲବ୍ଧ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ରାଜପଥ ପ୍ରକଳ୍ପ ଦ୍ୱାରା ୧୬୨ ଗ୍ରାମର ୧.୫୨ ଲକ୍ଷ ଲୋକଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆସିପାରିବ ବୋଲି ନାବାର୍ଡ ପକ୍ଷରୁ ସୂଚନା ମିଳିଛି।

## ଫୁରସତ୍

### ସୋସିଆଲ ମିଡିଆରେ ମହିଳା ରହିବେ ସୁରକ୍ଷିତ

**ପ୍ୟାରିସ:** ଟୁଇଟର, ଗୁଗଲ, ଫେସବୁକ ଭଳି ଟେକ୍ କମ୍ପାନୀଗୁଡ଼ିକ ଅନ୍‌ଲାଇନ ଅପରାଧକୁ ଦୂର କରିବା ସହିତ ଡିଜିଟାଲ ପ୍ଲାଟ୍‌ଫର୍ମରେ ମହିଳାଙ୍କ ସୁରକ୍ଷା ବଢ଼ାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି। ୱାର୍ଲ୍ଡୱାଇଡ ୱେବ୍ ଫାଉଣ୍ଡେଶନ (WWWF) ସହିତ ଯୋଗାଯୋଗ କରିବା ପରେ କମ୍ପାନୀଗୁଡିକ ଏହି ସୂଚନା ଦେଇଛନ୍ତି। ଅନ୍‌ଲାଇନ ଲିଙ୍ଗଭିତ୍ତିକ ହିଂସା ଏବଂ ଅପରାଧ ଉପରେ କୁହାଯାଇଛି ଯେ, ମହିଳାମାନଙ୍କ ପୋଷ୍ଟରେ ଯଦି କେହି ଅଶ୍ଳୀଳ ମନ୍ତବ୍ୟ ଦିଅନ୍ତି, ତାହା ନିୟନ୍ତ୍ରଣ କରିବାର ଅଧିକାର ସେମାନଙ୍କ ପାଖରେ ରହିବା ଉଚିତ। ୱାର୍ଲ୍ଡୱାଇଡ ୱେବ୍ ଫାଉଣ୍ଡେଶନ କହିଛି, ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କାର୍ଯ୍ୟ ସମାପ୍ତ ହେବା କମ୍ପାନୀଗୁଡ଼ିକ ଦ୍ୱାରା ନିଶ୍ଚିତ ହେବ। ୱେବ୍ ଫାଉଣ୍ଡେଶନର ସିନିୟର ପଲିସି ମ୍ୟାନେଜର ଆଜମିନା ଧ୍ରୋଡିଆ କହିଛନ୍ତି, ମହିଳାମାନେ ଆପତ୍ତିଜନକ ମନ୍ତବ୍ୟ କିମ୍ବା ଏହିପରି ବିଷୟବସ୍ତୁ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରିପୋର୍ଟିଂ ସିଷ୍ଟମକୁ ପୁନଃ ବିଚାର କରିବାକୁ ବାରମ୍ବାର ଜିଦ ଧରିଛନ୍ତି। ପ୍ୟାରିସରେ ମିଳିତ ଜାତିସଂଘ ଜେନେରେଶନ ସମାନତା ଫୋରମ୍‌ରେ ଟେକ୍ କମ୍ପାନୀଗୁଡିକ ଏହି ପ୍ରତିଶ୍ରୁତି ଦେଇଛନ୍ତି। ଟିକ୍‌ଟକ ଆମେରିକା ପ୍ଲାଟ୍‌ଫର୍ମରେ ପରିବର୍ତ୍ତନ ଆଣିବା ଲାଗି ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ କରିବ ବୋଲି କହିଛି।

# ଅକ୍ସଫୋର୍ଡରେ ଭାରତର ପ୍ରଥମ ଦିବ୍ୟାଙ୍ଗ




**ଅମୃତସର:** ଦୃଢ ଇଚ୍ଛାଶକ୍ତି ଆଉ କଠିନ ଅଧ୍ୟବସାୟ ବଳରେ ମଣିଷ ସବୁ ଅସମ୍ଭବକୁ ସମ୍ଭବ କରିପାରେ। ଏହି ଉକ୍ତିକୁ ଏବେ ପ୍ରମାଣ କରି ଦେଖାଇଛନ୍ତି ପଞ୍ଜାବର ଦିବ୍ୟାଙ୍ଗ ଯୁବତୀ ପ୍ରତିଷ୍ଠା ଦେବେଶ୍ୱର। ବ୍ରିଟେନର ପ୍ରତିଷ୍ଠିତ ଅକ୍ସଫୋର୍ଡ ୟୁନିଭର୍ସିଟିରେ ନାମ ଲେଖାଇବା କ୍ଷେତ୍ରରେ ସେ ଏବେ ଭାରତର ପ୍ରଥମ ହ୍ୱିଲ୍‌ଚେୟାର ମହିଳା ହୋଇ ପାରିଛନ୍ତି। ପଞ୍ଜାବ ହୋସିଆରପୁର ଜିଲାର ଝିଅ ପ୍ରତିଷ୍ଠା ଦେବେଶ୍ୱର ଦିଲ୍ଲୀ ୟୁନିଭର୍ସିଟିରୁ ସ୍ନାତକ ଶେଷ କରିଛନ୍ତି। ମାତ୍ର ୧୨ ବର୍ଷ ବୟସରେ ପ୍ରତିଷ୍ଠାଙ୍କର ଅଣ୍ଟା ହାଡ଼ ମାଡ଼ହୋଇ ଭାଙ୍ଗିଯାଇଥିବାରୁ ସେ ହ୍ୱିଲ୍‌ଚେୟାର ବ୍ୟବହାର କରିବାକୁ ବାଧ୍ୟ ହୋଇଥିଲେ। କିନ୍ତୁ ସେ ତାଙ୍କ ମନୋବଳକୁ କମ୍ କରିବାକୁ ଦେଇ ନ ଥିଲେ। କାହା ଉପରେ ବୋଝ ନ ହୋଇ ନିଜର ସାମର୍ଥ୍ୟକୁ ଦେଖାଇ ଦେବା ପାଇଁ ସେ ଦୃଢ଼ ପ୍ରତିଜ୍ଞାବଦ୍ଧ ହୋଇଥିଲେ। ଏଥିପାଇଁ ସେ ଉଚ୍ଚଶିକ୍ଷା ଲାଭ କରିବା ପରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଆରମ୍ଭ କରିଥିଲେ। ଦିବ୍ୟାଙ୍ଗମାନଙ୍କ ମନରେ ଆତ୍ମପ୍ରତ୍ୟୟ ସୃଷ୍ଟି କରିବା ନିମନ୍ତେ ସେ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇ ନିଜ ସକାରାତ୍ମକ ବିଚାର ରଖିଥାନ୍ତି। ଏମିତି କି ଦେଶ ବାହାରେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇ ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରତିଷ୍ଠାଙ୍କର ଏଭଳି ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତାଙ୍କୁ ୟୁକେର ପ୍ରତିଷ୍ଠିତ ଡାଏନା ଆୱାର୍ଡରେ ମଧ୍ୟ ସମ୍ମାନିତ କରାଯାଇଛି। ଖାଲି ସେତିକି ନୁହେଁ, ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ନିଜର କଠିନ ପରିଶ୍ରମ ଏବଂ ସକାରାତ୍ମକ ଭାବନା ପାଇଁ ଏବେ ସେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ପବ୍ଲିକ୍ ପଲିସିରେ ମାଷ୍ଟର୍ସ ଡିଗ୍ରୀ କରିବାର ସୁଯୋଗ ପାଇଛନ୍ତି। ପାଠ ପଢ଼ା ଶେଷ କରିବା ପରେ ସେ ଭାରତ ଫେରି ଦିବ୍ୟାଙ୍ଗଙ୍କ ପାଇଁ କାମ କରିବେ ବୋଲି କହିଛନ୍ତି। ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଦିବ୍ୟାଙ୍ଗଙ୍କ ପାଇଁ ଆହୁରି ବହୁତ କିଛି ସୁଯୋଗ ସୃଷ୍ଟି କରିବା ବାକି ରହିଛି ବୋଲି ସେ କହିଛନ୍ତି। ଏହା ସହିତ ଦିବ୍ୟାଙ୍ଗ ଲୋକଙ୍କ ପ୍ରତି ସମାଜର ଦୃଷ୍ଟିକୋଣ ବଦଳାଇବା ମଧ୍ୟ ନିହାତି ଜରୁରୀ। ଏହି କାରଣରୁ ସେ ନିଜେ ଉଚ୍ଚଶିକ୍ଷା ଲାଭ କରି ପ୍ରତିଷ୍ଠିତ ହେବା ପରେ ଦିବ୍ୟାଙ୍ଗଙ୍କ ପାଇଁ ବହୁତ କିଛି କରିବାକୁ ଇଚ୍ଛା ରଖିଛନ୍ତି।

### ଅପରାଧୀଙ୍କୁ ଧରାଇଲେ ମିଳିବ ୨୨ କୋଟି

**କଲମ୍ବିଆ:** କଲମ୍ବିଆ ପୋଲିସ ଦେଶର ରାଷ୍ଟ୍ରପତିଙ୍କ ହେଲିକପ୍ଟରକୁ ଗୁଳି ଚଳାଇବା ମାମଲାରେ ଦୁଇ ଅଭିଯୁକ୍ତଙ୍କ ସ୍କେଚ୍ ଫେସ୍‌ବୁକରେ ଜାରି କରିଛି। ସେମାନଙ୍କ ଠିକଣା ପ୍ରକାଶ ପାଇଁ ୨୨ କୋଟି ଟଙ୍କା ପୁରସ୍କାର ଘୋଷଣା କରାଯାଇଛି। ବିଶେଷ କଥା ହେଉଛି ଏକ ସ୍କେଚ୍‌ରେ ଅଭିଯୁକ୍ତଙ୍କ ଚେହେରା ଫେସବୁକ୍‌ର ପ୍ରତିଷ୍ଠାତା ମାର୍କ ଜୁକରବର୍ଗଙ୍କ ସହ ମେଳ ଖାଉଛି। ଫେବୃଆରୀ ୨୮ରେ ଫେସ୍‌ବୁକରେ ଅପଲୋଡ ହେବା ପରେ ହଜାର ହଜାର ଲୋକ ଏହି ସ୍କେଚ୍ ଉପରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ୟୁଜର୍ସ ଜୁକରବର୍ଗ ଉପରେ ଅନେକ ମଜାଳିଆ ମନ୍ତବ୍ୟ ମଧ୍ୟ ଦେଉଛନ୍ତି। ସୂଚନାଯୋଗ୍ୟ, କଲମ୍ବିଆ ରାଷ୍ଟ୍ରପତି ଇଭାନ ଡ୍ୟୁକ ଯାଉଥିବା ହେଲିକପ୍ଟରକୁ ଗୁଳି ହୋଇଥିଲା। ଦେଶର ପ୍ରତିରକ୍ଷା ମନ୍ତ୍ରୀ, ଗୃହମନ୍ତ୍ରୀ ଏବଂ ରାଜ୍ୟପାଳ ମଧ୍ୟ ଏହି ହେଲିକପ୍ଟରରେ ଥିଲେ।

CLASSIFIED DISPLAY

MORE SPACE • SAME PRICE

TARIFF / GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଲୋନ୍ ଧମାକା
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ (ଢେଙ୍କାନାଳ)
9999268493, 7310635591
Whatsapp No.: 9953557897

»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଳେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୂଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଆଅନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଳୀ
9520764524

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9911436726
8800979262

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଇନ୍‌ଷ୍ଟାଗ୍ରାମ ପୋଷ୍ଟ ପାଇଁ ୩ କୋଟି




**ମୁମ୍ବାଇ:** ବଲିଉଡରୁ ହଲିଉଡ୍‌କୁ ଜମ୍ପ ମାରିଥିବା ପ୍ରିୟଙ୍କା ଚୋପ୍ରା ଏବେ କେବଳ ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ଏକ ଜଣାଶୁଣା ନାମ। ପ୍ରିୟଙ୍କା ନିଜ କାର୍ଯ୍ୟ ଦ୍ୱାରା ସାରା ବିଶ୍ୱରେ ପରିଚୟ ସୃଷ୍ଟି କରିଛନ୍ତି। ଚଳଚ୍ଚିତ୍ର ଏବଂ ବିଜ୍ଞାପନ ସହିତ ପ୍ରିୟଙ୍କା ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ମାଧ୍ୟମରେ ମଧ୍ୟ ବହୁତ ରୋଜଗାର କରନ୍ତି। ସମ୍ପ୍ରତି ଇନ୍‌ଷ୍ଟାଗ୍ରାମର ରିଚ୍ ଲିଷ୍ଟ ୨୦୨୧ ରିଲିଜ ହୋଇଛି। ଏହି ତାଲିକାରେ ୨ ଭାରତୀୟ ତାରକା ସ୍ଥାନ ପାଇଛନ୍ତି। ଏହି ଦୁଇ ତାରକାଙ୍କ ମଧ୍ୟରେ ବଲିଉଡ ଏବଂ ହଲିଉଡ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନାସ ଏବଂ କ୍ରିକେଟର ବିରାଟ କୋହଲିଙ୍କ ନାମ ରହିଛି। ମନୋରଞ୍ଜନ ଜଗତରୁ ଏହି ତାଲିକାରେ କେବଳ ପ୍ରିୟଙ୍କା ଚୋପ୍ରା ସ୍ଥାନ ପାଇଛନ୍ତି। ହପର୍ ଇନ୍‌ଷ୍ଟାଗ୍ରାମ ରିଚ୍ ଲିଷ୍ଟ ୨୦୨୧ ଅନୁଯାୟୀ ପ୍ରିୟଙ୍କା ୨୭ତମ ସ୍ଥାନ ହାସଲ କରିଛନ୍ତ। ବିରାଟ କୋହଲି ଏହି ତାଲିକାରେ ପ୍ରିୟଙ୍କା ଚୋପ୍ରାଙ୍କଠାରୁ ଆଗରେ ରହିଛନ୍ତି। ପ୍ରିୟଙ୍କାଙ୍କର ଇନ୍‌ଷ୍ଟାଗ୍ରାମରେ ୬୪ ମିଲିୟନ ଅନୁସରଣକାରୀ ଅଛନ୍ତି। ଖବର ଅନୁଯାୟୀ, ସେ ତାଙ୍କର ଗୋଟିଏ ପୋଷ୍ଟ ପାଇଁ ତିନି କୋଟି ଟଙ୍କା ଆଦାୟ କରନ୍ତି। ବିରାଟ କୋହଲି ତାଲିକାରେ ୧୯ତମ ସ୍ଥାନ ଅଧିକାର କରିଛନ୍ତି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ବିରାଟ କୋହଲିଙ୍କ ୧୩୨ ନିୟୁତ ଅନୁସରଣକାରୀ ଅଛନ୍ତି ଏବଂ ଗୋଟିଏ ପୋଷ୍ଟ ପାଇଁ ସେ ୫ କୋଟି ଟଙ୍କା ରୋଜଗାର କରୁଛନ୍ତି।

ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ପ୍ରାଣକୃଷ୍ଣ ପାଣିଗ୍ରାହୀ
ନୀଳାଦ୍ରି ବିହାର, ଭୁବନେଶ୍ୱର
ଆବିର୍ଭାବ: ୦୮।୦୭।୧୯୪୭
ତିରୋଧାନ: ୨୨।୦୬।୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ: ଶକୁନ୍ତଳା, ପୁତ୍ର: ପ୍ରକାଶ, ପ୍ରସନ୍ନ, ପ୍ରଶାନ୍ତ, ପୁତ୍ରବଧୂ: ନିହାରିକା, ପ୍ରଭାସିନୀ, ଭାଗ୍ୟଲକ୍ଷ୍ମୀ, ନାତୁଣୀ: ପ୍ରିୟଙ୍କା, ନାତି: ପ୍ରତ୍ୟୁଷ, ପ୍ରୀତିଶ ତଥା ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଶୋକାଞ୍ଜଳି: ଶ୍ରୀ ଶ୍ରୀଈଶାନେଶ୍ୱର ମନ୍ଦିର ଟ୍ରଷ୍ଟ, ନୀଳାଦ୍ରି ବିହାର, ନୀଳାଦ୍ରି ବିହାର ଆବାସିକ ସଂଘ, ନୀଳାଦ୍ରି ବିହାର ଯୁବ ଓ ସାଂସ୍କୃତିକ ସଂଘ
ଧ-୨୧୦୦୩

ଏକାଦଶାହ ଉପଲକ୍ଷେ



୰ରଞ୍ଜନ କୁମାର ପ୍ରଧାନ
ଗ୍ରା/ପୋ: ଧୋକୁଟା, ଥାନା: ବନ୍ତଳା, ଜି: ଅନୁଗୋଳ
ଆବିର୍ଭାବ: ୨୦।୦୫।୧୯୬୮
ତିରୋଧାନ: ୨୩।୦୬।୨୦୨୧
ଏକାଦଶାହ- ୦୩।୦୭।୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ: ବାପା, ମା, ସ୍ତ୍ରୀ, ଝିଅ, ପୁଅ, ଭାଇ, ବୋହୂ, ପୁତୁରା, ଝିଆରୀ।
ଧ-୨୦୯୯୮

# ମୃତ୍ୟୁର ଭୟ

ଗୋଟେ ନଗରୀରେ ଜଣେ ବ୍ୟକ୍ତି ବ୍ୟବସାୟ କରୁଥାଆନ୍ତି। ନିଜ ଦେଶରେ ବ୍ୟବସାୟ କରିବା ସହିତ ବିଦେଶରେ ମଧ୍ୟ ବ୍ୟବସାୟ କରନ୍ତି। କ୍ରମଶଃ ତାଙ୍କ ବ୍ୟବସାୟ ସଫଳତାର ଶୀର୍ଷରେ ପହଞ୍ଚିଲା। ଦେଶରେ ଧନଶାଳୀମାନଙ୍କ ତାଲିକାରେ ତାଙ୍କ ନାମ ମଧ୍ୟ ତାଲିକାଭୁକ୍ତ ହେଲା। ମହଲ ସଦୃଶ ଘର, ସ୍ତ୍ରୀ ପିଲାମାନଙ୍କ ସହିତ ତାଙ୍କ ଜୀବନ ଆନନ୍ଦରେ ବିତୁଥାଏ।

ଦିନେ ତାଙ୍କର ଜଣେ ସମ୍ପର୍କୀୟ ଅନ୍ୟ ରାଜ୍ୟରୁ ଆସିଥାଆନ୍ତି। ଦୁହେଁ କଥାବାର୍ତ୍ତା ହେବା ସମୟରେ




ରାଜ୍ୟରେ ଜଣେ ବହୁତ ବଡ଼ ଧନଶାଳୀଙ୍କର ଆକସ୍ମିକ ମୃତ୍ୟୁ ହୋଇଗଲା ଓ ତାଙ୍କ ଦ୍ୱାରା ଗଚ୍ଛିତ ଧନ ସମ୍ପତ୍ତି ବୃଥାରେ ପଡିରହିବ ବୋଲି ଅତିଥି ଜଣାଇଲେ। କଥାଟା ଖୁବ୍ ସହଜ ଭାବେ ସେ ଜଣାଇଥିଲେ। ପରନ୍ତୁ ଅତିଥିଙ୍କ ଠାରୁ ତାହା ଶୁଣିବାପରେ ବ୍ୟବସାୟୀଙ୍କ ମନ ବିଚଳିତ ହୋଇଗଲା। ମନେ ମନେ ସେ ଭାବିଲେ, ସେହି ଧନଶାଳୀଙ୍କ ଭଳି ସେ ବି ଦିନେ ମୃତ୍ୟୁବରଣ କରିବେ। ପ୍ରତି ମୁହୂର୍ତ୍ତରେ ନିଜ ମୃତ୍ୟୁ ବିଷୟରେ ଭାବି ଭାବି ସେ ନିଜକୁ ଆଉ ଆୟତ୍ତରେ ରଖିପାରିଲେ ନାହିଁ। ଚିନ୍ତାରେ ତାଙ୍କ ଶରୀର ଦିନକୁ ଦିନ କ୍ଷୀଣ ହେବାକୁ ଲାଗିଲା।

ତାଙ୍କର କୌଣସି ଜିନିଷରେ ଅଭାବ ନ ଥାଇ ମଧ୍ୟ ମନ ମଧ୍ୟରେ ଏଭଳି ଚିନ୍ତା ଘାରିଗଲା ଯେ ସେ କାହାକୁ କିଛି କହିପାରୁ ନ ଥାନ୍ତି। ଶେଷରେ ସେ ବିଛଣା ଧରିନେଲେ। ବହୁତପ୍ରକାର ଚିକିତ୍ସା କରାଗଲା। ଡାକ୍ତରଙ୍କ ଔଷଧ, ବୈଦ୍ୟଙ୍କ ବଟିକା, ଯୋଗ, ପ୍ରାଣାୟମ ସବୁପ୍ରକାର କଲେ। ହେଲେ ତାଙ୍କ ରୋଗ କମ ହେବା ବଦଳରେ ବଢ଼ି ବଢ଼ି ଚାଲିଥାଏ।

ଦିନେ ଜଣେ ସାଧୁ ତାଙ୍କ ଘରକୁ ଆସିଥାଆନ୍ତି। ବ୍ୟବସାୟୀ ସାଧୁଙ୍କ ଗୋଡ଼ ଧରି କାନ୍ଦି କାନ୍ଦି ନିଜ ମନର ବ୍ୟଥା ଜଣାଇଲେ। ସାଧୁ ତାଙ୍କ ବ୍ୟଥାର କାରଣ ଜାଣି ହସି ହସି କହିଲେ, ‘ତୁମ ରୋଗର ନିଦାନ ବହୁତ ସହଜ। ମୃତ୍ୟୁର ବିଚାର ଯେବେ ବି ତୁମ ମନ ମଧ୍ୟକୁ ଆସିବ ଯେପର୍ଯ୍ୟନ୍ତ ମୃତ୍ୟୁ ନ ହୋଇଛି ସେପର୍ଯ୍ୟନ୍ତ ବଞ୍ଚି ରହିବି ବୋଲି ମନ ମଧ୍ୟରେ ଦୃଢ଼ ସଂକଳ୍ପ ନେବ। ଏହି କଥାକୁ ୭ ଦିନଯାଏ ଜପ କର ଦେଖିବ ସବୁ ଠିକ୍ ହୋଇଯିବ। ମୁଁ ପୁଣି ଆସନ୍ତା ସପ୍ତାହରେ ଆସିବି।’
ସାତଦିନ ପରେ ସାଧୁ ଆସି ଦେଖନ୍ତି ତ ବ୍ୟବସାୟୀ ରୋଗମୁକ୍ତ ହୋଇ ବଡ଼ ଆନନ୍ଦରେ ଗୀତ ଗାଉଛନ୍ତି। ସାଧୁଙ୍କୁ ଦେଖିବା କ୍ଷଣି ଦୌଡ଼ିଆସି ତାଙ୍କ ଗୋଡ଼ତଳେ ପଡି କହିଲେ, ‘ସ୍ୱାମିଜୀ ଆପଣ ମୋତେ ବଞ୍ଚେଇଦେଲେ। ଆପଣ କହିଥିବା କଥାକୁ ଜପ କରିବା ଦ୍ୱାରା ମୋ ଶରୀରରେ କୁହୁକ ଭଳି କାମ କଲା। ମୁଁ ଜାଣିଗଲି ଯେଉଁଦିନ ମୃତ୍ୟୁ ଆସିବ ସେହିଦିନ ମୃତ୍ୟୁବରଣ କରିବି ତା’ ପୂର୍ବରୁ ନୁହେଁ।’
ସାଧୁ କହିଲେ, ମୃତ୍ୟୁକୁ ଭୟ କରିବା ସବୁଠାରୁ ବଡ଼ ଭୟ। ମୃତ୍ୟୁ ହେବ ଭାବି ଭାବି ତାହା ଯେତେ ଜଣକୁ ମୃତ୍ୟୁ ଦେଇଥାଏ ଅନ୍ୟ କାରଣ ପାଇଁ ସେତେ ମୃତ୍ୟୁବରଣ ହୋଇ ନ ଥାଏ।

**–ସୁଧାଂଶୁ ଶେଖର ଦ୍ୱିବେଦୀ**
ବିଶି-୭୪,ସଲ୍ଟ ଲେକ୍, କୋଲକାତା
ମୋ-୬୨୯୧୩୪୨୨୫୯




ଗିନିଜ୍ ୱାର୍ଲ୍ଡ ରେକର୍ଡ

## ଆଖି ବନ୍ଦ କରି ଟାଇପ୍‌ରେ ରେକର୍ଡ



ପିଲାମାନେ ତୁମେ ତ କମ୍ପ୍ୟୁଟରରେ ଟାଇପ୍ କରିବା କାମ ଦେଖିଥିବ ନିଶ୍ଚୟ। ତେବେ ସମସ୍ତେ ହାତରେ ଟାଇପ୍ କରୁଥିବାର ତୁମେ ଦେଖିଥିବ। କିନ୍ତୁ ଏମିତି କେତେଜଣ ଅଛନ୍ତି ଯେଉଁମାନେ ନାକରେ, ଓଠରେ, ବାଡ଼ିରେ ଆଦି ବିଭିନ୍ନ ପ୍ରକାରରେ ଟାଇପ୍ କରିପାରନ୍ତି। ହଁ ଏମିତି ଭିନ୍ନ ଢଙ୍ଗରେ ଟାଇପ୍ କରି ରେକର୍ଡ କରିଛନ୍ତି ଦିଲ୍ଲୀର ବିନୋଦ କୁମାର ଚୌଧୁରୀ। ଦିଲ୍ଲୀ ଜେଏନ୍‌ୟୁ ସ୍କୁଲ ଅଫ୍ ଏନ୍‌ଭାଇରନ୍‌ମେଣ୍ଟାଲ୍ ସାଇନ୍ସ (ଏସ୍‌ଇଏସ୍)ରେ କମ୍ପ୍ୟୁଟର ଅପରେଟରଭାବେ କାମ କରୁଥିବା ବିନୋଦଙ୍କର କମ୍ପ୍ୟୁଟର ଟାଇପ୍ କରିବାରେ ବିଭିନ୍ନ ପ୍ରକାରର ରେକର୍ଡ ରହିଛି। ସେ ଆଖି ବନ୍ଦ କରି ଖୁବ୍‌ଶୀଘ୍ର ଟାଇପ୍ କରିପାରନ୍ତି। ଏହା ସହିତ ନାକରେ ଏବଂ ଗୋଟିଏ ଆଙ୍ଗୁଠିରେ, ଗୋଟିଏ ହାତରେ ଏବଂ ପାଟିରେ ଏକ ବାଡ଼ି ଧରି ଏମିତି ବିଭିନ୍ନ ଭାବରେ ସେ ଖୁବ୍‌ଶୀଘ୍ର ଟାଇପ୍ କରି ୯ଟି ଗିନିଜ୍ ୱାର୍ଲ୍ଡ ରେକର୍ଡ ରହିଛି। ଟାଇପିଂ କ୍ଷେତ୍ରରେ ତାଙ୍କର ଏଭଳି ରେକର୍ଡକୁ ଏପର୍ଯ୍ୟନ୍ତ କେହି ହେଲେ ଭାଙ୍ଗି ପାରି ନାହାନ୍ତି। ନାକରେ ସେ ୪୬.୩ ସେକେଣ୍ଡରେ ୧୦୩ଟି ଅକ୍ଷର ଟାଇପ୍ କରିପାରନ୍ତି। ଆଉ ଗୋଟିଏ ହାତରେ ଏହି ଅକ୍ଷରକୁ ସେ ମାତ୍ର ୬ ସେକେଣ୍ଡରେ କରିପାରନ୍ତି। ଏହିଭଳି ଭାବରେ ସେ ବିଭିନ୍ନ ପ୍ରକାରରେ ଟାଇପ୍ କରି ମୋଟ ୮ଟି ଗିନିଜ୍ ରେକର୍ଡ କରିଥିବାବେଳେ ସବୁଠୁ ଅଧିକ ଟେନିସ୍ ବଲକୁ ହାତରେ ଧରିପାରି ଆଉ ଏକ ଗିନିଜ୍ ରେକର୍ଡ କରିପାରିଛନ୍ତି। ଛୋଟବେଳରୁ ବାରମ୍ବାର ଅଭ୍ୟାସ କରିବା ଫଳରେ ଏବେ ସେ ଏହି ରେକର୍ଡ କରିପାରିଛନ୍ତି।

## ଖିଲିଖିଲି ହସ

୧

ଡାକ୍ତର- ଛାତ ଉପରୁ ତଳକୁ କାହିଁକି ଡେଉଁଥିଲ ?
ରୋଗୀ- ସାର୍ ପତଳା ହେବାକୁ।
ଡାକ୍ତର- କେମିତି ?
ରୋଗୀ- ପତଳା ହେବାକୁ ଏତେ ଔଷଧ ଖାଇଲି କିଛି ଲାଭ ହେଲାନି। ଭାବିଲି ତଳକୁ ଡେଇଁଲେ ଓଜନ କମ୍ ହେଇଯିବ। ହେଲେ ଆଶ୍ଚର୍ଯ୍ୟ କଥା ଏତେ ଉପରୁ ତଳକୁ ଡେଇଁଲି ହେଲେ ମୋର କିଛି ହେଇନି।
ଡାକ୍ତର- ହେଲେ ତମକୁ ବଞ୍ଚେଇବାକୁ ତଳେ ଯେଉଁମାନେ ଥିଲେ ସେମାନଙ୍କ ମଧ୍ୟରୁ ଜଣେ ମୃତ ଓ ଅନ୍ୟ ସମସ୍ତେ ଆହତ।

୨

ରୋଗୀ - ସାର୍ ଆପଣ ଯେଉଁ ଔଷଧ ଦେଇଥିଲେ ସେଥିରେ ମୋର ମୁଣ୍ଡବ୍ୟଥା, ଦେହ ଦରଜ, ଆଣ୍ଠୁଗଣ୍ଠି ଦରଜ ସମ୍ପୂର୍ଣ୍ଣ ଭଲ ହେଇଗଲା... ହେଲେ ଗୋଟିଏ ସମସ୍ୟା ରହିଛି ଯେ ମୋର ଆଦୌ ଝାଳ ବାହାରୁ ନାହିଁ।
ଡାକ୍ତର- ସେଥିପାଇଁ ଆଦୌ ଚିନ୍ତା କରନି। ମୋ ବିଲ୍ ଦେଖିଲେ ଏ ସମସ୍ୟା ବି ଦୂରେଇ ଯିବ।

## କହିଲ ଦେଖି

ହାତ ତା’ର ଲମ୍ବିଥାଏ
ଆମ ଦୁଇ କାନକୁ
ପିନ୍ଧିଦେଲେ ଭଲ ଦିଶେ
ଦୁଇ ଆଖି, ମୁହଁକୁ
ଉତ୍ତର- **ଚଷମା**



ସ୍ଥାନ ତା’ର ଖଟରେ
ପଶିଥାଏ ମୁଣାରେ
ତା’ଉପରେ ମୁଣ୍ଡଦେଇ
ଶୋଇଯାଏ ରାତିରେ।
ଉତ୍ତର- **ତକିଆ**



ଟିକିବଲ ଜଳେରେ
ଥାଏ ତା’ର ମୁହଁରେ
ଅନ୍ଧାରଟି ଦୂରେଯାଏ
ସୁଇଚ୍ ଟିପି ଦେଲେରେ।
ଉତ୍ତର- **ଟର୍ଚ୍ଚ**



ସକାଳେ ଓ ସଞ୍ଜଟାରେ
ନିତି ଘରେ ପହଁରେ
ଚାରିଆଡ଼ ସଫାକରେ
ମାଆ ଧରି ମୁଠାରେ।
ଉତ୍ତର- **ଝାଡୁ**



*ଶୁଭନାରାୟଣ ଶତପଥୀ,* ବିଜିପୁର, ବ୍ରହ୍ମଗିରି, ପୁରୀ

## କବିତା



### କାଳିଆ ଦିଅଁ

ରଙ୍ଗ ଯେ ରଙ୍ଗ କାଳିଆ ରଙ୍ଗ
ପରାଣକୁ ତ ଛୁଏଁ,
କାଳା ଦିଅଁଙ୍କ କଳା ପାଦରେ
ମଥାଟି ଆମ ନୁଏଁ।

ଆଖି ତ ଆଖି ତା’ ଚକାଆଖି
ସଂସାର ଦେଖୁଥାଏ,
ପାପ ପୁଣ୍ୟର କେତେ ବିଚାର
ସହଜେ କରୁଥାଏ।

ଦାଣ୍ଡ ତ ଦାଣ୍ଡ ତା’ ବଡଦାଣ୍ଡ
ମୁକତି ପଥ ଟିଏ,
ମରତେ ପରା ସରଗ ସୁଖ
ସରାଗେ ଢାଳିଦିଏ।

ଯାତ ତ ଯାତ ଗୁଣ୍ଡିଚା ଯାତ
ଜଗତେ ପରା ନାଆଁ,
ନନ୍ଦିଘୋଷର ଶବଦ ଶୁଭେ
ସହର ଠାରୁ ଗାଆଁ।

*–ଶରତ କୁମାର ଦାସ,* ବଡବିଲ
*ମହାବିଦ୍ୟାଳୟ, ବଡବିଲ, କେନ୍ଦୁଝର*

### ବନ ମହୋତ୍ସବ

ପ୍ରତି ବରଷ ଜୁଲାଇ ମାସ
ପ୍ରଥମ ସପ୍ତାହରେ
ବଣ ନାମରେ ମହୋତ୍ସବଟେ
ପାଳୁଛେ ଉତ୍ସାହରେ।

ଏକରୁ ଏକ ଗଛ ବଢ଼ିଲେ
ବଣର ହୁଏ ସୃଷ୍ଟି
ଜୀବନ ଆମ ରହିବା ପାଇଁ
ଗଛକୁ ଦେବା ଦୃଷ୍ଟି।

ଗଛ ଦେଉଛି ଅମଳଜାନ
ଅଙ୍ଗାରକାମ୍ଳ ନେଇ
ଅମ୍ଳଜାନଟି ଅମୃତତୁଲ୍ୟ
ଆମ ଜୀବନ ପାଇଁ।

ଗଛ ଓ ବଣ ହିତର କଥା
କହି ବସିଲେ ଏଠି
କେତେ ଯେ ଦିନ ବରଷ ମାସ
ଯିବରେ ସବୁ ବିତି।

*–ଶିବ ପ୍ରସାଦ ସାହୁ,*
*ଗୋପୀନାଥପୁର ସାହି,*
*ଚାନ୍ଦପୁର, ନୟାଗଡ଼*

### ଆସିଲା ବରଷା ମାସ

ଆସିଲା ବରଷା ମାସ
କଅଁଳି ଉଠିଲା ଘାସ
ଟ୍ରାକ୍ଟର ଏବେ ସଜ ହୋଇଲାଣି
ବିଲରେ କରିବ ଚାଷ।

ଆକାଶେ ବିଜୁଳି ମାରେ
ଟିପି ଟିପି ବୁନ୍ଦା ଝାରେ
ଏ ଦିନରେ ଭାରି ଡରଲାଗେ ମତେ
ଠିଆହେଲେ ନଈ ଧାରେ।

ରଜ ତିନିଦିନ ଗଲା
ବହି ତ ବାଇଆ କଲା
ପାଠ ଯେ ପଢ଼ିବ ସବୁଠି ଜିତିବ
ଅପାଠୁଆ ପିଲା ମଲା।

*–ଶିଶିର କୁମାର ପଣ୍ଡା , କୁଆଁସ,*
*ମେରଦା କାଟିଆ, ଯାଜପୁର*

### ସାଧବ ବୋହୂ

ଥିରି ଥିରି ଚାଲି କୁଆଡ଼େ ଯାଉଛୁ
ଅଳସୀ ସାଧବ ବୋହୂ
ଏତେ ସୁନ୍ଦରୀ ତୁ କେମିତି ହେଲୁ
ଝରେ ତୋ ଓଠରୁ ମହୁ।

ବରଷକେ ଥରେ ପହିଲି ଆଷାଢ଼େ
ଲୁଚି ଲୁଚି ଦେଖାଯାଉ
ସବୁଜ ଘାସରେ ଚାଲୁଥିଲେ ତୁହି
ସଭି ମନ ମୋହିନେଉ।

ଲାଲ୍ ଟୁକୁ ଟୁକୁ ଦେହଟି ତୋହର
ଦିଶୁଛି ଭାରି ସୁନ୍ଦର
ନୂଆ ବୋହୂ ପରି ଦିଶୁଥାଉ ସତେ
କେଉଁଠି ତୋହର ଘର।

**–ପ୍ରତିଭା ସାହୁ ,** ବଇଣ୍ଡା, ହାଇସ୍କୁଲ
ରୋଡ୍, ଅନୁଗୋଳ

### ରୋଗରେ ପଡ଼େନା ମୁହିଁ

ସଫା ସୁତୁରାକୁ ସଭିଏଁ ପାଆନ୍ତି ଭଲ
ଅସନା ଲୋକଠୁ ସଭିଏଁ ରହନ୍ତି ଦୂର।

ଖାଇବା ଆଗରୁ ସାବୁନରେ ଧୁଏଁ ହାତ
ରୋଗ ଜୀବାଣୁ ତ ଅସନାରୁ ହୁଏ ଜାତ।

ସୂରୁଜ ଉଇଁବା ଆଗରୁ ଉଠଇ ନିତି
ଦାନ୍ତ ଘଷି ଦିଏ ରୋଗକୁ ନ ଥାଏ ଭୀତି।

ବ୍ୟାୟାମ କରଇ ଦେହ ମୋ ରହିବ ଭଲ
ପାଠପଢ଼ା ବେଳେ ମନେ ଆସେ ବହୁ ବଳ।

ଦେହ ଯତନରେ ଅବହେଳା କରେ ନାହିଁ
ସେଥିପାଇଁ ସିନା ରୋଗରେ ପଡ଼େନା ମୁହିଁ।

*–ସୁଶ୍ରୀ ସବିତା ଭୋଇ*
*ଦମକିପାଲି, ପାଟଣାଗଡ଼, ବଲାଙ୍ଗୀର*





## ମତାମତ

➔ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ଏଥର ପ୍ରକାଶିତ ଗପଟିରେ ସମସ୍ତଙ୍କ ସହିତ ସୁସମ୍ପର୍କ ରଖି ଚଳିବା ନେଇ ଶିକ୍ଷା ଦିଆଯାଇଛି।
*–ରିମଝିମ୍ ମହାନ୍ତି, କଟକ*

➔ବର୍ଷାଋତୁକୁ ନେଇ ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ପ୍ରକାଶିକ କବିତାଗୁଡିକ ବି ଭଲ ଲାଗିଲା।
ଅଶ୍ୱିନୀ କୁମାର ଜେନା, କେନ୍ଦୁଝର

➔‘କହିଲ ଦେଖି’ ସ୍ତମ୍ଭରେ କବିତା ଶୈଳୀରେ ବିଭିନ୍ନ ବିଷୟ ଉପସ୍ଥାପନା ପ୍ରତିଥର ପରି ଏଥର ବି ବହୁତ ଭଲ ହୋଇଥିଲା।
*–ସିମାଞ୍ଚଳ ପ୍ରଧାନ, ପୁରୀ*

## ଟଗଲା ଭୀମୁ






**ଓଁକାର ଆଦିତ୍ୟ ସାହୁ,** କ୍ଲାସ- ୬, ଡିଏଭି ପବ୍ଲିକ୍ ସ୍କୁଲ, ସିଡିଏ ସେକ୍ଟର-୬, କଟକ




**ସମୀକ୍ଷା ମହାପାତ୍ର,** କ୍ଲାସ-୪, ଭେଙ୍କଟେଶ୍ୱର ଇଂଲିଶ ମିଡିୟମ୍ ସ୍କୁଲ, ବରମୁଣ୍ଡା, ଭୁବନେଶ୍ୱର



**ସାଇରାଜ୍ ପତି,** କ୍ଲାସ- ୭, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାଇଁଶିଆ, ଢେଙ୍କାନାଳ

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ଶନିବାର, ଜୁଲାଇ ୩/୨୦୨୧ Rayagada, Saturday, July 3/ 2021


## ପ୍ଲିସ୍‌କୋଭା, ସ୍ୱିଟେକ ଚତୁର୍ଥ ରାଉଣ୍ଡରେ

**ୱିମ୍ବଲଡନ, ୨।୭**

ଚେକ୍ ରିପବ୍ଲିକର କାରୋଲିନା ପ୍ଲିସ୍‌କୋଭା, ପୋଲାଣ୍ଡର ଇଗା ସ୍ୱିଟେକ ପ୍ରମୁଖ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ୪ର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ତୃତୀୟ ରାଉଣ୍ଡ ମ୍ୟାଚରେ ପ୍ଲିସ୍‌କୋଭା ନିଜ ଦେଶର ଟେରେଜା ମାର୍ଟିନକୋଭାଙ୍କୁ ୬-୩, ୬-୩ ସେଟ୍‌ରେ ହରାଇଥିବାବେଳେ ସ୍ୱିଟେକ ରୋମାନିଆର ଇରିନା କାମେଲିଆ ବେଗୁଙ୍କୁ ୬-୧, ୬-୦ ସେଟ୍‌ରେ ପରାସ୍ତ କରିଛନ୍ତି। ଅନ୍ୟ ଏକ ତୃତୀୟ ରାଉଣ୍ଡ ମ୍ୟାଚରେ ଆରିନା ସାବାଲେଙ୍କା ୬-୦, ୬-୩ ସେଟ୍‌ରେ ମାରିଆ କାମିଲିଆଙ୍କୁ ହରାଇ ଦେଇଛନ୍ତି। ସେହିପରି ଏଲିନା ରିବକିନା ୬-୧, ୬-୪ ସେଟ୍‌ରେ ଶେଲବି ରୋଜର୍ସଙ୍କୁ



କାରୋଲିନା ପ୍ଲିସ୍‌କୋଭା

ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୨୦୧୭ ୱିମ୍ବଲଡନ ଚାମ୍ପିୟନ ସ୍ପେନର ଗାର୍ବିନ ମୁଗୁରୁଜାଙ୍କ ଅଭିଯାନ ତୃତୀୟ ରାଉଣ୍ଡରୁ ଶେଷ ହୋଇ ଯାଇଛି। ଟ୍ୟୁନିସିଆର ଓନ୍ସ ଜାବେଉର ୫-୭, ୬-୩, ୬-୨ ସେଟ୍‌ରେ ମୁଗୁରୁଜାଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି।

### ରୁବଲେଭ ବିଜୟୀ

ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମ୍ୟାଚରେ ଆନ୍ଦ୍ରେ ରୁବଲେଭ ୬-୩, ୫-୭, ୬-୪, ୬-୨ ସେଟ୍‌ରେ ଫାବିଓ ଫୋଗନିନିଙ୍କୁ ପରାସ୍ତ କରିଛନ୍ତି। ଅନ୍ୟ ଏକ ମ୍ୟାଚରେ କାରେନ ଖାଚାନୋଭ ୬-୩, ୬-୪, ୬-୪ ସେଟ୍‌ରେ ଫ୍ରାନ୍ସେସ ଟିଆଫୋଙ୍କୁ ହରାଇ ଦେଇଛନ୍ତି। ରବର୍ଟୋ ବୌଟିଷ୍ଟା ଅଗୁଟ୭-୫, ୬-୧, ୭-୬(୭/୪) ସେଟ୍‌ରେ ଡୋମିନିକ କୋଏଫରଙ୍କୁ ଏବଂ କ୍ରିଷ୍ଟିଆନ ଗାରିନ ୬-୪, ୬-୩, ୪-୬, ୬-୪ ସେଟ୍‌ରେ ପେଡ୍ରୋ ମାର୍ଟିନଜେଙ୍କୁ ହରାଇ ୪ର୍ଥ ରାଉଣ୍ଡରେ ପହଞ୍ଚିଛନ୍ତି। ପୂର୍ବରୁ ଅନୁଷ୍ଠିତ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ରୋଜର ଫେଡରର ୭-୬(୭/୧), ୬-୧, ୬-୪ ସେଟ୍‌ରେ ରିଚାର୍ଡ ଗାସକ୍ୱେଟଙ୍କୁ, ମାରିନ ସିଲିକ ୬-୪, ୩-୬, ୬-୩, ୭-୬(୭/୫) ସେଟ୍‌ରେ ବେଞ୍ଜାମିନ୍ ବୋଞ୍ଜିଙ୍କୁ ହରାଇ ଦେଇଛନ୍ତି। ସେହିପରି ଡାନିଏଲ ମେଡଭେଡେଭ ୬-୪, ୬-୧, ୬-୨ ସେଟ୍‌ରେ କାର୍ଲୋସ ଆଲ୍‌କାରାଜ ଗାର୍ଫିଆଙ୍କୁ ଏବଂ ନିକ୍ କିର୍ଗୋସ ୭-୬(୯/୭), ୬-୪, ୬-୪ ସେଟ୍‌ରେ ଜିଆନଲୁକା ମଗେରଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।

## ବୋପାନ୍ନା-ସାନିଆ ବିଜୟୀ

**ୱିମ୍ବଲଡନ ଗ୍ରାଣ୍ଡସ୍ଲାମ୍ ଟେନିସ**

**ଲଣ୍ଡନ, ୨।୭(ପି.ଟି.)**

ଅଭିଜ୍ଞ ସାନିଆ ମିର୍ଜା ଓ ରୋହନ ବୋପାନ୍ନା ଯୋଡ଼ି ଚଳିତ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ମିକ୍ସଡ ଡବଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅଲ୍ ଇଣ୍ଡିଆନ ପ୍ରଥମ ରାଉଣ୍ଡ ମୁକାବିଲାରେ ବୋପାନ୍ନା-ସାନିଆ ୬-୨, ୭-୬(୫) ସେଟ୍‌ରେ ନିଜ ଦେଶର ରାମକୁମାର ରମାନାଥନ ଓ ଅଙ୍କିତା ରାଇନାଙ୍କୁ ପରାସ୍ତ କରିଛନ୍ତି। ଓପନ ଯୁଗରେ ପ୍ରଥମ ଥର ପାଇଁ ଦୁଇ ଭାରତୀୟ ଯୋଡ଼ି କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ପ୍ରଥମ ଥର ପାଇଁ ମୁହାଁମୁହିଁ ହୋଇଥିଲେ। ରାମକୁମାରଙ୍କ ପାଇଁ ଏହା ଗ୍ରାଣ୍ଡସ୍ଲାମ ପଦାର୍ପଣ ମ୍ୟାଚ ଥିଲା। ପୂର୍ବରୁ ସେ ୨୧ ଥର ପୁରୁଷ ସିଙ୍ଗଲ୍ସ ମୁଖ୍ୟ ଡ୍ର'ରେ ସ୍ଥାନ ପାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ସାନିଆ-ବୋପାନ୍ନା ପ୍ରଥମ ରାଉଣ୍ଡରେ ସହଜରେ ବିଜୟୀ ହୋଇଥିଲେ ହେଁ ଦ୍ୱିତୀୟ ରାଉଣ୍ଡରେ ରାମକୁମାର-ଅଙ୍କିତା କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ମାତ୍ର ଶେଷରେ ଭେଟେରାନ ଯୋଡ଼ିଙ୍କର ବିଜୟ ହୋଇଥିଲା। ତେବେ ସାନିଆଙ୍କ ସର୍ଭିସ ଶଟ୍ ସେତେଟା ପ୍ରଭାବୀ ନ ଥିଲା।



ସାନିଆ ମିର୍ଜା ଓ ରୋହନ ବୋପାନ୍ନା।

## ରେସ୍‌ଲର ସୁମିତ ୨ବର୍ଷ ବାସନ୍ଦ

**ନୂଆଦିଲ୍ଲୀ, ୨।୭ (ପି.ଟି.):** ଭାରତୀୟ ରେସ୍‌ଲର ସୁମିତ ମଲିକଙ୍କ 'ବି' ସାମ୍ପଲରେ ନିଷିଦ୍ଧ ଉତ୍ତେଜକ (ଷ୍ଟିମୁଲାଣ୍ଟ) ଦ୍ରବ୍ୟ ଠାବ ହେବା ପରେ ଖେଳର ବିଶ୍ୱ ପରିଚାଳନା ସଂସ୍ଥା ୟୁଡବ୍ଲ୍ୟୁଡବ୍ଲ୍ୟୁ ଶୁକ୍ରବାର ତାଙ୍କୁ ୨ବର୍ଷ ବାସନ୍ଦ କରିଛି। ୨୮ ବର୍ଷୀୟ ଏହି କୁସ୍ତିଯୋଦ୍ଧା ଚାହିଁଲେ ଦଣ୍ଡକୁ ନେଇ ଚ୍ୟାଲେଞ୍ଜ କରିପାରିବେ। ଏଥିଲାଗି ତାଙ୍କୁ ଏକ ସପ୍ତାହ ସମୟ ଦିଆଯାଇଛି। ସୋଫିଆରେ ବିଶ୍ୱ ଅଲିମ୍ପିକ କ୍ୱାଲିଫାୟର ଇଭେଣ୍ଟ ବେଳେ ଗତ ମାସରେ ହୋଇଥିବା ଡୋପ୍ ଟେଷ୍ଟରେ ମଲିକ ବିଫଳ ହୋଇଥିଲେ, ଯେଉଁଠାରେ କି ସେ ୧୨୫କେଜି ଶ୍ରେଣୀରେ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ତାଙ୍କୁ ସାମୟିକ ବାସନ୍ଦ କରାଯାଇଥିଲା। ଜୁନ୍ ୩୦ରେ ତାଙ୍କ 'ବି' ସାମ୍ପଲ ଓପନ କରାଯାଇଥିଲା। ଏଥିରେ ମଧ୍ୟ ଫଳାଫଳ ସମାନ ରହିଥିଲା। ବାସନ୍ଦ ଦଣ୍ଡ ଜୁନ୍ ୩ରୁ ଲାଗୁ ହେବ ବୋଲି ରେସ୍‌ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ) ସୂତ୍ରରୁ ପ୍ରକାଶ। ଖବର ଅନୁସାରେ ରୋହତକ୍‌ର ମଲିକ ତାଙ୍କ ଓକିଲଙ୍କ ସହ ପରାମର୍ଶ ନେଉଛନ୍ତି। ସେ ଖୁବ୍ ଶୀଘ୍ର ନିଷ୍ପତ୍ତି ନେବେ। ସାମ୍ପଲରେ ଠାବ କରାଯାଇଥିବା ଦ୍ରବ୍ୟ ଷ୍ଟେରଏଡ୍ ନୁହେଁ ଏକପ୍ରକାର ଷ୍ଟିମୁଲାଣ୍ଟ ହୋଇଥିବାରୁ ମଲିକ ଚ୍ୟାଲେଞ୍ଜ କରିପାରିବେ। ବିଭିନ୍ନ ଭେନ୍ୟୁରେ ଅଲିମ୍ପିକ କ୍ୱାଲିଫାୟର୍ସ ଆରମ୍ଭ ହେବା ପୂର୍ବରୁ ଜାତୀୟ କ୍ୟାମ୍ପ ଚାଲିଥିବାବେଳେ ମଲିକଙ୍କ ଆଣ୍ଠୁରେ ଇଞ୍ଜୁରି ହୋଇଥିଲା। ଏଥିପାଇଁ ସେ ଚିକିତ୍ସିତ ହେଉଥିଲେ।










Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ